JULY 13, 2026
MONDAY, BHUBANESWAR

ଜୁଲାଇ ୧୩, ୨୦୨୬
ସୋମବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 308 ବର୍ଷ- ୧ ● ସଂଖ୍ୟା- ୩୦୮ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

### ପ୍ରଭୁ ଅଲାରନାଥଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼
## ମୁଖ୍ୟ ଆକର୍ଷଣ 'ଖୀରି ପ୍ରସାଦ'

ପୁରୀ,୧୨/୭-ସ୍ନାନପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରସ୍ଥ ସ୍ନାନବେଦୀରେ ଚତୁର୍ଦ୍ଧାମୂର୍ତ୍ତି ୧୦୮ଗରା ଅଭିମନ୍ତ୍ରିତ ଅଧିବାସ ସୁବାସିତ ଜଳରେ ସ୍ନାନ କରିବା ପରେ ଭିଷଣ ଜ୍ୱରରେ ପୀଡିତ ହୋଇ ଅଣସର ଘରେ ଅବସ୍ଥାନ କରୁଛନ୍ତି । ଶ୍ରୀମନ୍ଦିରରେ ଭକ୍ତ ଶ୍ରୀଜୀଉଙ୍କ ଦର୍ଶନ କରିନପାରି ବ୍ୟାକୁଳ ହେଉଛି । ଏହି ସମୟରେ ବ୍ରହ୍ମଗିରି



- ■ଦର୍ଶନ ପାଇଁ ଲାଗିଲା ଲମ୍ବା ଲାଇନ୍
- ■ବ୍ରହ୍ମଗିରିରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଜୟଧ୍ୱନି
- ■କଳାମୁଗୁନି ପଥରର ଜୀବନ୍ତ ନାରାୟଣ ମୂର୍ତ୍ତି

ସ୍ଥିତ ଶ୍ରୀଅଲାରନାଥ ଚତୁର୍ଦ୍ଧାମୂର୍ତ୍ତି ନାରାୟଣଙ୍କୁ ବର୍ତ୍ତମାନ ଦର୍ଶନ କରି ଶ୍ରୀଜୀଉଙ୍କ ଦର୍ଶନର ସମ୍ପୂର୍ଣ୍ଣ ଫଳ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଅଣସର ସମୟରେ ଗୋଟିଏ ଦିନ ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ କୋଟିପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଶ୍ରୀଅଲାରନାଥଙ୍କ ପ୍ରିୟ ଭୋଗ ଖୀରି ହୋଇଥିବାରୁ ଖୀରି ପ୍ରିୟ ଶ୍ରୀଅଲାରନାଥ ବୋଲି ଭକ୍ତମାନେ କହିଥାନ୍ତି । ଶ୍ରୀକ୍ଷେତ୍ର ପୁରୀ ସ୍ଥିତ ନରେନ୍ଦ୍ରକୋଣ ଜଟିଆ ବାବାଜୀ ଛକ ଠାରୁ ପୁରୀ ସାତପଡା ରାସ୍ତାରେ ୨୦ କିଲୋମିଟର ଯିବା ପରେ ବ୍ରହ୍ମଗିରି ଗୋପ ଛକ ପଡିଥାଏ । ଏହି ଛକର ବାମ ପାର୍ଶ୍ୱରେ ଶ୍ରୀଅଲାରନାଥଙ୍କ ତୋରଣ ଦୃଶ୍ୟମାନ ହୁଏ । ତୋରଣ ଠାରୁ ଅଳ୍ପ ଦୂର ଗଲେ ଶ୍ରୀଅଲାରନାଥଙ୍କ ମନ୍ଦିର ପଡିଥାଏ ।ଶ୍ରୀଅଲାରନାଥଙ୍କ ବିଗ୍ରହ ସାକ୍ଷାତ ନାରାୟଣ ମୂର୍ତ୍ତି । ମୂର୍ତ୍ତିର ବାମ ଓ ଦକ୍ଷିଣ ପାର୍ଶ୍ୱ ଏକ ତୋରଣ ବିଶିଷ୍ଟ ଗୋଟିଏ କଳାମୁଗୁନି ପଥରରେ ଏହା ନିର୍ମିତ ହୋଇଛି । ଶ୍ରୀବିଗ୍ରହଙ୍କ ଉଚ୍ଚତା ସାଢେ ପାଞ୍ଚ ଫୁଟ । ଶ୍ରୀବିଗ୍ରହଙ୍କ ଦୁଇପାଦ ପାର୍ଶ୍ୱରେ ଭୂଦେବୀ ଓ ଶ୍ରୀଦେବୀ ବିରାଜମାନ । ଚରଣ ତଳେ ଶ୍ରୀଗରୁଡ ମୂର୍ତ୍ତି ପ୍ରାର୍ଥନାରତ । ମୂର୍ତ୍ତିର ଦୁଇ ପାର୍ଶ୍ୱରେ ଲଳିତା ଓ ବିଶାଖା ଚାମରରତ । ତୋରଣ ଉପରେ ବ୍ରହ୍ମା ଓ ଶିବ ବିରାଜମାନ । କର୍ଣ୍ଣରେ ମକର କୁଣ୍ଡଳ ଧାରଣ କରିଛନ୍ତି । କଣ୍ଠରେ ରତ୍ନହାର ବିଦ୍ୟମାନ । ସ୍କନ୍ଧରେ ଯଜ୍ଞ ପବିତ ଧାରଣ କରିଛନ୍ତି । ପାଦରେ ନୂପୁର, ହସ୍ତରେ ବାହୁଟି, ଆଙ୍ଗୁଠିରେ ମୁଦ୍ରିକା, ଉର୍ଦ୍ଧ୍ୱ ବାମ ହସ୍ତରେ ଶଙ୍ଖ, ଉର୍ଦ୍ଧ୍ୱ ଡାହାଣ ହସ୍ତରେ ଚକ୍ର । ପୃଷ୍ଠା ୨...

### ବିଜେଡିରେ ଭୂକମ୍ପ, କଟକ ଓ ଯୋଡ଼ାର ଶତାଧିକ ନେତା-କର୍ମୀ ବିଜେପିରେ ସାମିଲ
# ରାଷ୍ଟ୍ର ପ୍ରଥମ, ଦଳ ଦ୍ୱିତୀୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, .୧୨/୦୭: ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ପ୍ରଭାତ ବିଶ୍ୱାଳ ନିଜ ସହସ୍ରାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି । ସେହିପରି ୬ ଜଣ କାଉନସିଲରଙ୍କ ସମେତ ଯୋଡା ମ୍ୟୁନିସିପାଲିଟିର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁ ବିଜେଡି ଛାଡି ଅନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ସମସ୍ତ ନୂତନ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି ।ଏହି ମିଶ୍ରଣ ପର୍ବରେ କଟକ ମହାନଗର ନିଗମର କର୍ପୋରେଟର ପଦ୍ମିନୀ ସାହୁ, ମିନା ସାହୁ, ଚୌଦ୍ୱାର ପୌରପାଳିକା କାଉନ୍ସିଲର ସୁଜାତା ସାହୁ, ଟାଙ୍ଗୀ ଚୌଦ୍ୱାର ପଂଚାୟତ ସମିତି ଉପାଧକ୍ଷା ସୁପ୍ରିୟା ଜେଠୀ, ସରପଂଚ ଶୈଳବାଳା ନାୟକ, ଦିଲୀପ କୁମାର ଭୋଇ, ନମିତା ମଲ୍ଲିକ୍, ସମିତିସଭ୍ୟା ବନ୍ଦନା ସ୍ୱାଇଁ, ରୀତା ରାଉତ, କଟକ ପୂର୍ବତନ କର୍ପୋରେଟର ଧର୍ମାନନ୍ଦ ପାତ୍ର, କଟକ ଜିଲ୍ଲା ବିଜେଡି ସାଧାରଣ ସଂପାଦକ ଏମ୍ ଡି ଫରିଦ, ମହେନ୍ଦ୍ର ନାୟକ, ନାଗୁଣୀ ଚରଣ ମହାନ୍ତି, ରମାକାନ୍ତ ଲେଙ୍କା, ଇଂ. ଆଶିଷ କୁମାର ସ୍ୱାଇଁ, ସୁଭେନ୍ଦୁ ସେନଗୁପ୍ତା, ଫିରୋଜ ମହାପାତ୍ର, ହିମାଂଶୁ ଶେଖର ଷଡ଼ଙ୍ଗୀ, ଦିପାଳିବାଳା ଭୁୟାଁ, ବିଜେଡି ଉପସଭାପତି ଉପସଭାପତି ସଂଜିବ୍ ଦାସଙ୍କ ସମେତ ବିଭିନ୍ନ ୱାର୍ଡର ପ୍ରମୁଖ ବିଜେଡି ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି ।ସେହିପରି ବିଶ୍ୱଭାରତୀ ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ.ବୈଷ୍ଣବ ଚରଣ ସାମଲ, ୧୮୨ ବରିଷ୍ଠ ନାଗରିକ ସଂଘର ସଭାପତି ଡ. ପ୍ରଫେସର କୃପାସିନ୍ଧୁ ପଣ୍ଡା, ଏଏନ୍ଏଚ୍ କଟକ ସର୍କଲର ଅବସରପ୍ରାପ୍ତ ସଭାପତି ଡ. ପ୍ରଫେସର ଅନଙ୍ଗ ଦ୍ୱିବେଦୀ, ଓଡ଼ିଶା ଉଚ୍ଚନ୍ୟାୟାଳୟ ଅବସରପ୍ରାପ୍ତ ବିଚାରପତି ନୃସିଂହ ଚରଣ ଷଡ଼ଙ୍ଗୀ, ଖଣ୍ଡାୟତ-କ୍ଷେତ୍ରୀୟ ମହାସଂଘ ଅବସରପ୍ରାପ୍ତ ସମ୍ପାଦକ, ଓଏଏସ୍, ଶ୍ୟାମସୁନ୍ଦର ସାମଲ, ଓୟୁଏଟିର ପୂର୍ବତନ ଡିନ୍ ବୈଜ୍ଞାନିକ ପ୍ରଫେସର ସଞ୍ଜୟ ସାମନ୍ତରାୟ, ପୂର୍ବାଂଚଳ କଲ୍ୟାଣ ସମିତି ସଭାପତି, ଅବସରପ୍ରାପ୍ତ ଏସ୍‌ପି ତୁସାର ଦାସ, କଟକ ଏସ୍‌ସିବି ମେଡିକାଲ କଲେଜର ଅବସରପ୍ରାପ୍ତ ଏଚ୍‌ଓଡି (ମେଡିସିନ)ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ ପୂର୍ବତନ ଉପଦେଷ୍ଟା ଦିଲ୍ଲୀପ କୁମାର ସାହୁ, କଟକ ପୂର୍ବାଂଚଳ ଶାନ୍ତିକମିଟି ସଭାପତି ବିଜୟ କୁମାର ସାହୁ, କଟକ ଜିଲ୍ଲା ବିଜେଡିର ପୂର୍ବତନ ଜିଲ୍ଲା ଉପସଭାପତି ଶରତ ଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀଧର ସାହୁ, ଏମ୍‌ଡି ଦିଲ୍‌ସାଦ୍, ପୃଷ୍ଠା ୨...

- ❖କଟକରେ ଶକ୍ତିଶାଳୀ ହେଲା ପଦ୍ମ
- ❖ଲୋକେ ଆଉ ବିଜେଡିକୁ ଚାହୁଁନାହାନ୍ତି
- ❖ବିଜେପିରେ ମିଶିଲେ ବିଜେଡିର ହେଭିୱେଟ୍ ନେତା ପ୍ରଭାତ ବିଶ୍ୱାଳ
- ❖ମୋହନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେପିମୁଖୀ ନେତା
- ❖କଟକରେ ବିଜେପି ସଂଗଠନକୁ ଅଧିକ ସୁଦୃଢ଼ କରିବ ପ୍ରଭାତଙ୍କ ଯୋଗଦାନ : ମନମୋହନ ସାମଲ



### ଚାଷୀଙ୍କ ଉନ୍ନତି ପାଇଁ ଲଢ଼ିବ ବିଜେପି କୃଷକ ମୋର୍ଚ୍ଚା
## କୃଷକଙ୍କ ଆୟ ଦ୍ୱିଗୁଣିତ କରିବାକୁ ବିଜେପି ବଦ୍ଧପରିକର: ମନମୋହନ ସାମଲ

ଭୁବନେଶ୍ୱର,.୧୨/୦୭: କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଜେପି ସରକାର ସମର୍ପିତ । ଓଡ଼ିଶାରେ ବିଜେପି ସରକାର ଆସିବା ପରେ କୃଷି ଓ କୃଷକଙ୍କ ଦିନକୁ ଦିନ ଉନ୍ନତି ହେବାରେ ଲାଗିଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃଷି ଓ କୃଷକର ଉନ୍ନତି ପାଇଁ ଅନେକ କୃଷି କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି । ଏସବୁ ଯୋଜନା କିପରି ରାଜ୍ୟର ଚାଷୀମାନଙ୍କ ପାଖରେ ପହଂଚିବ ସେନେଇ କାର୍ଯ୍ୟକର୍ତାମାନଙ୍କୁ ଦାୟିତ୍ୱ ଦିଆଯାଇଛି । ସରକାର ଓ ଚାଷୀଙ୍କ ମଧ୍ୟରେ କୃଷକ ମୋର୍ଚ୍ଚା ସେତୁ ପରି କାର୍ଯ୍ୟ କରିବ ବୋଲି ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ କହିଛନ୍ତି । ବୈଠକ ସଂପର୍କରେ ସୂଚନା ଦେଇ ଶ୍ରୀ ପାଢ଼ୀ କହିଛନ୍ତି ଯେ, ପୂର୍ବ ସରକାର ସମୟରେ କୃଷକମାନଙ୍କ ଉନ୍ନତି ଉପରେ ଧ୍ୟାନ ଦିଆଯାଉ ନଥିଲା । ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ କୃଷକ କଲ୍ୟାଣକାରୀ ଯୋଜନାଗୁଡ଼ିକ ଲୋକଙ୍କ ପାଖରେ ପହଂଚି ପାରୁନଥିଲା । ମୋଦିଜୀ କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବା ଉପରେ କାର୍ଯ୍ୟ କରୁଛନ୍ତି । ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃଷକଙ୍କ ସାମୁହିକ ବିକାଶ ପାଇଁ ବଦ୍ଧପରିକର । ରାଜ୍ୟର ସମସ୍ତ କୃଷକ ଯେପରି କଲ୍ୟାଣକାରୀ ଯୋଜନାଗୁଡ଼ିକର ଲାଭ ଉଠାଇପାରିବେ ସେନେଇ ସେମାନଙ୍କୁ ଅବଗତ କରାଇବା ପାଇଁ କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତାଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି । ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ବୈଠକରେ ଯୋଗଦେଇ ବିଭିନ୍ନ ଜିଲ୍ଲାରୁ ଆସିଥିବା ମୋର୍ଚ୍ଚାର କାର୍ଯ୍ୟକର୍ତାମାନଙ୍କ ମାର୍ଗଦର୍ଶନ କରିଥିଲେ । ମନ୍ତ୍ରୀ ଗଣେଶରାମ ସିଂ ଖୁଂଟିଆ ଯୋଗଦେଇ ପରିବର୍ତୀତ ପରିବେଶ ଯୋଗୁ ଚାଷ ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ଅବଗତ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ଉପସଭାପତି ଶିବାଜୀ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ସୀମାଂଚଳ ଖଟେଇ, ରାଜ୍ୟ ଉପସଭାପତି ଆଲୋକ ମହାନ୍ତି, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଆର୍ତବନ୍ଧୁ ପୃଷ୍ଟି, ଶ୍ରୀକାନ୍ତ ମିଶ୍ର, ରାଜ୍ୟ ସଂପାଦିକା ସୁଚରିତା ଜେନାମଣି, କୋଷାଧକ୍ଷ ବିଶ୍ୱଜିତ ସ୍ୱାଇଁ, ମିଡିଆ ସଂଯୋଜିକା ପୂର୍ଣ୍ଣବାସୀ ମହାପାତ୍ରଙ୍କ ସମେତ ମୋର୍ଚ୍ଚାର ରାଜ୍ୟ ପଦାଧିକାରୀ ଓ ଜିଲ୍ଲା ସଭାପତି ଏବଂ ସାଧାରଣ ସମ୍ପାଦକମାନେ ଉପସ୍ଥିତ ଥିଲେ ।




- ❑କୃଷକଙ୍କ ବିକାଶ ହିଁ ମୋହନ ସରକାରଙ୍କ ପ୍ରାଥମିକତା
- ❑ଘରେ ଘରେ ପହଞ୍ଚିବ ସରକାରଙ୍କ କୃଷି ଯୋଜନା
- ❑କୃଷକଙ୍କ ସାମଗ୍ରିକ ବିକାଶ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କଲା ବିଜେପି
- ❑ଚାଷୀ ଓ ସରକାରଙ୍କ ମଧ୍ୟରେ ସେତୁ ସାଜିବ କୃଷକ ମୋର୍ଚ୍ଚା

## ସମୁଦ୍ରରେ ୪.୫ ତୀବ୍ରତାର ଭୂମିକମ୍ପ

ଭୁବନେଶ୍ୱର ୧୨/୦୭ ; ବଙ୍ଗୋପସାଗରରେ ଅନୁଭୂତ ହୋଇଛି ଏକ ମଧ୍ୟମ ଧରଣର ଭୂମିକମ୍ପ । ସମୁଦ୍ର ଗର୍ଭରେ ସୃଷ୍ଟି ହୋଇଥିବା ଏହି କମ୍ପନର ତୀବ୍ରତା ରିକ୍ଟର ସ୍କେଲରେ ୪.୫ ରେକର୍ଡ କରାଯାଇଛି । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଏହି ସୂଚନା ଦେଇଥିବା ବେଳେ ଓଡ଼ିଶାର ନିର୍ଦ୍ଦେଶକ ଡକ୍ଟର ଶରତ ସାହୁ ମଧ୍ୟ ଏହାକୁ ନେଇ ଆଲର୍ଟ କରିଛନ୍ତି ।ସବୁଠାରୁ ବଡ଼ କଥା ହେଉଛି, ସମୁଦ୍ର ଭିତରେ ଭୂକମ୍ପ ହୋଇଥିଲେ ସୁଦ୍ଧା ପଡ଼ୋଶୀ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାର କିଛି ଅଞ୍ଚଳରେ ମୃଦୁ ଝଟ୍କା ଅନୁଭୂତ ହୋଇଛି । ଜାତୀୟ

### ଜାରି ହେଲା ଆଲର୍ଟ

ଭୂକମ୍ପ ବିଜ୍ଞାନ କେନ୍ଦ୍ର ର ତଥ୍ୟ ଅନୁଯାୟୀ, ଭୋର୍ ୫ଟା ୫ ମିନିଟ୍ ୪୬ ସେକେଣ୍ଡରେ ସମୁଦ୍ର ଗର୍ଭରେ ଏହି ଭୂକମ୍ପନ ସୃଷ୍ଟି ହୋଇଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୫ ଥିବା ବେଳେ ବଙ୍ଗୋପସାଗରର ପ୍ରାୟ ୧୦ କିଲୋମିଟର ଗଭୀରରେ ଏହାର କେନ୍ଦ୍ରସ୍ଥଳୀ ରହିଥିଲା । ସମୁଦ୍ର ଭିତରେ ହୋଇଥିବା ଏହି ଭୂମିକମ୍ପର କେନ୍ଦ୍ରସ୍ଥଳୀ ଓଡ଼ିଶା ଏବଂ ଆନ୍ଧ୍ର ଉପକୂଳର ନିକଟବର୍ତ୍ତୀ ଅଞ୍ଚଳ ବୋଲି ଜଣାପଡ଼ିଛି ।ବିଶେଷ କରି ଓଡ଼ିଶାର ବ୍ରହ୍ମପୁରଠାରୁ ୨୮୨ କିଲୋମିଟର ଦକ୍ଷିଣରେ ଏବଂ ପୁରୀଠାରୁ ପ୍ରାୟ ୩୬୭ କିଲୋମିଟର ଦକ୍ଷିଣ-ଦକ୍ଷିଣ ପଶ୍ଚିମରେ ଏହି କେନ୍ଦ୍ରସ୍ଥଳୀ ରହିଥିଲା । ସେହିପରି ଆନ୍ଧ୍ରପ୍ରଦେଶର କାକିନାଡ଼ାଠାରୁ ୨୨୭ କିଲୋମିଟର ଏବଂ ରାଜମହେନ୍ଦ୍ରୀଠାରୁ ପୃଷ୍ଠା ୨...

### ଅତାବିରାରେ ୫.୧୪ କୋଟିର ପ୍ରକଳ୍ପ ଭେଟି
## ବହୁମୁଖୀ ଭବନ ଲୋକାର୍ପଣରେ ଭାବବିହ୍ୱଳ : ଉପମୁଖ୍ୟମନ୍ତ୍ରୀ




- ❑ଜମି ନଥାଇ ଟାଉଟରି କରୁଥିବା ନେତାଙ୍କୁ ଟାର୍ଗେଟ
- ❑ମୋ କଥାକୁ କାଟିଛାଟି ଏପଟ ସେପଟ କରାଯାଇଛି
- ❑ରାଜନୀତିର ଅର୍ଥ ବୁଝାଇଲେ, ବିରୋଧୀଙ୍କୁ ଜବାବ ଦେଲେ

ବରଗଡ଼ ୧୨/୦୭ ;ବରଗଡ଼ ଜିଲ୍ଲାର ଅତାବିରାଠାରେ ପ୍ରାୟ ୫ କୋଟି ୧୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ବହୁମୁଖୀ ଭବନକୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଲୋକାର୍ପଣ କରିଛନ୍ତି । ଏହି ପ୍ରକଳ୍ପ ଅଧୀନରେ ସରସ୍ୱତୀ ଶିଶୁ ମନ୍ଦିର ନିକଟରେ ୫୦୦ ଆସନ ବିଶିଷ୍ଟ ଏବଂ ଇନଡୋର ଷ୍ଟାଡିୟମ୍ ନିକଟରେ ୩୦୦ ଆସନ ବିଶିଷ୍ଟ ଭବନ ନିର୍ମାଣ କରାଯାଇଛି, ଯାହା ସ୍ଥାନୀୟ ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସହାୟକ ହେବ ।ଲୋକାର୍ପଣ ପୂର୍ବରୁ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଫିତା କାଟି ଭବନର ଉଦ୍‌ଘାଟନ କରିଥିଲେ । ଏହାପରେ ସଭାସ୍ଥଳରେ ମା' ସମଲେଇଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରି ବୁଦ୍ଧିଜୀବୀ ସମ୍ମିଳନୀର ଶୁଭାରମ୍ଭ କରିଥିଲେ ।ଏହି ଅବସରରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଭାଜପା ବରଗଡ଼ ଜିଲ୍ଲା ସଭାପତି ଅରୂପାନନ୍ଦ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ଼. ମୁରଲୀ କ୍ରିଷ୍ଣା, ସୁରେଶ୍ୱର ଶତପଥୀ, ଅତାବିରା ଏନଏସି ଅଧକ୍ଷ ବନମାଳୀ ବରିହା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନରେନ୍ଦ୍ର ପ୍ରଧାନଙ୍କ ପୃଷ୍ଠା ୨...



### ଅକ୍ଷର ବ୍ୟଙ୍ଗ ବିଚାର
**ଡ.ଗିରୀଶ ରଂଜନ**

କୃଷକ ଭାଇର ଆୟ ଏଇଥର
ବଢ଼ିଯିବ ଦୁଇ ଗୁଣ
ମନମୋହନ ତ କହିଲେ ଏ କଥା
ମୁହଁକୁ କରିକି ଟାଣ
ଚାଷୀ ଭାଇ ମୋର ଶୁଣ
ବିରୋଧି କହନ୍ତି କିଛିତ ହବନି
ସବୁ ଏଠି ଧୂଆଁ ବାଣ

### ଗଁଡିଆ ବ୍ଲକରେ ବିକାଶର ନୂଆ ଦିଗନ୍ତ

ଢେଙ୍କାନାଳ/ଗଁଡିଆ,୧୨/୦୭(ବେତୁଜୀ ପ୍ରସାଦ):ଓଡ଼ିଶା ସରକାରଙ୍କ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଲକ୍ଷ୍ୟକୁ ସାକାର କରିବା ଦିଗରେ ରବିବାର ଢେଙ୍କାନାଳ ଜିଲ୍ଲାର ଗଁଡିଆ ବ୍ଲକରେ ବିକାଶର ଏକ ନୂଆ ଅଧ୍ୟାୟ ରଚିତ ହୋଇଛି । ଖାଦ୍ୟ ଯୋଗାଣ,ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ନିଜ ବିବାହ ବାର୍ଷିକୀର ପବିତ୍ର ଅବସରକୁ ଜନସେବା ପାଇଁ ଉତ୍ସର୍ଗ କରି ବ୍ଲକର ବିଭିନ୍ନ ପଞ୍ଚାୟତରେ ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି ।ଦିନର ଆରମ୍ଭରେ ମନ୍ତ୍ରୀ ଶ୍ରୀ ପାତ୍ର କପିଳାସ ପୀଠରେ ବିରାଜମାନ ବାବା ଶ୍ରୀଶ୍ରୀ ଚନ୍ଦ୍ରଶେଖର ମହାଦେବଙ୍କ ଦର୍ଶନ କରି ସାଷ୍ଟାଙ୍ଗ ପ୍ରଣାମ ଜଣାଇଥିଲେ । ନିଜ ଜୀବନର ଏକ ସ୍ମରଣୀୟ ଦିନରେ ସେ ମହାଦେବଙ୍କ ନିକଟରେ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି ଓ କଲ୍ୟାଣ କାମନା କରିଥିଲେ । ସତ୍ୟ, ଧର୍ମ, ପ୍ରେମ ଓ ସେବାର ଆଦର୍ଶରେ ଅବିଚଳ ରହି ଜନସେବା କରିବାକୁ ସେ ପୁନର୍ବାର ସଂକଳ୍ପବଦ୍ଧ ହୋଇଥିଲେ । ମନ୍ତ୍ରୀ କହିଥିଲେ ଯେ, ଈଶ୍ୱରଙ୍କ କୃପା ଓ ନିଷ୍ଠାପୂର୍ଣ୍ଣ ଜନସେବାର ସମନ୍ୱୟ ହିଁ ପ୍ରକୃତ ବିକାଶର ମୂଳ ଆଧାର ।ଏହାପରେ ସକାଳ ପ୍ରାୟ ୧୦ଟାରୁ ମନ୍ତ୍ରୀ ଗଁଡିଆ ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସହଯୋଗରେ ସମ୍ପୂର୍ଣ୍ଣ ହୋଇଥିବା ବହୁ ଜନହିତକର ପ୍ରକଳ୍ପର ଲୋକାର୍ପଣ କରିଥିଲେ । ଏହି ପ୍ରକଳ୍ପଗୁଡ଼ିକ ଗ୍ରାମୀଣ ଭିତ୍ତିଭୂମିର ବିକାଶ ସହ ସାମାଜିକ, ଶିକ୍ଷାଗତ ଓ ମହିଳା ସଶକ୍ତିକରଣ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବ ବୋଲି ମତ ପ୍ରକାଶ ପାଇଛି । ପୃଷ୍ଠା ୨...

### ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପ ଲୋକାର୍ପିତ
## 'ଜନସେବା ହିଁ ପ୍ରକୃତ ବିକାଶର ମୂଳଦୁଆ' : ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର





**ବିବାହ ବାର୍ଷିକୀରେ କପିଳାସରେ ବାବା ଚନ୍ଦ୍ରଶେଖରଙ୍କ ଆଶୀର୍ବାଦ ନେଇ ଜନସେବାର ସଂକଳ୍ପ, ଗୋଷ୍ଠୀ କେନ୍ଦ୍ର, ପଞ୍ଚାୟତ ସୁବିଧା କେନ୍ଦ୍ର, ସୁଭଦ୍ରା ଶକ୍ତି ଭବନ, ଶ୍ରେଣୀଗୃହ ଓ ମଣ୍ଡପର ଶୁଭ ଉଦ୍‌ଘାଟନ**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ..........

### ବିଜେଡିରେ ଭୂକମ୍ପ, କଟକ...

କଟକ ଗୁରୁଦ୍ୱାରା କମିଟିର ସଭାପତି ଗୁରୁଦେବ ସିଂହ, ସମ୍ପାଦକ ନଚ୍‌ତର ସିଂହ, ଉପଦେଷ୍ଟା ସୁକଦେବ ସିଂହ ପ୍ରମୁଖ ବିଜପେିରେ ଯୋଗଦାନ କରିଛନ୍ତି ।ସେହିପରି ଯୋଡା ମ୍ୟୁନିସିପାଲିଟିର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁଙ୍କ ସମେତ କାଉନସିଲର ଶ୍ରୀମତୀ ଭାନୁମତି ବାନା, ଶ୍ରୀମତୀ ସୁମିତ୍ରା କାରୁଆ, ଶୁଭମ ନାୟକ, ବରୁଣ ଆପତା, ଶ୍ରୀମତୀ ନିଳମଣୀ ମୁଣ୍ଡା, ପ୍ରମୋଦ ବେହେରା ପ୍ରମୁଖ ବିଜେଡି ଛାଡି ଅନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି ।ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତରେ ବିଜେପି ବିଶ୍ୱର ସବୁଠାରୁ ବଡ ରାଜନୈତିକ ଦଳ ହୋଇପାରିଛି । ପ୍ରଭାତ ବିଶ୍ୱାଳଙ୍କ ଯୋଗଦାନ କଟକ ଜିଲ୍ଲାରେ ବିଜେପିର ସଂଗଠନକୁ ଅଧିକ ସୁଦୃଢ଼ କରିବ ବୋଲି ଶ୍ରୀ ସାମଲ କହିଛନ୍ତି । ମିଶ୍ରଣ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଓଡିଶାରେ ବିଜେପିର ଜୟଯାତ୍ରାର ଆଉ ଗୋଟିଏ ଫର୍ଦ୍ଦ ଆଜି ଯୋଡି ହୋଇଛି । ବିଜେଡି ବରିଷ୍ଠ ନେତା ପ୍ରଭାତ ବିଶ୍ୱାଳଙ୍କ ଯୋଗଦାନ ପରେ ବିଜେପିର ସଂଗଠନ ସଶକ୍ତ ହୋଇଛି । ତାଙ୍କର ସାଂଗଠନିକ ଦକ୍ଷତା ତଥା ଲୋକସଂପର୍କ ଆମ ଦଳକୁ ଜିଲ୍ଲାରେ ଶକ୍ତିଶାଳୀ କରିବ । ପ୍ରଥମେ ରାଷ୍ଟ୍ର, ତାପରେ ଦଳ, ଶେଷରେ ବ୍ୟକ୍ତି ହେଉଛି ଆମ ଦଳର ମୁଳମନ୍ତ୍ର । ଏହି ବିଚାରାଧାରାରୁ ଆମେ ତିଳେହେଲେ ବିଚ୍ୟୁତ ନହୋଇ ଗୁଣ୍ଡୁଚି ମୂଷା ଭଳି ରାଷ୍ଟ୍ର ଗଠନ କାର୍ଯ୍ୟରେ ଲାଗିରହିଛୁ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମ ସରକାର ରାଜ୍ୟର ସାଢେ ଚାରି କୋଟି ଓଡିଆଙ୍କ ସେବା କରିବା ପାଇଁ କାର୍ଯ୍ୟ କରିଆସୁଛି । ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ ମନ୍ତ୍ରରେ ଆକର୍ଷିତ ହୋଇ ଅନ୍ୟ ଦଳର ଅନେକ ନେତା ଆମ ଦଳରେ ଯୋଗଦାନ କରିଛନ୍ତି । ଗତ ୨୪ ମାସରେ ଆମ ସରକାର ଯେଉଁ ଯୁଗାନ୍ତକାରୀ ଯୋଜନାର ସଫଳ କ୍ରିୟାନ୍ୱୟନ ଏବଂ ପଦକ୍ଷେପ ନେଇଛନ୍ତି, ତାହା ଗତ ୨୪ ବର୍ଷରେ ସମ୍ଭବ ହୋଇନଥିଲା । ଗତ ତିନି ମାସରେ ଐତିହାସିକ 'ଦେୟମୁକ୍ତ କେଜିରୁ ପିଜି ଶିକ୍ଷା', 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା', ଶିକ୍ଷା କ୍ଷେତ୍ରରେ ଅନୁସୁଚିତ ଜାତି, ଜନଜାତି ଛାତ୍ରଛାତ୍ରୀଙ୍କୁ ଜନସଂଖ୍ୟା ଅନୁପାତରେ ଉଭୟ ସାଧାରଣ ଶିକ୍ଷା ଏବଂ ବୈଷୟିକ ଶିକ୍ଷାରେ ସଂରକ୍ଷଣ ପ୍ରଦାନ ତଥା ସାମାଜିକ ଓ ଆର୍ଥିକ ସ୍ତରରେ ପଛୁଆ ବର୍ଗଙ୍କୁ ମଧ୍ୟ ସଂରକ୍ଷଣ ପ୍ରଦାନ କରିବାର ନିଷ୍ପତି ନିଆଯାଇଛି । ଆମ ଦଳ କୌଣସି ବ୍ୟକ୍ତି କେନ୍ଦ୍ରୀକ ଦଳ ନୁହେଁ, ଏହା କାର୍ଯ୍ୟକ୍ରମ ଆଧାରିତ ଏବଂ ଗଣତାନ୍ତ୍ରିକ ପରଂପରା ଅନୁସାରେ ପରିଚାଳିତ । ପ୍ରଭାତ ବିଶ୍ୱାଳଙ୍କ ବିଜେପିରେ ଯୋଗଦାନ ପରେ ବିଜେଡିରେ ଭୁକଂପ ସୃଷ୍ଟି ହୋଇଛି । ଲୋକେ ଆଉ ବିଜେଡିକୁ ଚାହୁଁ ନାହାନ୍ତି । ଆମ ସରକାର ଲୋକଙ୍କ ସରକାର ହୋଇ କାମ କରୁଛି । ଲୋକଙ୍କ ସେବାକୁ ଆମ ସରକାର ପ୍ରାଥମିକତା ଦେଉଛନ୍ତି । ବିକଶିତ ଓଡିଶା, ବିକଶିତ ଭାରତ ପାଇଁ କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । ।

### ପ୍ରଭୁ ଅଲାରନାଥଙ୍କ ପୀଠରେ ...

ନିମ୍ନ ବାମ ହସ୍ତରେ ଗଦା ଓ ନିମ୍ନ ଡାହାଣ ହସ୍ତରେ ପ୍ରଭୁଙ୍କ ପାପୁଲିରେ ପଦ୍ମ ଚିହ୍ନ ରହିଛି । ବିଗ୍ରହଟି କଳା ମୁଗୁନି ପଥରରେ ଜୀବନ୍ତ ଭାବେ ଭକ୍ତଙ୍କୁ ଦୃଶ୍ୟମାନ ହୁଅନ୍ତି । ଏଣୁ ଶ୍ରୀଅଲାରନାଥଙ୍କୁ ଚତୁର୍ଦ୍ଧାମୂର୍ତ୍ତି ନାରାୟଣ ଭାବେ ଭକ୍ତ ଦର୍ଶନ କରିଥାଏ । ଶ୍ରୀମନ୍ଦିରରେ ଭକ୍ତ ଶ୍ରୀବଳଭଦ୍ର, ଦେବୀ ମା ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ଶ୍ରୀସୁଦର୍ଶନଙ୍କୁ ଚତୁର୍ଦ୍ଧାମୂର୍ତ୍ତି ଭାବେ ଦର୍ଶନ କରିଥାଏ । ଆସ ଅଲାର ଖାଅ ଖୀରି-ଖୀରି ପ୍ରିୟ ଶ୍ରୀଅଲାରନାଥ । ପ୍ରଭୁ ଗରମ ଖୀରି ଯୋଗୁ ହାତ ଓ ମୁହଁରେ ଫୋଟକା ଚିହ୍ନ ରହିଛି । ଖୀରି ସମ୍ପର୍କରେ ଏକ କୌତୁହଳ କାହାଣୀ ରହିଛି । ଆଉ ଦୁଇ ଦିନ ପରେ ଅଲାରନାଥ ଦେବଙ୍କ ଅଣସର ଦର୍ଶନ ଶେଷ ହେବ । ଏଥିପାଇଁ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଲମ୍ବା ଲାଇନରେ ବ୍ୟାରିକେଡ ଭିତରେ ଯାଇ ଶ୍ରୀଅଲାରନାଥଙ୍କୁ ଦର୍ଶନ କରୁଛନ୍ତି । ଭକ୍ତ ଖିରି ପ୍ରସାଦ ଖାଇ ଆନନ୍ଦିତ । ପୋଲିସ ପ୍ରଶାସନ ଓ ଶ୍ରୀଅଲାରନାଥଙ୍କ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ସଂଧ୍ୟାରେ ସାଂସ୍କୃତିକ ଭଜନ ସମାରୋହ ଅନୁଷ୍ଠିତ ହେଉଛି । ଅନବସର ସମୟରେ ହଜାର ହଜାର ଚୈତନ୍ୟଙ୍କ ଭକ୍ତ ପୁରୀରୁ ସଂକୀର୍ତ୍ତନ ଯାତ୍ରା କରି ଶ୍ରୀଅଲାରନାଥଙ୍କୁ ଦର୍ଶନ କରିଥାନ୍ତି । ଜୟ ଅଲାରନାଥ, ହରିବୋଲ ଓ ହୁଳୁହୁଳିରେ ପ୍ରକମ୍ପିତ ହେଉଛି ଅଲାରନାଥ ପୀଠ ପରିସର । ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ।

### ଗଁଦିଆ ବ୍ଲକରେ ....

ଯୋରନ୍ଦା ପଞ୍ଚାୟତର କାଙ୍କଲୁଣ୍ଡା ଗାନ୍ଧୀ ଛକରେ ପ୍ରାୟ ୫.୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗୋଷ୍ଠୀ କେନ୍ଦ୍ରର ଉଦ୍ଘାଟନ କରାଯାଇଥିଲା । ଏହି କେନ୍ଦ୍ର ଗ୍ରାମବାସୀଙ୍କ ସାମାଜିକ, ସାଂସ୍କୃତିକ ଓ ସମୁଦାୟଭିତ୍ତିକ କାର୍ଯ୍ୟକଳାପର ଏକ ପ୍ରମୁଖ କେନ୍ଦ୍ର ଭାବେ କାର୍ଯ୍ୟ କରିବ ।ସନ୍ତପୁର ପଞ୍ଚାୟତରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପଞ୍ଚାୟତ ସୁବିଧା କେନ୍ଦ୍ରର ଶୁଭ ଉଦ୍ଘାଟନ ସହ ସ୍ଥାନୀୟ ମହିଳାମାନଙ୍କ ଆର୍ଥିକ ଓ ସାମାଜିକ ସଶକ୍ତିକରଣକୁ ଦୃଷ୍ଟିରେ ରଖି ନିର୍ମିତ ସୁଭଦ୍ରା ଶକ୍ତି ଭବନ ମଧ୍ୟ ଲୋକାର୍ପିତ ହୋଇଥିଲା । ଏହା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମହିଳା ସଂଗଠନମାନଙ୍କ ପାଇଁ ଏକ ଉପଯୋଗୀ କେନ୍ଦ୍ରରେ ପରିଣତ ହେବ ।ଏହାବ୍ୟତୀତ ପୋରୁହଖୋଜ ଗ୍ରାମର ଅଷ୍ଟପ୍ରହରୀ ମଣ୍ଡପ ଏବଂ ସହଦେବ ବିଦ୍ୟାପୀଠର ନୂତନ ଅତିରିକ୍ତ ଶ୍ରେଣୀଗୃହର ମଧ୍ୟ ଉଦ୍ଘାଟନ କରାଯାଇଥିଲା । ନୂତନ ଶ୍ରେଣୀଗୃହ ନିର୍ମାଣ ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପାଇଁ ଉନ୍ନତ ପରିବେଶ ସୃଷ୍ଟି ହେବା ସହ ଶିକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ସ୍ଥାନୀୟ ଅଭିଭାବକମାନେ ଆଶା ପ୍ରକାଶ କରିଛନ୍ତି ।ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ ଯେ, ରାଜ୍ୟ ସରକାରଙ୍କ ଲକ୍ଷ୍ୟ କେବଳ ପ୍ରକଳ୍ପ ଘୋଷଣା କରିବା ନୁହେଁ, ବରଂ ସେହି ପ୍ରକଳ୍ପର ସୁଫଳ ପ୍ରତ୍ୟେକ ଗ୍ରାମବାସୀଙ୍କ ପାଖରେ ପହଞ୍ଚାଇବା । ଗ୍ରାମାଞ୍ଚଳର ଭିତ୍ତିଭୂମି, ଶିକ୍ଷା, ପାନୀୟ ଜଳ, ମହିଳା ସଶକ୍ତିକରଣ ଓ ସାମୁଦାୟିକ ବିକାଶକୁ ସମାନ ଗୁରୁତ୍ୱ ଦେଇ ସରକାର କାର୍ଯ୍ୟ କରୁଛନ୍ତି । ଆଗାମୀ ଦିନରେ ଗଁଦିଆ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଏଭଳି ଜନହିତକର ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି ସେ ସ୍ପଷ୍ଟ କରିଥିଲେ ।କାର୍ଯ୍ୟକ୍ରମରେ ଗଁଦିଆ ବ୍ଲକ ଅଧକ୍ଷା ଶ୍ରୀମତୀ ରିନା ରାଣୀ ଖଟୁଆ, ପୂର୍ବତନ ଜିଲ୍ଲା ପରିଷଦ ଉପାଧକ୍ଷ କୋଦଣ୍ଡଧର ସାହୁ, ବରିଷ୍ଠ ନେତା ଲଳିତ କୁମାର ଦାସ, ପ୍ରଦୀପ କୁମାର ଦାସ, ମହାଦୀପ ଯଶୋବନ୍ତ ମହିମା, ଶତ୍ରୁଘ୍ନ ରାଉତଙ୍କ ସମେତ ବହୁ ଜନପ୍ରତିନିଧି, ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ ।ଉପସ୍ଥିତ ବକ୍ତାମାନେ କହିଥିଲେ ଯେ, ଗ୍ରାମୀଣ ଭିତ୍ତିଭୂମିର ସୁଦୃଢ଼ୀକରଣ, ମହିଳା ସଶକ୍ତିକରଣ ଓ ଶିକ୍ଷାର ବିକାଶ ପାଇଁ ଏହି ପ୍ରକଳ୍ପଗୁଡ଼ିକ ଦୀର୍ଘମିଆଦୀ ସୁଫଳ ଆଣିବ । ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମକୁ ନେଇ ବ୍ୟାପକ ଉତ୍ସାହ ପରିଲକ୍ଷିତ ହୋଇଥିଲା । ଅନେକ ଗ୍ରାମବାସୀ ମତ ଦେଇଥିଲେ ଯେ, ଏହି ପ୍ରକଳ୍ପଗୁଡ଼ିକ ଦୀର୍ଘ ଦିନର ଆବଶ୍ୟକତା ପୂରଣ କରିବା ସହ ଗ୍ରାମାଞ୍ଚଳର ଜୀବନମାନକୁ ଆହୁରି ଉନ୍ନତ କରିବ ।ରାଜ୍ୟ ସରକାରଙ୍କ ବିକାଶମୁଖୀ ନୀତିକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା ଦିଗରେ ମନ୍ତ୍ରୀଙ୍କ ଏହି ଗସ୍ତ ଏବଂ ପ୍ରକଳ୍ପ ଲୋକାର୍ପଣକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି । ଗଁଦିଆ ବ୍ଲକରେ ଆରମ୍ଭ ହୋଇଥିବା ଏହି ବିକାଶ ଅଭିଯାନ ଆଗାମୀ ଦିନରେ ଅନ୍ୟାନ୍ୟ ପଞ୍ଚାୟତ ପାଇଁ ମଧ୍ୟ ଏକ ଆଦର୍ଶ ହେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ।

### ଅତାବିରାରେ ...

ସମେତ ବହୁ ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।ଉପମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ କହିଥିଲେ ଯେ, ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଉନ୍ନତ ଭିତ୍ତିଭୂମି ସୃଷ୍ଟି ସହ ସାମାଜିକ ଓ ସାଂସ୍କୃତିକ ବିକାଶକୁ ପ୍ରାଥମିକତା ଦେଉଛନ୍ତି । ବୁଦ୍ଧିଜୀବୀମାନଙ୍କ ପରାମର୍ଶ ସମାଜର ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ ।ଭାଜପା ଜିଲ୍ଲା ସମ୍ପାଦିକା ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ ସଭାକୁ ସଂଯୋଜନା କରିଥିବା ବେଳେ ଶେଷରେ ଏନଏସି ଇଓ ନରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।ପ୍ରକଳ୍ପ ସୂଚନା ଅନୁଯାୟୀ, ଅତାବିରା ସରସ୍ୱତୀ ଶିଶୁ ମନ୍ଦିର ନିକଟରେ ୫୦୦ ଆସନ ବିଶିଷ୍ଟ ଏବଂ ଇନଡୋର ଷ୍ଟାଡିୟମ୍ ନିକଟରେ ୩୦୦ ଆସନ ବିଶିଷ୍ଟ ବହୁମୁଖୀ ଭବନ ନିର୍ମାଣ ପାଇଁ ପ୍ରକଳ୍ପ ଗ୍ରହଣ କରାଯାଇଥିଲା । ଏହି ପ୍ରକଳ୍ପର ଆନୁମାନିକ ବ୍ୟୟ ୫.୧୪ କୋଟି ଟଙ୍କା ରହିଥିବା ବେଳେ ଭବନଟି ଅତାବିରା ଅଞ୍ଚଳର ସାମାଜିକ, ସାଂସ୍କୃତିକ ଓ ସରକାରୀ କାର୍ଯ୍ୟକ୍ରମ ପାଇଁ ଏକ ପ୍ରମୁଖ କେନ୍ଦ୍ରରେ ପରିଣତ ହେବ ବୋଲି ସ୍ଥାନୀୟ ଲୋକମାନେ ଆଶା ପ୍ରକାଶ କରିଛନ୍ତି ।

### ସମୁଦ୍ରରେ ୪.୫ ....

୨୭୫ କିଲୋମିଟର ଦୂର ସମୁଦ୍ର ଭିତରେ ଏହି ଭୂକମ୍ପ ସୃଷ୍ଟି ହୋଇଥିଲା । ସମୁଦ୍ର ଗର୍ଭରେ ଭୂକମ୍ପ ହେବା ପରେ ଆନ୍ଧ୍ରପ୍ରଦେଶର ପ୍ରମୁଖ ସହର ବିଶାଖାପାଟଣାରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ବିଶାଖାପାଟଣାର ଏମଭିପି କଲୋନୀ, ପେଦାଓ୍ୱାଲତେର, ଗାଜୁଓ୍ୱାକା, ୟେନ୍ଦାଡା ଏବଂ ଆରିଲୋଭା ଭଳି ଅଞ୍ଚଳରେ ଲୋକେ ମୃଦୁ ଝଟ୍କା ଅନୁଭୂତ କରିଥିଲେ ।

## ଜର୍ଣ୍ଣାଲିଷ୍ଟ ଆସୋସିଏସନର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

# ବରିଷ୍ଠ ସାମ୍ବାଦିକ ମଧୁ ସିନ୍ଦୁରଙ୍କୁ 'ଶ୍ରେଷ୍ଠ ଗ୍ରାଉଣ୍ଡ ରିପୋର୍ଟର' ସମ୍ମାନ



କେସିଙ୍ଗା, .୧୨/୦୭ (ଅକ୍ଷର ଓଡ଼ିଶା): କଳାହାଣ୍ଡି ଜିଲ୍ଲାର କେସିଙ୍ଗାଠାରେ ଜର୍ଣ୍ଣାଲିଷ୍ଟ ଆସୋସିଏସନର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଜଣାଇବା ଉଦ୍ଦେଶ୍ୟରେ ରବିବାର ଏକ ଗରିମାମୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା ।ଆସୋସିଏସନର ନବନିର୍ବାଚିତ ସଭାପତି ନୃପରାଜ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନର୍ଲା ନିର୍ବାଚନମଣ୍ଡଳୀର ବିଧାୟିକା ମୋନରମା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ବାଦିକତାକୁ ଗଣତନ୍ତ୍ରର ଏକ ସଶକ୍ତ ସ୍ତମ୍ଭ ବୋଲି ଅଭିହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଡା. ହେମସାଗର ସାହକ୍ଷ , କେସିଙ୍ଗା ଏନଏସି ଅଧ୍ୟକ୍ଷ ନୃପରାଜ ଯାଦବ ଏବଂ ମୁଖ୍ୟ ବକ୍ତା ଭାବେ କେସିଙ୍ଗା ମହାବିଦ୍ୟାଳୟର ପୂର୍ବତନ ପ୍ରଫେସର ଚନ୍ଦ୍ରଶେଖର ଅଚାରି ଉପସ୍ଥିତ ରହି ସାମ୍ବାଦିକତାର ମୂଲ୍ୟବୋଧ ଓ ଦାୟିତ୍ୱ ସମ୍ପର୍କରେ ମତାମତ ରଖିଥିଲେ ।ଅତିଥିମାନେ ସାମ୍ବାଦିକଙ୍କ ନିଷ୍ଠା, ନିରପେକ୍ଷତା, ସାମାଜିକ ଦାୟିତ୍ୱବୋଧ ଏବଂ ସତ୍ୟଭିତ୍ତିକ ସମ୍ବାଦ ପରିବେଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । କେସିଙ୍ଗା ଅଞ୍ଚଳର ବହୁ ସାମ୍ବାଦିକ, ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।ଏହି ଅବସରରେ ବରିଷ୍ଠ ସାମ୍ବାଦିକ ମଧୁ ସିନ୍ଦୁରଙ୍କୁ ତାଙ୍କର ଉଲ୍ଲେଖନୀୟ ଗ୍ରାଉଣ୍ଡ ରିପୋର୍ଟିଂ ଓ ସାମ୍ବାଦିକତା କ୍ଷେତ୍ରରେ ଅବଦାନ ପାଇଁ ଜର୍ଣ୍ଣାଲିଷ୍ଟ ଆସୋସିଏସନ ପକ୍ଷରୁ 'ଶ୍ରେଷ୍ଠ ଗ୍ରାଉଣ୍ଡ ରିପୋର୍ଟର' ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି କେସିଙ୍ଗା ମହାସଂଘର ସଭାପତି ଦୟାନିଧି ନାଏକ, ବୈଦ୍ୟରାଜ ସଦାନନ୍ଦ ପୁଟେଲ ଏବଂ ଡା. ମାକଲିଙ୍ଗ ଗହୀରଙ୍କୁ ମଧ୍ୟ ସେମାନଙ୍କର ସାମାଜିକ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ।କାର୍ଯ୍ୟକ୍ରମରେ ଜର୍ଣ୍ଣାଲିଷ୍ଟ ଆସୋସିଏସନର ନୂତନ କାର୍ଯ୍ୟକାରିଣୀ କମିଟିକୁ ସର୍ବସମ୍ମୁଖରେ ଘୋଷଣା କରାଯାଇଥିଲା । ଶ୍ରୀ ନୃପରାଜ ସାହୁ ସଭାପତି, ନବୀନ ଜୈନ ଉପସଭାପତି, ରୋହିତ ସାହୁ ସମ୍ପାଦକ, ଫିରୋଜ ଦାସ ଯୁଗ୍ମ ସମ୍ପାଦକ, ସୁଜୟ ନଙ୍ଗାଳତି ଅକ୍ଷ ନୁଷ୍ଠାନିକ ସମ୍ପାଦକ ଏବଂ ପ୍ରଫୁଲ୍ଲ ସାହୁ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଘୋଷଣା କରାଯାଇଥିଲା ।ଶେଷରେ ନବନିର୍ବାଚିତ କର୍ମକର୍ତ୍ତାମାନେ ସଂଗଠନର ସୁଦୃଢ଼ୀକରଣ, ସାମ୍ବାଦିକଙ୍କ ସ୍ୱାର୍ଥରକ୍ଷା ଏବଂ ନିରପେକ୍ଷ ସାମ୍ବାଦିକତାର ପ୍ରସାର ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# କୁକୁଡ଼ା ଲଢେଇ ଉପରେ ପୋଲିସର ଚଢ଼ାଉ ୧୦ କୋର୍ଟ ଚାଲାଣ



ନୂଆପଡା ୧୨/୦୭(ଅକ୍ଷର ଓଡ଼ିଶା))ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଅନ୍ତର୍ଗତ ବାଦୀ ଗ୍ରାମ ପଞ୍ଚାୟତ ସରକାରୀ କାର୍ଯ୍ୟାଳୟ ଠାରେ ଅବୈଧ ଭାବେ ଜୁଆ ଉଦ୍ଦେଶ୍ୟରେ କୁକୁଡ଼ା ଲଢେଇ ଚାଲିଥିବା ଖବର ପାଇ ଖଡ଼ିଆଳ ପୁଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଚଢ଼ାଉ ବେଳେ ଘଟଣାସ୍ଥଳରୁ ୧୦ ଜଣଙ୍କୁ ଅଟକ ରଖି ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ ଶନିବାର ଦିବା ଦୁଇ ଘଣ୍ଟା ସମୟରେ ଜୁଆ ଉଦ୍ଦେଶ୍ୟରେ ଦିଗାମ୍ବର କୁହଁର (୫୫) ଗ୍ରାମ କୁକୁଡ଼ା ହାଟ, ଥାନା କଣ୍ଟାବାଞ୍ଜି, ଜିଲ୍ଲା ବଲାଙ୍ଗୀର ଆସି ଦୀର୍ଘ ଦିନ ଧରି ଜୁଆ ଉଦ୍ଦେଶ୍ୟରେ କୁକୁଡ଼ା ଲଢ଼େଇ ଖେଳ ଚାଲୁ ରଖିଥିଲେ । ପୁଲିସ ପକ୍ଷରୁ ଏସ ଆଇ ବବିତା ମହାଭୋଇ ଓ ଅନ୍ୟ କର୍ମଚାରୀ ହଠାତ ବାଦୀ ପଞ୍ଚାୟତ କାର୍ଯ୍ୟାଳୟରେ ଚଢ଼ାଉ କରି କୁକୁଡ଼ା ଲଢ଼େଇ ଜୁଆ ଖେଳରେ ସମ୍ପୃକ୍ତ ଥିବା ଦଶ ଜଣ ବ୍ୟକ୍ତି, ୨୧ ଗୋଟି ବାଇକ, ୪୨୯୦ ଟଙ୍କା ଓ ୯ ଗୋଟି ମୋବାଇଲ ଜବତ କରିଥିବା ବେଳେ ଦଶ ଜଣ ବ୍ୟକ୍ତି ଦିଗାମ୍ବର କୁହଁର (୫୫) ଗ୍ରାମ କୁକୁଡ଼ା ହାଟ, ଥାନା କଣ୍ଟାବାଞ୍ଜି, ଜିଲ୍ଲା ବଲାଙ୍ଗୀର ହୋଇଥିବା ବେଳେ ଅନ୍ୟ ୯ ଜଣ ନୂଆପଡା ଖଡ଼ିଆଳ ଥାନା ଅନ୍ତର୍ଗତ ପଡୁ ଚରଣ ପୋଡ (୨୮) ଗ୍ରାମ କେନ୍ଦୁପାଟି, ନୃସିଂହ ପଟେଲ (୨୦) ଗ୍ରାମ ସନ୍ଦିବାହାଲି, ରିତିକ ନାଏକ (୧୯) ଧନମତ ବନଛୋର (୨୪) ସନ୍ଦିବାହାଲି, ସତ୍ୟନାରାୟଣ ନାଏକ (୫୦) ସନ୍ଦିବାହାଲି, ଚମ୍ପେଶ୍ୱର ପଟେଲ (୪୫) ସନ୍ଦିବାହାଲି, ପକ୍ଷୀରାଜ ପଟେଲ (୩୦) ଗ୍ରାମ ପଦ୍ମପୁର ଓ ଶିଶୁ ପୋଡ (୪୮) ଗ୍ରାମ ଠକପାଲି ଙ୍କୁ ଗିରଫ କରି ଓଡିଶା ଜୁଆ ନିବାରଣ ଅଧିନିୟମ ୧୯୫୫ ଅନୁଯାୟୀ କେଶ ନଂ ୨୩୭/ ୨୬ ମାମଲା ରୁଜୁ କରି ଶନିବାର କୋର୍ଟ ଚାଲାଣ କରାଯାଇଛି । ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ସହ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଜାରି ରହିଛି । ଅବୈଧ ଜୁଆ ଓ କୁକୁଡ଼ା ଲଢେଇ ଭଳି କାର୍ଯ୍ୟକଳାପ ବିରୋଧରେ ଆଗାମୀ ଦିନରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଘଟଣାର ତଦନ୍ତ କରୁଛନ୍ତି ଏ ଆଇ ଅରବିନ୍ଦ ମେହେର । ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିୟମିତ ଭାବେ କୁକୁଡ଼ା ଲଢ଼େଇ ଜୁଆ ଖେଳ ଚାଲୁଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ କାର୍ଯ୍ୟାଳୟ ପରିସରରେ ଏଭଳି କାର୍ଯ୍ୟକଳାପ ଯୋଗୁଁ ଜନସାଧାରଣଙ୍କ ମଧ୍ୟରେ ଭୁଲ ବାର୍ତ୍ତା ଯାଉଛି ଏବଂ ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ମଧ୍ୟ ପ୍ରଶ୍ନ ଉଠୁଛି । ବାଦୀ ପଞ୍ଚାୟତ ବାସୀ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ ଏବଂ ପ୍ରଶାସନଙ୍କୁ ଏହି ଘଟଣାର ତଦନ୍ତ ପରିଷର କୁ ଆଣି ଆବଶ୍ୟକ ପଦକ୍ଷେପ ନେବା ସହ ପଞ୍ଚାୟତ କାର୍ଯ୍ୟାଳୟ ପରିସରକୁ ଜୁଆମୁକ୍ତ କରିବାକୁ ଦାବି କରିଛନ୍ତି । ସରକାରୀ ସମ୍ପତ୍ତିର ସୁରକ୍ଷା ଏବଂ ପରିସରର ମର୍ଯ୍ୟାଦା ବଜାୟ ରଖିବା ପାଇଁ କଡ଼ା ନଜରଦାରି ଓ ନିୟମିତ ଯାଞ୍ଚର ବ୍ୟବସ୍ଥା କରିବାକୁ ମଧ୍ୟ ସେମାନେ ଦାବି ଉଠାଇଛନ୍ତି ।

# କାମରେ ଆସୁନି ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ର ୧୦ ଖଣ୍ଡ ଗାଁର ଲୋକ ଚିକିତ୍ସା ସେବାରୁ ବଞ୍ଚିତ



ଦଶମନ୍ତପୁର ୧୨/୭(କଇନ ଗରଡ଼ା)ଚାଲିବାକୁ ବଳ ନାହିଁ କାହାର ଅଣ୍ଟା ବଙ୍କା ହୋଇଗଲାଣି ତ କିଏ ହାତରେ ବାଡ଼ିଧରି ଚାଲୁଛି ପୁଣି କାହାକୁ ଝାଉଁଳିଆ ଦେଖାଯାଉଛି ହେଲେ ଏହି ଶେଷ ସମୟରେ ମଧ୍ୟ ଆଉ କିଛି ଦିନ ବଞ୍ଚିବା ପାଇଁ ଏମାନେ ଜୀବନ ସହ କରୁଛନ୍ତି ସଂଘର୍ଷ । ୧୦ ମାସ ହେବ ବନ୍ଦ ରହିଛି ଆୟୁଷ୍ମାନ ଆରଗ୍ୟ ମନ୍ଦିର ହଇରାଣ ହେଉଛନ୍ତି ବରିଷ୍ଠ ନାଗରିକ ମାନେ ସରକାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ବା ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗଠନ କରାଯାଇଥିଲେ ମଧ୍ୟ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ଥିବା ନଜରକୁ ଆସିଛି ।ମାଛପୁଟରେ ରହିଥିବା ଆୟୁଷ୍ମାନ ଆରୋଗ୍ୟ ଉପସ୍ୱାସ୍ଥ୍ୟକେନ୍ଦ୍ର ଉପରେ ମାଛପୁଟ, ପରଜାବାରିକଣ୍ଟା, କନ୍ୟାଝୋଲା, ପୋଝାର, ଟାମକିଆଗୁଡ଼ା, କୁସୁମପୁଟ,ତାଣ୍ଡିପୁଟ,କଦମଝୋଲା, ଡୁରୁକାଗୁଡ଼ା,ନନ୍ଦନବେଡା ଭଳି ପ୍ରାୟ ୧୦ ଖଣ୍ଡ ଗାଁର ୫୬୨ ଘର ୨୨୯୭ ଲୋକ ନିର୍ଭର କରୁଛନ୍ତି । ଦୈନିକ ଜ୍ୱର, ସର୍ଦ୍ଦି, କାଶ, ରକ୍ତଚାପ, ମଧୁମେହ ଭଳି ରୋଗରୁ ଆରମ୍ଭ କରି ଗର୍ଭବତୀ ମହିଳା ଓ ବୃଦ୍ଧବୃଦ୍ଧାଙ୍କ ପ୍ରାଥମିକ ଚିକିତ୍ସା ପାଇଁ ଏହା ହେଉଛି ଅତି ନିକଟତର ଆୟୁଷ୍ମାନ ଆରଗ୍ୟ କେନ୍ଦ୍ର । କିନ୍ତୁ ଅଧିକାଂଶ ସମୟରେ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଡାକ୍ତର କିମ୍ବା ସ୍ୱାସ୍ଥ୍ୟକର୍ମୀ ଉପଲବ୍ଧ ନଥିବାରୁ ଲୋକମାନେ ଚିକିତ୍ସା ସେବା ପାଇବାରେ ବଞ୍ଚିତ ହେଉଛନ୍ତି । ଏହି ଅଞ୍ଚଳର ବରିଷ୍ଠ ନାଗରିକ ମାନେ ନିହାତି ଗରିବ ଶ୍ରେଣୀର ହୋଇଥିବାରୁ ଏବଂ ଅକ୍ଷମ ହୋଇଥିବା ଯୋଗୁଁ ଦଶମନ୍ତପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର କୁ ଯିବାକୁ ସବୁଠାରୁ ଅଧିକ ହଇରାଣ ହେଉଛନ୍ତି । ଅସୁସ୍ଥ ଅବସ୍ଥାରେ ଦୂର ହସ୍ପିଟାଲକୁ ଯିବା ସେମାନଙ୍କ ପକ୍ଷରେ ସମ୍ଭବ ହେଉନାହିଁ ସାମାନ୍ୟ ରୋଗରେ ମଧ୍ୟ ଗୁରୁତର ହେଉଥିବା କୁଞ୍ଜଲତା ବାଘ,ସରୁଷମତି ଖୋସ୍ଲା,ଅଳଙ୍କା ମହାନନ୍ଦିଆ କହିଛନ୍ତି ।ମାଛପୁଟ ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ରରେ ନିୟମିତ ଭାବେ ସ୍ୱାସ୍ଥ୍ୟକର୍ମୀ ଓ ଆବଶ୍ୟକ ଔଷଧ ବ୍ୟବସ୍ଥା କରାଯାଉ ଏହା ସହିତ ଜରୁରୀ ସ୍ୱାସ୍ଥ୍ୟସେବା ସବୁବେଳେ ଉପଲବ୍ଧ କରାଇବାକୁ ଜୁନାଥନ ଗରଡ଼ା, ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି । ଏ ସମ୍ପର୍କରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦୀପ୍ତିକାନ୍ତ ନାୟକ କହିଛନ୍ତି ଯେ ଦାୟିତ୍ୱରେ ଥିବା ଏନ୍‌ଏମ୍ ଙ୍କ ଅନ୍ୟତ୍ର ବଦଳି ହୋଇଥିବାରୁ ଏଭଳି ସମସ୍ୟା ଦେଖାଦେଇଛି । ଅତି ଶୀଘ୍ର ମାଛପୁଟ ଉପକେନ୍ଦ୍ର କୁ ଜଣେ ଏଏନଏମ୍ ଙ୍କୁ ପଠେଇବୁ ବୋଲି କହିଛନ୍ତି ।ତେବେ ଦେଖିବାକୁ ବାକି ରହିଲା ଏହି ସମସ୍ୟାକୁ ସ୍ୱାସ୍ଥ୍ୟ ବିଭାଗ କେତେ ଗୁରୁତ୍ୱର ସହ ନେଉଛି ଏବଂ କେବେ ସାଧାରଣ ଲୋକଙ୍କୁ ମିଳୁଛି ଉନ୍ନତ ଓ ନିୟମିତ ସ୍ୱାସ୍ଥ୍ୟସେବା ।

## ଗୋଦାମ ଗୃହ ଯୋଗାଇ ଦେବା ନିମନ୍ତେ ଦାବୀପତ୍ର ପ୍ରଦାନ

ବୈପାରିଗୁଡ଼ା, ୧୨/୭ (ବିଜୟ ପାଙ୍ଗି) ପିଡ଼ିଏସ ଚାଉଳ ରଖିବା ପାଇଁ ଗୋଦାମ ଗୃହ ଯୋଗାଇ ଦେବାକୁ ସ୍ଥାନୀୟ ବିଧାୟକ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି ମହୁଲି ଗ୍ରାମ ପଞ୍ଚାୟତର ଛଅ ଖଣ୍ଡ ଗ୍ରାମବାସୀ । ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ମହୁଲି ଗ୍ରାମ ପଞ୍ଚାୟତର ବାପାନୀଗୁଡ଼ା, ଖଣ୍ଡିଗୁଡ଼ା, ଲେଞ୍ଜା, କୁମ୍ଭିଗୁଡ଼ା, ମେଷଗୁଡ଼ା, ଉପରଗୁଞ୍ଜି ଗ୍ରାମ ରହିଛି । ସେହି ଛଅ ଖଣ୍ଡ ଗାଁରେ ୫୧୨ ପିଡ଼ିଏସ ରାସନ କାର୍ଡ ହିତାଧିକାରୀ ରହିଛନ୍ତି । ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ସେହି ଗାଁ ଗୁଡ଼ିକ ପ୍ରାୟ ୧୫ କି.ମି. ରୁ ଅଧିକ ଦୂର ରହିଛି । ଦୂର ରହିଥିବା ହେତୁ ସେହି ଛଅଖଣ୍ଡ ଗ୍ରାମର ହିତାଧିକାରୀଙ୍କୁ ବାପାନୀଗୁଡ଼ା ଗ୍ରାମରେ ରାସନ ଚାଉଳ ଯୋଗାଇ ଦିଆଯାଉଛି । ଖରା ଓ ଶୀତଦିନେ ଖୋଲା ଜାଗାରେ ଚାଉଳ ରଖି ବଣ୍ଟନ କରାଯାଉଥିବା ବେଳେ ବର୍ଷାଦିନେ ଚାଉଳ ରଖିବାକୁ ମଧ୍ୟ ଅସୁବିଧା ହେଉଥିବା ଜଣା ପଡ଼ିଛି । ଏହାସହ ବର୍ଷାଦିନେ ପିଡ଼ିଏସ ହିତାଧିକାରୀ ମାନଙ୍କୁ ମଧ୍ୟ ଚାଉଳ ବଣ୍ଟନ କରିବାକୁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛି ।

# ଉଚ୍ଚ ନ୍ୟାୟାଳୟ ନବ ନିର୍ବାଚିତ ସଭାପତିଙ୍କୁ ସମ୍ବର୍ଦ୍ଧନା



ଖଲିକୋଟ ୧୨/୦୭ (ନିଲୁ ପଣ୍ଡା ) ଖଲ୍ଲିକୋଟ ମାଟି ନୁହେଁ ସମଗ୍ର ଗଂଜାମ ଜିଲ୍ଲା ସର୍ବୋପରି ରାଜ୍ୟର ଗର୍ବ ଆଉ ଗୌରବ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଲଲାଟେନ୍ଦୁ ସାମନ୍ତରାଙ୍କ ଭଳି ବରେଣ୍ୟ ପ୍ରତିଭାଙ୍କୁ ନିଜ ଜନ୍ମମାଟି ଖଲ୍ଲିକୋଟ ଠାରେ ଆଗ୍ରହ ଉତ୍ସାହ ସହକାରେ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ଖଲ୍ଲିକୋଟ, ନିର୍ମଳଝରର ସ୍ଥିତ ନୃସିଂହ ଚରଣ ସମ୍ମିଳନୀ କକ୍ଷରେ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ପକ୍ଷରୁ ଆଜି ପୂର୍ବାହ୍ନ ୧୧ ଘଣ୍ଟିକା ସମୟରେ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ଆନୁଷ୍ଠାନିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ସଂଘର ନବ ନିର୍ବାଚିତ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଲଲାଟେନ୍ଦୁ ସାମନ୍ତରା ଅବସ୍ଥାପିତ ହୋଇଥିବାରୁ ଆପଣାର ଜନ୍ମଭୂମି ଖଲ୍ଲିକୋଟରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସେଠାରେ ଏହି ପରିପ୍ରେକ୍ଷୀରେ ଏକ ଉତ୍ସବ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ, ସୁସାହିତ୍ୟିକ, ଘଡ଼ଘଡ଼ି ପତ୍ରିକାର ସମ୍ପାଦକ ଦଣ୍ଡପାଣି ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି । ଅଭ୍ୟର୍ଥନା କମିଟିର ଅଧକ୍ଷ ତଥା ପ୍ରାକ୍ତନ ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦ ନଗରପାଳ ରାମମୋହନ ପଣ୍ଡାଙ୍କ ଆବାହକତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା ବେଳେ ବିଶିଷ୍ଟ ବିପ୍ଳବୀ କବି ପ୍ରଶାନ୍ତ କୁମାର ମିଶ୍ରଙ୍କ ପୌ ।ରହିତ୍ୟରେ ସମ୍ବର୍ଦ୍ଧନା ଉତ୍ସବ ମହାସମାରୋହରେ ଆୟୋଜିତ ହୋଇଯାଇଛି । ସର୍ବ ପ୍ରଥମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ବୈଠକ ଆରମ୍ଭ ହୋଇଥିଲା । କବିସୂର୍ଯ୍ୟନଗର, ଆସିକା, କୋଦଳା, ବ୍ରହ୍ମପୁର, ପୁରୁଷୋତ୍ତମପୁର, ହିଞ୍ଜିଳିକାଟୁ, ଖଲ୍ଲିକୋଟ ଅଞ୍ଚଳର ବହୁ ଆଇନଜୀବୀ ସଂଘର ସଭାପତି, 'ନବୀନ' ପତ୍ରିକାର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ରବି ରଥ ପ୍ରମୁଖ ମଞ୍ଚାସୀନ ରହି ଖଲ୍ଲିକୋଟର ଐତିହ୍ୟ, ସଂସ୍କୃତି, ସାହିତ୍ୟ ସର୍ବୋପରି ବିଭିନ୍ନ କ୍ଷେତ୍ରରେ ରାଜା ରାଜୁଡା ଅମଳରୁ ରହି ଆସିଥିବା ଅବଦାନ ସମ୍ପର୍କରେ ଅଭିହିତ କରିଥିଲେ । ଗଂଜାମର ଲୋକନୃତ୍ୟ ଦାସକାଠିଆ ପରିବେଷିତ ହୋଇଥିଲା ।

## ଯୁବକଙ୍କୁ ହାଣି ବୁଦାମୂଳରେ ଫିଙ୍ଗିଦେଲେ

ସୁବର୍ଣ୍ଣପୁର:୧୨ ।୭(ସଂଗ୍ରାମ ମହାପାତ୍ର) ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ଅଇଁଲାସାରି ଫାଣ୍ଡିରିଡୁଙ୍ଗୁରି ଅଞ୍ଚଳରୁ ଜଣେ ଅଜଣା ଯୁବକଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ହୋଇଛି । ପ୍ରାଥମିକ ଭାବେ ଏହା ଏକ ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି । ଘଟଣାସ୍ଥଳରେ ଡୁଙ୍ଗୁରିପାଲି ପୋଲିସ ଓ ଏସଡିପିଓ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ମୃତ ଯୁବକଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିନାହିଁ । ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେଇ ଥିଲା । ଘଟଣା ରୁ ପ୍ରକାଶ ସମରାଚୁଆଁ ଗାଁ ର ବବୁଲ ପାଣ୍ଡେ ବୟସ ୨୬ ଯୁବକଙ୍କୁ ମାରି ବୁଦା ମୂଳେ ଫିଙ୍ଗି ଦେଇଥିଲେ ଦୁର୍ବତ ଯାକୁ ସ୍ଥାନୀୟ ଲୋକ ଦେଖି ପୋଲିସ ଙ୍କୁ ଖବର ଦେଇଥିଲେ ଗ୍ରାମବାସୀ ।ଖବରପାଇଁ ଡୁଙ୍ଗୁରିପାଲି ପୋଲିସ, ବଲାଙ୍ଗୀର ସାଇଣ୍ଟିଫିକ ଟିମ ସହ ସୁବର୍ଣ୍ଣପୁର ଡଗ ସ୍କ୍ୱାର୍ଡ ଆସି ଯାଞ୍ଚ କରିଥିଲେ ।

## ସଂସ୍କୃତ ସଂଘ ପକ୍ଷରୁ କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା



ରାଜକନିକା,୧୨ ।୭ (ନୁରେଇ ଖାନ )ରାଜକନିକା ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସଂସ୍କୃତ ବିଷୟରେ ବ୍ଲକର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥାଏ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂଘର ସଭାପତି ପ୍ୟାରୀମୋହନ ସ୍ୱାଇଁ ଯୋଗଦେଇ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନବକିଶୋର ସୂତାର, ଚିଦମ୍ବର ପତି ଓ ଆୟୋଜିତ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ମିନତିଲତା କାଠ ପ୍ରମୁଖ ଯୋଗଦେଇ ସଂସ୍କୃତ ଭାଷାର ଉପକାରିତା ଓ ଛାତ୍ରଛାତ୍ରୀଙ୍କ ଅଧ୍ୟୟନର ଉତ୍ତରୋତ୍ତର ଉନ୍ନତି କାମନାକୁ ନେଇ ଉପାଦେୟ ମନ୍ତବ୍ୟ ରଖିଥିଲେ । ଏହି ଅବସରରେ କମଳା ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟର ଅର୍ପିତା ଦାସ, ପ୍ରତୀକ୍ଷା ଦାସ, ରାଜଲକ୍ଷ୍ମୀ ପରିଡ଼ା ଏବଂ କାଟଣା ଟି.କେ.ନୋଡାଲ ଉଚ୍ଚ ବିଦ୍ୟାଳୟର ଜଗଜ୍ଜିତ ଦାସ ଆଦି କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥିମାନେ ପ୍ରମାଣପତ୍ର, ଟ୍ରଫି ଓ ଉପାଦେୟ ପୁସ୍ତକ ଆଦି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହା ଛଡା କମଳା ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟର ରାଜଲକ୍ଷ୍ମୀ ପରିଡା ଓଡ଼ିଆ ରେ ୯୭ ନମ୍ବର ରଖି ବ୍ଲକ ରେ ପ୍ରଥମ ହୋଇ ଥିବାରୁ ଗିରିଆ ର ସରସ୍ୱତୀ ଦାମୋଦର ସାହିତ୍ୟ ସଂସଦ ପକ୍ଷରୁ ମଧ୍ୟ ପୁରସ୍କୃତ ହୋଇଥିଲେ ।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ଦାରିଙ୍ଗବାଡ଼ି :୧୨/୭(ମୃତ୍ୟୁଞ୍ଜୟ ପ୍ରଧାନ)ଦାରିଙ୍ଗବାଡ଼ି ଥାନା ୫୯ନଂ ଜାତୀୟ ରାଜପଥର ବୁଢ଼ାଗୁଡା ଛକରେ ଏକ ମର୍ମନ୍ତୁକ ସଡ଼କ ଦୁର୍ଘଟଣା ହୋଇ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଉକ୍ତ ଥାନା କିରିକୁଟି ପଞ୍ଚାୟତ ମଧୁପଲ୍ଲୀ ଗାଁର ସୋମନାଥ ବେହେରାଦଳାଇ (୩୭) । ଦୁର୍ଘଟଣାସ୍ଥଳରେ ଦାରିଙ୍ଗବାଡ଼ି ଥାନାଅଧିକାରୀ ସଂଗ୍ରାମ କେଶରୀ ଜେନା ସଦଳବଳ ପହଞ୍ଚି ଦୁର୍ଘଟଣାରେ ଆହତ ସୋମନାଥଙ୍କୁ ଆମ୍ବୁଲାନ୍ସ ଯୋଗେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଥାନା ଅଧିକାରୀ କହିଛନ୍ତି । କିଭଳି ଦୁର୍ଘଟଣା ଘଟିଲା ସେନେଇ କାରଣ ଖୋଜୁଛି ପୋଲିସ । ଥାନାରେ ପରିବାର ଲୋକେ ପହଞ୍ଚି ଅଭିଯୋଗ କରିଛନ୍ତି । ପୋଲିସ ସୋମନାଥଙ୍କ ମୃତଦେହ ଏବଂ ଦୁର୍ଘଟଣା ହୋଇଥିବା ବାଇକ୍ ଜବତ କରି ଅଧିକ ତଦନ୍ତ ଚଳାଇଛି ।

## ପଞ୍ଚାୟତ ବିକାଶ ଯୋଜନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବୋଡେନ, ୧୨ ।୭ (ଅକ୍ଷର ଓଡ଼ିଶା): ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକରେ ଦୁଇ ଦିନିଆ ପଞ୍ଚାୟତ ବିକାଶ ଯୋଜନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ବୋଡେନ ବ୍ଲକର ୧୫ଟି ପଞ୍ଚାୟତର ସରପଞ୍ଚ କାର୍ଯ୍ୟନିର୍ବାହୀ ଅଧିକାରୀ, ଓ୍ୱାର୍ଡସଦସ୍ୟ ଓ ସିଆରପି ମାନେ ଯୋଗ ଦେଇଥିଲେ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି, ମହିଳା ସଭା, ବାଲ୍ ସଭା ଓ ଗ୍ରାମ ସଭାର ଭୂମିକା, ସମୂଦାୟର ସକ୍ରିୟ ଅଂଶଗ୍ରହଣ ଦୀର୍ଘସ୍ଥାୟୀ ବିକାଶ ଯୋଜନାର ସ୍ଥାନୀୟ କରଣ, ସ୍ଥାନୀୟ ଆବଶ୍ୟକତାର ଚିହ୍ନଟ, ବିଭିନ୍ନ ବିଭାଗର ସମନ୍ୱୟ ଏବଂ ଚିରସ୍ଥାୟୀ ଗ୍ରାମୀଣ ବିକାଶ ପାଇଁ ଯୋଜନା ପ୍ରସ୍ତୁତି ସମ୍ବନ୍ଧରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣରେ ଜିପିଡିଓ ଭୀଷ୍ମ ଉ ହେରମ୍ବ ବିଶ୍ୱାଳ ଆକାଂକ୍ଷିତ ବ୍ଲକ ସହଯୋଗୀ ରାକେଶ କୁମାର ଷଡଙ୍ଗୀ ଯୋଗଦେଇଥିଲେ ।

## ଢେଙ୍କାନାଳ ଲାଇନ୍ସ କ୍ଲବର ସାଧାରଣ ସଭା ଅନୁଷ୍ଠିତ



ଢେଙ୍କାନାଳ: ୧୨/୭(ବିଜ୍ଞାନ ମହାନ୍ତି )ସମାଜ ସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଢେଙ୍କାନାଳ ଲାଇନ୍ସ କ୍ଲବର ବାର୍ଷିକ ସାଧାରଣ ସଭା ସୂର୍ଯ୍ୟ ମଣ୍ଡପ, ଢେଙ୍କାନାଳ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରା ଯୋଗ ଦେଇଥିବା ବେଳେ ତାଙ୍କ ଯୋଗଦାନ କ୍ଲବର ସାମାଜିକ କାର୍ଯ୍ୟକୁ ଆହୁରି ଗତି ଦେବ ବୋଲି ଆଶା କରାଯାଉଛି। ସଭାରେ କ୍ଲବରେ ୧୦ ଜଣ ନୂତନ ସଦସ୍ୟଙ୍କୁ ସାମିଲ କରାଯାଇଛି । ଏହା ସହିତ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୫୦ ରୁ ଅଧିକ ଲାଇନ୍ସ ବନ୍ଧୁ ଏକତ୍ରିତ ହୋଇ ସଂଗଠନର ଆଗାମୀ ବର୍ଷର ସେବାମୂଳକ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଓ ଶିକ୍ଷା ସମ୍ପର୍କିତ ଯୋଜନା ଉପରେ ଆଲୋଚନା କରିଥିଲେ । କ୍ଲବର ସଭାପତି ହେମନ୍ତ କୁମାର ଦାଶ ସଭାର ଅଧ୍ୟକ୍ଷତା କରିଥିଲେ। ସଭା ପରିଚାଳନା ସମ୍ପାଦକ ଡଃ ରଜନୀକାନ୍ତ ରାଉତରାଇ କରିଥିବା ବଳେ ଏହି ଅବସରରେ ଲାଇନ୍ସ ଆନ୍ତର୍ଜାତୀୟର ପୂର୍ବତନ ଜିଲ୍ଲା ରାଜ୍ୟପାଳ ପ୍ରଭାତ କୁମାର ମହାନ୍ତି ଏବଂ ଦ୍ୱିତୀୟ ଉପ ଜିଲ୍ଲା ରାଜ୍ୟପାଳ ଡଃ ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ମଞ୍ଚାସୀନ ହୋଇ ନିଜର ମତ ରଖିଥିଲେ ।କ୍ଲବ ତରଫରୁ ସମସ୍ତ ଲାଇନ୍ସ ବନ୍ଧୁମାନଙ୍କୁ ସମୟାନୁବର୍ତ୍ତୀତା ସହ ସଭାରେ ଯୋଗଦେଇ ସଂଗଠନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

## 'ଗାଁ ଦିବସ'କୁ ମାନ୍ୟତା ଦେବା ପାଇଁ ବିଚାର କରିବେ ସରକାର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨/୦୭: (ଅକ୍ଷର ଓଡ଼ିଶା) ଓଡ଼ିଶାର କଳା, ସଂସ୍କୃତି ଏବଂ ବିକାଶ ପାଇଁ କାର୍ଯ୍ୟ କରୁଥିବା ଅଗ୍ରଣୀ ଅନୁଷ୍ଠାନ କଳାକ୍ଷେତ୍ର ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରାଯାଇଛି। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଦସ୍ୟ ସମ୍ପାଦକ ବାସୁଦେବ ମାଲବିଶୋଇ ଏବଂ ରାଜ୍ୟ କାର୍ଯ୍ୟକାରୀ ସଂଗଠନ ସମ୍ପାଦକ ନେତ୍ରମାନ ସେଠ ଉପସ୍ଥିତ ଥିଲେ। କଳାକ୍ଷେତ୍ର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସଂଗଠନର ବାର୍ଷିକ ବିବରଣୀ ଏବଂ କାର୍ଯ୍ୟକ୍ରମ ତଥ୍ୟ ସମ୍ପର୍କିତ ଦୁଇଟି ପୁସ୍ତିକା ପ୍ରଦାନ କରାଯାଇଥିଲା। ଏହା ସହିତ ୨୦୨୫ ମସିହାରୁ ରାଜ୍ୟରେ ସକ୍ରିୟ ଭାବେ ଚାଲିଥିବା 'ଗାଁ ଦିବସ ଅଭିଯାନ'ସମ୍ପର୍କରେ ମାଲବିଶୋଇ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ଆମ ଦେଶ ବା ଅନ୍ତର୍ଜାତୀୟ ସ୍ତରରେ ଗାଁ ଦିବସ ପାଳନ କରାଯାଉନାହିଁ। ତେଣୁ ଏହା ଓଡିଶା ମାଟିରେ ଗାଁ ଦିବସକୁ ପାଳନ କରାଯାଇ ଆମ ଦେଶ ବିଦେଶରେ ଆଦର୍ଶ ହେବ ।୩୦ଟି ଜିଲ୍ଲାରେ ଚାଲିଥିବା 'କଳାକ୍ଷେତ୍ର ଗ୍ରାମ' ଏବଂ 'ଗାଁ ମୋ ମା' କାର୍ଯ୍ୟକ୍ରମ ବିଷୟରେ ମଧ୍ୟ ସୂଚନା ଦିଆଯାଇଥିଲା। ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ 'କଳାକ୍ଷେତ୍ର ସମ୍ମାନ' ଏବଂ 'ମୁଁ ଓଡ଼ିଆ ସମ୍ମାନ'



ପାଇଁ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ସହଯୋଗ ଲୋଡ଼ାଯାଇଥିଲା। ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ଲୋକକଳାକାରମାନଙ୍କ ପାଇଁ ୩ ଶହ ଦିନିଆ କାର୍ଯ୍ୟକ୍ରମ ସମ୍ପର୍କରେ ସମେକ ସୂଚନା ମୁଖ୍ୟମନ୍ତ୍ରୀଙ୍କ ଆଗରେ ରଖାଯାଇଥିଲା। ଏହା ମାଧ୍ୟମରେ ଓଡ଼ିଶାର ପାରମ୍ପରିକ କଳାକୁ ଦେଶ ବିଦେଶରେ ପ୍ରଚାର କରିବା ଲକ୍ଷ୍ୟ ରହିଛି। ସମସ୍ତ ପ୍ରସ୍ତାବକୁ ଶୁଣିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଗାଁ ଦିବସ' ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଲେ ଯେ ଗ୍ରାମ୍ୟ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଏଭଳି ଅଭିଯାନ ଆବଶ୍ୟକ। ସରକାର ନିଶ୍ଚିତ ଭାବେ 'ଗାଁ ଦିବସ'କୁ ମାନ୍ୟତା ଦେବା ପାଇଁ ବିଚାର କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

## ବିପୁଳ ପରିମାଣରେ ଶାଗୁଆନ କାଠ ଜବତ



ଖଜୁରିଆକଟା ୧୨/୭(ନୀଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବନବିଭାଗର ବଡ଼ ଧରଣର ଚଢ଼ାଉରେ ବିପୁଳ ପରିମାଣରେ ମୂଲ୍ୟବାନ ଶାଗୁଆନ କାଠ ଜବତ ହୋଇଛି। ସୂତ୍ରରୁ ପ୍ରକାଶ ହିନ୍ଦୋଳ ବନାଞ୍ଚଳ ବିନ୍ଧୋରୀ ସେକ୍ସନ ରେ ଏକ ଜାଗାରେ ମୂଲ୍ୟବାନ ଶାଗୁଆନ କାଠ ଚୋରାଚାଲାଣ ପାଇଁ କାଠ ମାଫିଆମାନେ ଯୋଜନା କରୁଥିବାବେଳେ ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀ ବିଶେଷ ସୂତ୍ରରୁ ଖବର ପାଇ ସଦଳେବଳେ ଅତର୍କିତ ଚଢ଼ାଉ କରିଥିଲେ। ବନକର୍ମଚାରିଙ୍କୁ ଦେଖି କାଠ ମାଫିଆମାନେ ଫେରାର ହୋଇଯାଇଥିବାବେଳେ ସେଠାରୁ ଏକ ପିକଅପ ନଂ ସହ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଶାଗୁଆନ କାଠ ଜବତ କରିବାସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି ଏବଂ ଖୁବ ଶୀଘ୍ର ଏଥିରେ ସମ୍ପୃକ୍ତ କାଠ ମାଫିଆ ମାନଙ୍କୁ ଗିରଫ କରାଯିବାକୁ ଉଦ୍ୟମ ଚାଲିଥିବା ବିଶେଷ ସୂତ୍ରରୁ ପ୍ରକାଶ

## ପରଜଙ୍ଗ ବ୍ଲକ କଂଗ୍ରେସ କମିଟିର କର୍ମୀ ସମ୍ମିଳନୀ ଅନୁଷ୍ଠିତ

ପରଜଙ୍ଗ ୧୨/୦୭(ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀର ପରଜଙ୍ଗ ବ୍ଲକ କଂଗ୍ରେସ କର୍ମୀ ସମ୍ମିଳନୀ ରବିବାର ସତ୍ୟପାଲେସ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି କର୍ମୀ ସମ୍ମିଳନୀ କୁ ବ୍ଲକ କଂଗ୍ରେସ କମିଟି ର ସଭାପତି ରଞ୍ଜିତ୍ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ପ୍ରଥମ କରି ଶୁଭାରମ୍ଭ କରିଛନ୍ତି । ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ପିସିସି ରାଜ୍ୟ ଉପ ସଭାପତି ଡଃ ଲଲାଟେନ୍ଦୁ ମହାପାତ୍ର ଯୋଗଦାନ କରିଥିବାବେଳେ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା କଂଗ୍ରେସ ସଭାପତି ଛବିନ୍ଦ୍ର କୁମାର ବିଶ୍ୱାଳ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉପ ସଭାପତି ବିଭୁଦତ୍ତ ଭଟ୍ଟ, ଓବିସି ସେଲ୍ ର ଜିଲ୍ଲା ସଭାପତି ଜିତେନ୍ଦ୍ର କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଦୟାସାଗର ଦାସ , ପରଜଙ୍ଗ ବ୍ଲକ ର ପୂର୍ବତନ ସଭାପତି ବିଜୟ କୁମାର ରାଉତରାୟଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଏହି ସମ୍ମିଳନୀ ରେ ଯୋଗଦାନ କରିଥିଲେ। ପ୍ରଥମେ ମଞ୍ଚାସିନ ଅତିଥି ମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ବୃନ୍ଦ ଜଗତର ନାଥ ଶ୍ରୀଜଗନ୍ନାଥ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ଧୂପ ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯକ୍ରମକୁ ଶୁଭାରମ୍ଭ କରିଥିଲେ । ମଞ୍ଚ ପରିଚାଳନା ପୂର୍ବତନ ସଭାପତି ବିଜୟ କୁମାର ରାଉତରାୟ କରିଥିଲେ । ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ବିଜେଡି ର ୨୦ ବର୍ଷ ର ଦୁର୍ନୀତି ଗ୍ରସ୍ତ ଶାସନ, ବର୍ତ୍ତମାନ ର ଡବଲ ଇଞ୍ଜିନ ର ସରକାରର ଦୁର୍ନୀତି ପୂର୍ଣ୍ଣ ମିଥ୍ୟା ପ୍ରତିଶୃତି ସମ୍ବନ୍ଧରେ ସମ୍ୟକ ଭାବେ ସୂଚନା ଦେଇଥିଲେ । ଆଗାମୀ ଦିନରେ ଦଳକୁ ବିଜୟ କରିବାକୁ ହେଲେ ୱାର୍ଡ ସ୍ତରରୁ ଜିଲ୍ଲା ପରିଷଦ ଜୋନ୍ ପର୍ଯ୍ୟନ୍ତ ତୁରନ୍ତ ସଂଗଠନ କରି ଦୃଢ଼ କରିବାପାଇଁ ସୂଚନା ଦେଇଥିଲେ । କଂଗ୍ରେସ ର କାର୍ଯକ୍ରମକୁ ଜନମାନସକୁ ନେଇପାରିଲେ ଆମେ ମାନେ ତଥା ଆମର ଦଳ ଆଗାମୀ ନିର୍ବାଚନ ବିଜୟ ଲାଭ କରିପାରିବ ବୋଲି କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ବ୍ଲକ ର ନୂତନ କର୍ମ କର୍ତ୍ତାଙ୍କ ନାମ ରାଜ୍ୟ ଉପ ସଭାପତି ଘୋଷଣା କରିବା ସହ କର୍ମୀ ମାନଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ ।ପରିଶେଷରେ ପୂର୍ବତନ ସଭାପତି ଶ ରାଉତରାୟ ଧନ୍ୟବାଦ ଦେଇ ସଭା କୁ ସଙ୍ଗ କରିଥିଲେ ।

## ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

## ଯୁବପିଢ଼ିଙ୍କୁ ସଚେତନ କରାଗଲା

ଢେଙ୍କାନାଳ, ୧୨/୦୭ (ସୁଶାନ୍ତ କୁମାର ପାଣି): ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ, ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଗତ



ଶନିବାର ବିଶ୍ୱ ଜନସଂଖ୍ୟା ଦିବସ-୨୦୨୬ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ 'ଆଜି ଏବଂ ଭବିଷ୍ୟତ ପାଇଁ ଯୁବପିଢ଼ିଙ୍କ ଆଶା ଓ ଆକାଂକ୍ଷାର ସାକାର ରୂପାୟନ' ଉପରେ ଆଧାରିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।ଜିଲ୍ଲା ବିଜ୍ଞାନ ଅଧିକାରୀ ଏମ୍. ଏମ୍. ରାଉତ ସ୍ୱାଗତ ଭାଷଣ ଦେଇ ଜନସଂଖ୍ୟା ବୃଦ୍ଧି, ସମ୍ବଳର ସୁଚିନ୍ତିତ ବ୍ୟବହାର ଓ ଯୁବପିଢ଼ିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସହକାରୀ ଲିଗାଲ ଏଡ୍ ଡିଫେନ୍ସ କାଉନସେଲ୍ ବିଭୂପ୍ରସାଦ ମହାରଣା ଯୋଗଦେଇ ଜନସଂଖ୍ୟା ବୃଦ୍ଧିର ସାମାଜିକ, ଆର୍ଥିକ ଓ ଆଇନଗତ ଦିଗ ଉପରେ ଆଲୋଚନା କରିଥିଲେ। ଯୁବପିଢ଼ିଙ୍କୁ ଅଧିକାର ଓ କର୍ତବ୍ୟ ସମ୍ପର୍କରେ ସଚେତନ ହୋଇ ଏକ ସୁସ୍ଥ, ଶିକ୍ଷିତ ଓ ଦାୟିତ୍ୱବାନ ସମାଜ ଗଠନରେ ଭୂମିକା ନେବାକୁ ସେ ଆହ୍ୱାନ ଦେଇଥିଲେ।ଏହି ଅବସରରେ ଓପେନ୍ ହାଉସ୍ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନେ ଜନସଂଖ୍ୟା, ସ୍ୱାସ୍ଥ୍ୟ, ପରିବେଶ ଓ ବିଜ୍ଞାନ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେଇଥିଲେ। ଶିକ୍ଷା ସହାୟକ ଶଙ୍କର ଗୁରୁଙ୍ଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନୂତନ ମଦ ଦୋକାନ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ



ଖଜୁରିଆକଟା ୧୨/୭(ନୀଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରସୋଳ ଅଞ୍ଚଳର ଜନବାସତି ସ୍ଥାନରେ ମଦଦୋକାନ ଖୋଲିବାକୁ ନେଇ ଦେଖାଦେଇଛି ଜନଅସନ୍ତୋଷ ।ନିୟମଅନୁଯାଇ ରାସ୍ତା ପାର୍ଶ୍ୱ,ଜନବସତି, ଶିକ୍ଷା ଓ ଧର୍ମ ଅନୁଷ୍ଠାନ ର ୫୦୦ ମିଟର ଭିତରେ ମଦ ଦୋକାନ ଖୋଲିବା ପାଇଁ ଅନୁମତି ନଥିବା ବେଳେ ରାଜ୍ୟ ର ବିଭିନ୍ନ ସ୍ଥାନରେ ଏହି ନିୟମ ର ଖୋଲା ଖୋଲି ଉଲଂଘନ ହେଉଥିବାର ଦେଖିବାକୁ ମିଳୁଛି। ହିନ୍ଦୋଳ ଉପଖଣ୍ଡ ରାସୋଳ ପଞ୍ଚାୟତର ପୁରୁଣା କଟକ ସମ୍ବଲପୁର ରାସ୍ତା ନାଉକିଆରୀ ଓ ତେଲି ଭୁଇଁ ମଧ୍ୟସ୍ଥଳ ଜନବସତିପୂର୍ଣ୍ଣ ସ୍କୁଲ ନିକଟରେ ଖୋଲିଛି ଲାଇସେନ୍ସପ୍ରାପ୍ତ ନୂତନ ମଦଦୋକାନ ।ମଦ ଦୋକାନ ଖୋଲିବା ଦ୍ୱାରା ଏଠାରେ ରାସ୍ତା ଜାମ୍ କରିବା ସହିତ ଗଣ୍ଡଗୋଳ, ପଥଚାରି,ମହିଳାଙ୍କ ପ୍ରତି ଅଶାଳୀନ ବ୍ୟବହାର,କୁନିକୁନି ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ଓ ଦୁର୍ଘଟଣା ସହ ଅପ୍ରିତୀକର ପରିସ୍ଥିତି ଉପୁଜିବା ବି ଅସମ୍ଭବ ନୁହେଁ ।ତେବେ ଏସବୁ ସମସ୍ୟା କୁ ନେଇ ଅସନ୍ତୋଷ ବୃଦ୍ଧି ପାଉ ଥିବା ବେଳେ ସୁରକ୍ଷିତ ସ୍ଥାନକୁ ମଦ ଦୋକାନ ସ୍ଥାନାନ୍ତରଣ ପାଇଁ ଖୁବ୍ ଶୀଘ୍ର ଉପଜିଲ୍ଲାପାଳ,ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀ ଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଅଣ୍ଟା ଭିଡୁଛନ୍ତି ସ୍ଥାନୀୟ ଅଞ୍ଚଳବାସି ।

## ଲଡୁଗାଁ ହାଇୟର ସେକେଣ୍ଡାରୀ ସ୍କୁଲର ୩୭ ତମ ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ



କୋକସରା :୧୨/୭ (ମଙ୍ଗରାଜ ବେହେରା ) କୋକସରା ବ୍ଲକ ଲଡୁଗାଁ ହାଇୟର ସେକେଣ୍ଡାରୀ ସ୍କୁଲ ର ୩୭ ତମ ପ୍ରତିଷ୍ଠା ଦିବସ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଉଛି। କାର୍ଯ୍ୟକ୍ରମ ର ପ୍ରଥମ ଅଧିବେଶନରେ ବରିଷ୍ଠ ଶିକ୍ଷାବିଦ ତ୍ରିନାଥ ଠାକୁର ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ମୁଖ୍ୟ ବକ୍ତା ବରିଷ୍ଠ ଶିକ୍ଷାବିଦ ବନମାଳୀ ମାଝୀ, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ହେମନ୍ତ ଚନ୍ଦ୍ର ସାହୁ, ମଦନ ସିଂ ମାଝୀ, ଖଗେଶ୍ୱର ଚୌଧୁରୀ,ଶ୍ରୀମନ୍ତ ପାଢ଼ୀ, ଗୁଣନିଧି ବାଗ, ଅବସର ପ୍ରାପ୍ତ ଅଧାପକ ପ୍ରେମାନନ୍ଦ ସାହା, ପଙ୍କଜ ମୁଖ ଚୌଧୁରୀ ପ୍ରମୁଖ ମଞ୍ଚ ରେ ଉପସ୍ଥିତ ଥିଲେ। ସେକେଣ୍ଡାରୀ ସ୍କୁଲ ର ଅଧକ୍ଷ ଡ଼. ନିହାରକାନ୍ତ ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ପ୍ରତିଷ୍ଠା ସମାରୋହ ରେ ଉପସ୍ଥିତ ଅତିଥିମାନେ ଦିର୍ଘ ୩୭ ବର୍ଷ ର ଶିକ୍ଷା ର ଆଲୋକ ବର୍ତ୍ତିକା ବାଣ୍ଟିଥିବା ଏହି ଶିକ୍ଷାନୁଷ୍ଠାନ ରେ ଅଧ୍ୟୟନ କରି ଅଞ୍ଚଳ ରେ ଅନେକ ଛାତ୍ରଛାତ୍ରୀ ମାନେ ଜୀବନ ର ସୋପାନ ରେ ଜଣେ ଜଣେ ସଫଳ ମଣିଷ ହୋଇ ଅଞ୍ଚଳ ପାଇଁ ର୍ଗ୍ୱ ଓ ଗୌରବ ଆଣିଛନ୍ତି ବୋଲି ଉପସ୍ଥିତ ବକ୍ତା ମାନେ ମତବ୍ୟକ୍ତ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ଶିକ୍ଷା ବର୍ଷ ୨୫/୨୬ ରେ କଲେଜ ପାଇଁ ଉତ୍କୃଷ୍ଟ ମାର୍କ ରଖି ଗୌରବ ଆଣିଥିବା ୩୦ ଜଣ ଛାତ୍ରଛାତ୍ରୀ ଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହା ସହ ନିୟମିତ ଉପସ୍ଥାନ ଓ ଭଲ ମାର୍କ ରଖିଥିବା ଛାତ୍ରୀ ତୃପ୍ତି ମାଝୀ ଓ ବିନି ଦାସ ଶିକ୍ଷାନୁଷ୍ଠାନ ର ଅଧାପକ ଶଙ୍କର ସତନାମୀ, ଭାଗବତ କଟା, ତୁଳସିରାମ ବାଗ, ଦିବାକର ଦୁର୍ଗା ଙ୍କୁ ଶିକ୍ଷା କ୍ଷେତ୍ରରେ ଦକ୍ଷତା ଓ ପାରିଦର୍ଶିତା କୁ ନେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ସଂସଦ ର ୧୨ ଜଣ ଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧାପକ ସଞ୍ଜୟ କୁମାର ପୁରୋହିତ ମଞ୍ଚ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ବିରେନ୍ଦ୍ର ନାରାୟଣ ଦାସ ଓ ଭାରତ ଭୂଷଣ ଠାକୁର ଙ୍କ ନିର୍ଦେଶନା ରେ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।କାର୍ଯ୍ୟକ୍ରମ କୁ ସେକେଣ୍ଡାରୀ ସ୍କୁଲ ର କର୍ମଚାରୀ ବିଭଞ୍ଜନ ସାହୁ, ଭାନୁମତି ମାଝୀ,ସ୍ୱପ୍ନା ନାଏକ ସହଯୋଗ କରିଥିବା ବେଳେ ପ୍ରଶାନ୍ତ କୁମାର ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

## କୋରାପୁଟ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚାର ୧୮ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା

କୋରାପୁଟସଦର, ୧୨/୦୭: ଭାରତୀୟ ଜନତା ଯୁବ ମୋର୍ଚ୍ଚା ବିଜେୱାଇଏମ୍ କୋରାପୁଟ ଜିଲ୍ଲା ପକ୍ଷରୁ ଜିଲ୍ଲାର ୧୮ଟି ମଣ୍ଡଳ ପାଇଁ ନୂତନ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ଏବଂ କୋରାପୁଟ ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲିଙ୍କ ଅନୁମୋଦନକ୍ରମେ ଏହି ତାଲିକା ପ୍ରକାଶ କରାଯାଇଥିବା ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଆଦିତ୍ୟ ହନ୍ତାଳ ସୂଚନା ଦେଇଛନ୍ତି। ଘୋଷିତ ତାଲିକା ଅନୁଯାୟୀ କୋରାପୁଟ ବିଧାନସଭା କ୍ଷେତ୍ରର କୋରାପୁଟ ପୌର ମଣ୍ଡଳରେ ଡାଲୁ ଖିଲ୍ଲ, ଲମତାପୁଟରେ ଅନନ୍ତ କୁମାର ନାୟକ, ମାଛକୁଣ୍ଡରେ ମନା ସିସା ଓ ସୁନାବେଡା ପୌର ମଣ୍ଡଳରେ ସାଇ ପ୍ରସାଦ ଖୁଣ୍ଟିଆଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି। ସେହିପରି ଜୟପୁର ବିଧାନସଭା କ୍ଷେତ୍ରର ଆମ୍ବାଗୁଡ଼ାରେ ବିକ୍ରମ ଦାଶ, ବୋରିଗୁମ୍ମାରେ ସୀମାଞ୍ଚଳ ଗୌଡ଼ ଏବଂ ଜୟପୁର ପୌର ମଣ୍ଡଳରେ ପ୍ରଭଞ୍ଜନ ବିଶ୍ୱାଳଙ୍କୁ ଦାୟିତ୍ୱ ଦିଆଯାଇଛି ।କୋଟପାଡ଼ ବିଧାନସଭା କ୍ଷେତ୍ରର କୋଟପାଡ଼ ଏନ୍ ?ଏସିରେ ଓମ ପ୍ରକାଶ ଦାଶ, ସାସାହାଣ୍ଡିରେ ବିକ୍ରମ କେଶରୀ ସୁରଦେବ ଏବଂ ଗିର୍ଲାରେ ସୁନାଧର ଗାଡ଼ବାଙ୍କୁ ମଣ୍ଡଳ ସଭାପତି କରାଯାଇଛି। ଲକ୍ଷ୍ମୀପୁର ବିଧାନସଭା କ୍ଷେତ୍ରର ପୋଡ଼ାଗଡ଼ାରେ ଅରବିନ୍ଦ ବିଶୋଇ, ଦଶମନ୍ତପୁରରେ ଦେବାଶିଷ ବୈଦ୍ୟ, କାକିରିଗୁମ୍ମାରେ ସମାରୁ ତୁରୁକ, ଲକ୍ଷ୍ମୀପୁରରେ ସୁଧାକର କୁଲଦୀପ, ନାରାୟଣପାଟଣାରେ ବସନ୍ତ କୁମାର ସୁବୁଦ୍ଧି ଏବଂ କୁମ୍ଭାରିପୁଟରେ ଅସନ୍ତୁ ମେଲେକାଙ୍କୁ ମଣ୍ଡଳ ସଭାପତି ଭାବେ ନିଯୁକ୍ତ କରାଯାଇଛି। ପଟ୍ଟାଙ୍ଗୀ ବିଧାନସଭା କ୍ଷେତ୍ରର ସୁବାଇରେ ମନୋଜ ହନ୍ତାଳ ଏବଂ ନନ୍ଦପୁରରେ ଭଗବାନ ଲାକେଇଙ୍କୁ ମଣ୍ଡଳ ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି।

## ଢେଙ୍କାନାଳ ଅବସର ପ୍ରାପ୍ତ ପୋଲିସ ଅଫିସର ସଂଘର ଅଧିବେଶନ



ଢେଙ୍କାନାଳ, ୧୨/୭(ସୁଶାନ୍ତ କୁମାର ପାଣୀ): ଢେଙ୍କାନାଳ ଜିଲ୍ଲା ଅବସର ପ୍ରାପ୍ତ ଆରକ୍ଷୀ ଅଧିକାରୀ କଲ୍ୟାଣ ସଂଘର ଏକ ଅଧିବେଶନ ଗତ ଶନିବାର ଶ୍ୟାମାଚରଣ ପୁର 'ଶେୟାର' ଏନଜିଓ ହଲରେ ସଭାପତି ଅକ୍ଷୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ଅଧିବେଶନରେ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ମିଶ୍ର, ଅବସର ପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଉତ୍କଳ ରଞ୍ଜନ ଦାସ, ସମ୍ପାଦକ ବ୍ରହ୍ମାନନ୍ଦ ନାୟକଙ୍କ ସମେତ ପ୍ରାୟ ୪୦ ଜଣ ସଭ୍ୟ ଯୋଗଦେଇଥିଲେ ।ସଭାରେ ସଂଘ ସଦସ୍ୟ ଆମ୍ବୁଜ କୁମାର ବିଶ୍ୱାଳଙ୍କ ଆକସ୍ମିକ ବିୟୋଗ ଉପଲକ୍ଷେ ନିରବ ପ୍ରାର୍ଥନା କରାଯାଇଥିଲା। ସଂଘର ବିଭିନ୍ନ ସମସ୍ୟା ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା ହୋଇଥିଲା। ସଭାରେ ଯୋଗ ଦେଇ ନଥିବା ସଭ୍ୟମାନଙ୍କୁ ଆସନ୍ତା ଅଧିବେଶନରେ ଯୋଗ ଦେବାକୁ ଅନୁରୋଧ କରାଯାଇଥିଲା ।ସଂଘର ସ୍ଥାୟୀ ଘର ନ ଥିବାରୁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଏକ ସ୍ଥାୟୀ ଘର ଯୋଗାଇ ଦେବାକୁ ଅନୁରୋଧ କରିବା ପାଇଁ ସଭାରେ ନିଷ୍ପତ୍ତି ନିଆଯାଇଥିଲା।

## ଦୁର୍ଗମ ଅଞ୍ଚଳରେ ବାଲିଗୁଡ଼ା ପୋଲିସ ପକ୍ଷରୁ ସିପିକ୍ ଆକ୍ସନ ପ୍ରୋଗ୍ରାମ

ଫୁଲବାଣୀସଦର ୧୨/୦୭:(ଅକ୍ଷର ଓଡିଶା) କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପୋଲିସ ପକ୍ଷରୁ ଏକ ସିପିକ୍ ଆକ୍ସନ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ବାଲିଗୁଡ଼ା ଥାନା ଅନ୍ତର୍ଗତ ଦୁର୍ଗମ ଲଣ୍ଡାଗାଁ ପଞ୍ଚାୟତ ଠାରେ ଏହି କାର୍ଯ୍ୟକ୍ରମ ଟି ହୋଇଥିଲା। ବାଲିଗୁଡ଼ା ଏସ୍ ଡି ପିଓ ଶୁଭମ ଭୋସଲେ ଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବାଲିଗୁଡ଼ା ତହସିଲଦାର ଦୀପ୍ତି ପ୍ରକାଶ ବେହେରା, ବାଲିଗୁଡ଼ା ଥାନା ଅଧିକାରୀ ସମୀର କୁମାର ବେହେରା,ଏସ୍ ଆଇ ସଞ୍ଜୟ ସ୍ୱାଇଁ, ବିକାଶ ଜାଲି, କିଶୋର ପ୍ରଧାନ, ଅମରେନ୍ଦ୍ର ସୁବୁଦ୍ଧି,ସମାଜସେବୀ ଦେବେନ୍ଦ୍ର କୁଦେଇ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ତୁମ୍ଭର ଏବଂ ତୁମ୍ଭର ସମସ୍ୟା ବେଳେ ତୁମ୍ଭ ସହିତ ଉପସ୍ଥିତ ଅଛି ବୋଲି ବାଲିଗୁଡ଼ା ଏସ୍ ଡି ପିଓ ନିଜ ଉଦବୋଧନ ରଖିଥିଲେ। ଏହା ସହ ସମସ୍ତ ଜମି ଜମା ବିଶୃଙ୍ଖଳା ରେ ପ୍ରଥମେ ଥାନାରେ ଦ୍ୱାରସ୍ଥ ହୁଅନ୍ତୁ ବୋଲି ବାଲିଗୁଡ଼ା ତହସିଲଦାର କହିଥିଲେ ।ଏହି କାର୍ଯ୍ୟକ୍ରମରେ ପାଖାପାଖି ଅଞ୍ଚଳରୁ ଆସିଥିବା ତିନି




ସହରୁ ଉର୍ଦ୍ଧ ଗ୍ରାମବାସୀ ଙ୍କୁ ଶାଢ଼ି, ସଲ, ଛତା,ଚାର୍ଜ ଲାଇଟ୍ ଏବଂ ଉପସ୍ଥିତ ଥିବା କୁନି କୁନି ଛାତ୍ରଛାତ୍ରୀ ଙ୍କୁ ସ୍କୁଲ ବ୍ୟାଗ୍, ଖାତା, ପେନସିଲ ଆଦି ବାଲିଗୁଡ଼ା ଏସ୍ ଡି ପିଓ,ତହସିଲଦାର ଓ ଥାନା ଅଧିକାରୀ ନିଜ ହାତରେ ବଣ୍ଟନ କରିଥିବା ଦେଖାଦେଇଥିଲା। ସବୁଠାରୁ ବଡ କଥା ହେଲା ଲଣ୍ଡାଗାଁ ଠାରୁ ବାରଖମା ଫାଣ୍ଡି ପାଖାପାଖି ୩୦ ରୁ ୪୦ କିଲୋମିଟର ହେଉଥିବାରୁ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ଲଣ୍ଡା ଗାଁ ଠାରେ ଏକ ଫାଣ୍ଡି ଗଠନ କରିବାକୁ ବାଲିଗୁଡ଼ା ଏସ୍ ଡି ପିଓ ପ୍ରତିଶ୍ରୁତି ଦେଇଥିଲେ। ଯାହାକି ଅଞ୍ଚଳବାସୀଙ୍କ ମନରେ ଏକ ଖୁସିର ଛାୟା ଦେଖିବାକୁ ମିଳିଥିଲା ।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଜନସାଧାରଣ ଓ ପୋଲିସର ସମ୍ପର୍କ ସୁଦୃଢ ହେବା ସହ ସାମାଜିକ ସଚେତନତା ବୃଦ୍ଧି ପାଇଥିବା ପରିଲକ୍ଷିତ ହୋଇଥିଲା।

## କୁମ୍ଭାରପଡା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

ଖଣ୍ଡପଡ଼ା ୧୨ ।୭ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡା ଉଚ୍ଚ ବିଦ୍ୟାଳୟର ୫୪ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦଳେଇଙ୍କ ଅଧ୍ୟକ୍ଷତାରେ ରବିବାର ପାଳିତ ହୋଇଯାଇଛି। ଏ ଅବସରରେ ଗ୍ରାମର ଆରାଧ୍ୟ ପ୍ରଭୁ ଶ୍ରୀ ଲଡୁକେଶ୍ୱର ଦେବଙ୍କ ମନ୍ଦିରରେ ଅନୁଷ୍ଠାନ କର୍ତ୍ତୃପକ୍ଷ ଉପସ୍ଥିତ ରହି ପ୍ରଥମେ ପୂଜାର୍ଚ୍ଚନା କରିଥିଲେ ।ପରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁମ୍ଭାରପଡା ପଞ୍ଚାୟତର ସରପଞ୍ଚ ଚିନ୍ମୟ କୁମାର ପଣ୍ଡା ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଛାତ୍ର ସଂସଦର ସମ୍ପାଦକ ଅଜୟ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ରାଜ କିଶୋର ମଲ୍ଲିକ, ମନୋଜ କୁମାର ନାୟକ, ବରାଳ ଭେଙ୍କଟ ଦାଶ,ଗୋପାଳ ଚନ୍ଦ୍ର ନାୟକ, ଜିତେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତୋରତର ଉନ୍ନତି କାମନା କରିବା ସହ ପ୍ରତିଷ୍ଠା ଦିବସ ପାଳନର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ ।ଶ୍ରମ ଓ ଶୃଙ୍ଖଳା ଜ୍ଞାନ ହେଉଛି ସଫଳତାର ଚାବି କାଠି ବୋଲି ଅତିଥିମାନେ ମତ ଦେବା ସହ ଛାତ୍ରୀଛାତ୍ରଗଣ ଶୃଙ୍ଖଳିତ ଜୀବନକୁ ଆପଣେଇ ଉଚ୍ଚାଭିଳାଷୀ ହେବାକୁ ମଞ୍ଚାସୀନ ଅତିଥିବୃନ୍ଦ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ଶିକ୍ଷକ



ଗୋପାଳ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।ଏ ଅବସରରେ ଅନୁଷ୍ଠାନ ପରିସରରେ ଶିକ୍ଷକ,ଶିକ୍ଷୟିତ୍ରୀ ଓ ଅତିଥିମାନଙ୍କ ଗହଣରେ ଛାତ୍ରଛାତ୍ରୀମାନେ ମିଳିତ ହୋଇ ବିଭିନ୍ନ କିସମର ଚାରା ରୋପଣ କରିଥିଲା ବେଳେ ବୃକ୍ଷରୋପଣର ମହନୀୟତା ସଂର୍ପକରେ ପ୍ରଧାନ ଶିକ୍ଷୟତ୍ରୀ ଛାତ୍ରଛାତ୍ରୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ।




**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ପ୍ଲାଷ୍ଟିକ ପ୍ରଦୁଷଣ ବଢ଼ିଚାଲିଛି

ବ୍ୟାପକ ସଚେତନତା ଏବଂ ବ୍ୟାପକ ହ୍ରାସ ପ୍ରୟାସ ସତ୍ତ୍ୱେ ପ୍ଲାଷ୍ଟିକ ପ୍ରଦୁଷଣ ସମଗ୍ର ବିଶ୍ୱରେ ଏକ ବଢିଚାଲିଥିବା ସମସ୍ୟା ଭାବେ ଉଭା ହୋଇଛି ବୋଲି କୁହାଯାଇପାରେ। ପ୍ଲାଷ୍ଟିକର ଭୟାବହତା ନିୟନ୍ତ୍ରଣ ପାଇଁ ପ୍ରଚଳିତ ବର୍ଜ୍ୟ ପରିଚାଳନା ଏବଂ ରିସାଇକେଲିଂ ଟେକ୍ନୋଲୋଜି ବିଫଳ ହୋଇଛି। ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନିପି) ଅନୁଯାୟୀ ୧୯୫୦ ରୁ ୨୦୧୭ ମଧ୍ୟରେ ବିଶ୍ୱରେ ପ୍ରାୟ ୯.୨ ବିଲିଅନ ଟନ ପ୍ଲାଷ୍ଟିକ ସାମଗ୍ରୀ ଉତ୍ପାଦିତ ହୋଇଥିଲା। ସେଥିମଧ୍ୟରୁ ପ୍ରାୟ ୭ ବିଲିଅନ ଟନ ପ୍ଲାଷ୍ଟିକ ସାମଗ୍ରୀ ଏହି ସମୟ ମଧ୍ୟରେ ମାଟିରେ ପୋତାଯାଇଛି କିମ୍ବା ପରିବେଶରେ ମିଶିଛି। ଅର୍ଗାନାଇଜେସନ ଅଫ ଇକୋନେମିକ୍ କୋ-ଅପରେସନ ଆଣ୍ଡ ଡେଭଲପମେଣ୍ଟ (ଓଇସିଡି)ର ତଥ୍ୟକୁ ଆଧାରକରି ଗ୍ଲୋବାଲ ପ୍ଲାଷ୍ଟିକ ଆଉଟଲୁକ-୨୦୨୨ ରିପୋର୍ଟରେ କୁହାଯାଇଛି ଯେ, ମାତ୍ର ୧୦ପ୍ରତିଶତ ପ୍ଲାଷ୍ଟିକର ରିସ୍ଲାଇକେଲିଂ କରାଯାଇଛି। ଏହା ସ୍ପଷ୍ଟ କରୁଛି ଯେ, ରିସାଇକେଲିଂ ଦ୍ୱାରା ପ୍ଲାଷ୍ଟିକ ସମସ୍ୟାର ସମାଧାନର ପନ୍ଥା ହୋଇନପାରେ। ତେବେ ଆନ୍ତର୍ଜାତିକ ସ୍ତରରେ ପ୍ଲାଷ୍ଟିକ ପ୍ରଦୁଷଣ ସମସ୍ୟାର ସମାଧାନ ଲାଗି ଏହାର ଉତ୍ପାଦନ ହ୍ରାସ କରିବା ଏକ ମାତ୍ର ଫଳପ୍ରଦ ପଦକ୍ଷେପ ବୋଲି କୁହାଯାଇପାରିବ। କିନ୍ତୁ ଏଥିଲାଗି ଫଳପ୍ରଦ ଓ ଗ୍ରହଣଯୋଗ୍ୟ ଉଦ୍ୟମ ଆବଶ୍ୟକ। ଏହା ପ୍ଲାଷ୍ଟିକ ଉତ୍ପାଦନ ଏବଂ ବର୍ଜ୍ୟ ପରିଚାଳନା ସମସ୍ୟା ମଧ୍ୟରେ ଦେଖାଦେଇଥିବା ପାର୍ଥକ୍ୟକୁ ଅତିକ୍ରମ କରିବାରେ ସହାୟକ ହେବ। ଅର୍ଥ ଆଗମନ ଦ୍ୱାରା ପ୍ରକାଶିତ ପ୍ଲାଷ୍ଟିକ ଓଭରସୁଟ ଡେ(ପିଓଡି) ରିପୋର୍ଟ ୨୦୨୫ରେ କୁହାଯାଇଛି ଯେ, ଏକ ତୃତୀୟାଂଶରୁ ଅଧିକ ପ୍ଲାଷ୍ଟିକ ଉତ୍ପାଦ ଏବେ ଅପବ୍ୟବହାର ହେଉଛି। ପ୍ଲାଷ୍ଟିକ ସମାଗ୍ରୀର ଉତ୍ପାଦନ ହ୍ରାସ ବିନା ପ୍ଲାଷ୍ଟିକ ପ୍ରଦୁଷଣ ବ୍ୟାପକ ହେବା। ଏହା ନିସନ୍ଦେହ ଯେ, ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ଠାରୁ ଏହାର ବର୍ଜ୍ୟ ପରିମାଣ ବୃଦ୍ଧି ପାଇବା ଫଳରେ ପ୍ରଦୁଷଣର ମାତ୍ରା ବଢିଚାଲିଛି ବୋଲି ପିଓଡି ରିପୋର୍ଟରେ କୁହାଯାଇଛି।

ସେହିପରି ବିଶ୍ୱସ୍ତରରେ ପ୍ଲାଷ୍ଟିକର ବାଣିଜ୍ୟ ନେଇ ଗତ ଅଗଷ୍ଟ ମାସରେ ୟୁଏନସିଟିଏଡି ଦ୍ୱାରା ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ଆନ୍ତର୍ଜାତିକ ସ୍ତରରେ ୭୮ପ୍ରତିଶତରୁ ଅଧିକ ପ୍ଲାଷ୍ଟିକ ଉତ୍ପାଦିତ ସାମଗ୍ରୀର ବେପାର ହେଉଥିବାବେଳେ ଏଥିରୁ ୭୫ପ୍ରତିଶତ ବର୍ଜ୍ୟ ଆକାରରେ ବାହାରିଥାଏ। କହିବା ବାହୁଲ୍ୟ ଯେ, ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ଏବଂ ରିସାଇକେଲିଂ ପାଇଁ ରାଷ୍ଟ୍ରଗୁଡିକ ଆଗ୍ରହୀ ଅଛନ୍ତି। କିନ୍ତୁ କେହି ଏହାର ଉତ୍ପାଦନକୁ ସୀମିତ କରିବାକୁ ଚାହାଁନ୍ତି ନାହିଁ। କିନ୍ତୁ ଏହା ନିସନ୍ଦେହ ଯେ, ଉତ୍ପାଦନ ହ୍ରାସ ଏବଂ ବର୍ଜ୍ୟ ପରିଚାଳନା ଲାଗି ଅତ୍ୟାଧୁନିକ ଜ୍ଞାନ କୌଶଳର ପ୍ରୟୋଗ ହିଁ ପ୍ରଦୁଷଣକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇପାରିବ। ଏହା ନିଶ୍ଚିତ ଯେ, ପ୍ଲାଷ୍ଟିକ ସାମଗ୍ରୀ ସହଜରେ ପରିବହନକ୍ଷମ ହୋଇଥିବାରୁ ଏହାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାରରେ ଲୋକେ ଏତେ ଅଭ୍ୟସ୍ତ ଯେ, ଏହା ବିନା ଚଳିବା ଅସମ୍ଭବ ମନେହୁଏ। ମଣିଷର ଦୈନନ୍ଦିନ ଜୀବନ ସହ ପ୍ଲାଷ୍ଟିକ ସାମଗ୍ରୀ ଏକ ପ୍ରକାର ଯୋଡି ହୋଇଯାଇଛି ବୋଲି କହିଲେ ହୁଏତ ଅତିରଂଜିତ ହୋଇନପାରେ। ପ୍ଲାଷ୍ଟିକ ପ୍ରଦୁଷଣ ଏବେ ଉଭୟ ପରିବେଶ ଓ ସ୍ୱାସ୍ଥ୍ୟ ପ୍ରତି ଗୁରୁ ବିପଦ ଭାବେ ଉଭା ହୋଇଛି। ଆଇୟୁସିଏନ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ପ୍ଲାଷ୍ଟିକ ପ୍ରଦୁଷଣ କେବଳ ସ୍ୱାସ୍ଥ୍ୟ ଉପରେ ନୁହେଁ ଅର୍ଥନୀତି, ଜଳବାୟୁ ଏବଂ ଜୈବସମାଜ ଉପରେ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ପ୍ରଭାବ ପକାଇଛି। ଆହୁରି ମଧ୍ୟ ମାଟିର ଉର୍ବରତା ହ୍ରାସର କାରଣ ହୋଇଥିବାବେଳେ ରୋଗ ପ୍ରତିରୋଧକାରୀ ଜୀବାଣୁ, ବନ୍ୟଜନ୍ତୁ ଏବଂ ଜୀବଜନ୍ତୁ ପାଇଁ କ୍ଷତିକାରକ ହୋଇଛି।

# ଗୁଞ୍ଜାଦିଆ ଅତିଥି




**ବାବୁଲାଲ ପଲେଇ**
ସଂପାଦକ: ସଂଯୋଗୀ ସଜଫୁଲ
କୁଣ୍ଡାପିଠା, କେନ୍ଦୁଝର, ୯୪୩୭୧୫୨୯୩୬


ମାନବ ତିଷ୍ଠି ରହିଲେ ଋତୁରାଜ ବସନ୍ତର ମୃଦୁ ମଳୟ ପବନ ପ୍ରବାହିତ ହୋଇ ସମାଜ ହୁଏ ଉଲ୍ଲସିତ। ନାନାଦି ପୁଷ୍ପର ସୌରଭ କୁ ନେଇ ଦେଖାଯାଏ ଚତୁର୍ଦ୍ଦିଗେ ସୁଶୋଭିତ ବନ ଉପବନ। ବନ ଉପବନର ପ୍ରାକୃତିକ ଶୋଭା ମନ ଓ ହୃଦୟକୁ କରେ ପୁଲକିତ। ମାନବ ନିଏ ଶାନ୍ତିର ନିଃଶ୍ୱାସ। କିନ୍ତୁ ପ୍ରକୃତିର ଗର୍ଭରେ ବିପର୍ଯ୍ୟୟ ଘଟିଲେ ସାହିତ୍ୟ ହିଁ ସମାଧାନର ସୂତ୍ର ନିର୍ଣ୍ଣୟ କରିଥାଏ।ଇତିହାସ ଏହାର ମୁକ ସାକ୍ଷୀ। ଏକାକୀ ବା ସଂଘବଦ୍ଧ ହୋଇ ସାହିତ୍ୟ ମାଧ୍ୟମରେ ସମାଜକୁ ଦେଇଥାନ୍ତି ନୂତନ ଦିଗଦର୍ଶନ। ସଂସ୍କାର ପୂର୍ଣ୍ଣ ସହ ଶୃଙ୍ଖଳିତ ଜୀବନ ଯାପନ କରିବା ପାଇଁ ସାହିତ୍ୟ ବାଧ୍ୟ କରେ। ଏହିକ୍ରମରେ ଓଡ଼ିଆ ଭାଷା ସାହିତ୍ୟ ବାଦ୍ ପଡ଼ିବ କାହିଁକି ? ସେ ବି ତା'ର କାୟା ବିସ୍ତାର କରି ନିଜ ପରିଜନଙ୍କୁ ସଂସ୍କୃତି ସଂପନ୍ନ କରାଇ ଏକତା ସୂତ୍ରରେ ବାନ୍ଧି ରଖିବାକୁ ଶତଚେଷ୍ଟିତ।

କିନ୍ତୁ କିଛି ଅସାହିତ୍ୟିକ, ଅର୍ଥ ଲୋଭର ବଶବର୍ତ୍ତୀ ହେଉ ବା ନିଜକୁ ଆତ୍ମ ବଡିମା ଦେଖାଇବାକୁ ଯାଇ ସାହିତ୍ୟକୁ ବ୍ୟବସାୟ ରେ ପରିଣତ କରିଦେଲେଣି।ସମ୍ପ୍ରତି ଓଡ଼ିଆ ଭାଷା ସାହିତ୍ୟକୁ ନେଇ ସମାଜରେ ଯେତେ ସବୁ ସାହିତ୍ୟୋତ୍ସବ ଅନୁଷ୍ଠିତ କରାଯାଉଛି ସେ ସବୁ ବିଭିନ୍ନ ଦ୍ରବ୍ୟର ଅଳଙ୍କାରରେ ସୁଶୋଭିତ ହେଲେ ମଧ୍ୟ ସାହିତ୍ୟୋତ୍ସବର ପ୍ରକୃତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧନ ହୋଇ ନଥାଏ। ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି:-

ଶ୍ରେୟାନ୍ ଦ୍ରବ୍ୟମୟାତ୍ ଯଜ୍ଞାଜ୍ ଜ୍ଞାନଯଜ୍ଞଃ ପରନ୍ତପ। ଅର୍ଥାତ୍ ଦ୍ରବ୍ୟମୟ ଯଜ୍ଞ ଅପେକ୍ଷା ଜ୍ଞାନ ଯଜ୍ଞ ଅତ୍ୟନ୍ତ ଶ୍ରେଷ୍ଠ।ସକଳ ପ୍ରକାର କର୍ମ ହିଁ ଜ୍ଞାନରେ ପରିସମାପ୍ତ ହୋଇଥାଏ। ସୂର୍ଯ୍ୟ ଯେପରି ସମସ୍ତ ବ୍ରହ୍ମାଣ୍ଡ କୁ ଆଲୋକିତ କରିଥାଏ, ଠିକ୍ ସେହିପରି ଆତ୍ମମାନଙ୍କ ଜ୍ଞାନ ହିଁ ଜୀବନର ସମସ୍ତ କ୍ଷେତ୍ରକୁ ଆଲୋକମୟ କରିଥାଏ। ଜ୍ଞାନ ସକଳ କର୍ମର ଆଧାର,ସକଳ ଅନ୍ତର୍ନିହିତ ଗୁଣାବଳୀ ପ୍ରକାଶର ପ୍ରଭୁ, ପ୍ରତ୍ୟକ୍ଷ ଫଳଦାୟୀ ଓ ସାଧନା କରିବାର ସୁଗମ ଅଟେ। କିନ୍ତୁ ଦୁଃଖର ବିଷୟ,ଗୀତାର ଏହି ସାରତତ୍ତ୍ୱକୁ ଉପଲବ୍ଧି କରି ନପାରି ଆମ୍ଭେମାନେ ବାଚାଳ ପରାଏ ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି କରି ନିଜକୁ ନିଜେ ଅପରିଣାମ ଦର୍ଶିତାର ପରିଚୟ ଦେଉ ନାହାନ୍ତି ତ !

ବିଭିନ୍ନ ସାହିତ୍ୟ ଉତ୍ସବ ମାନଙ୍କରେ କବି କବୟିତ୍ରୀ,ପାଠକ ପାଠିକା ମାନଙ୍କର ଉପସ୍ଥିତି ଦେଖି ଅନୁଷ୍ଠାନର କର୍ମକର୍ତ୍ତାମାନେ ଆତ୍ମ ସନ୍ତୋଷ ଲାଭ କରୁଥିଲେ ମଧ୍ୟ ଉପସ୍ଥିତ ଥିବା କବି କବୟିତ୍ରୀ ମାନଙ୍କ ମନର ଭାବକୁ ଉପଲବ୍ଧି କରିବାରେ ସକ୍ଷମ ନୁହନ୍ତି କିମ୍ବା କରିବାକୁ ପ୍ରୟାସ ବି କରୁନାହାନ୍ତି ଅବା ପର ମୁହୂର୍ତ୍ତରେ ଆତ୍ମ ସମୀକ୍ଷା ବି କରୁନାହାନ୍ତି। କରିବେ ବା କାହିଁକି, ଯେତେବେଳେ ଆମେ ଅର୍ଥ ବିନିଯୋଗ କରି ବିଭିନ୍ନ ପତ୍ରପତ୍ରିକାରେ ଲେଖାଟିଏ ପ୍ରକାଶ କରିବା ପାଇଁ ହେଉ ଅବା ମାନପତ୍ର ଟିଏ ପାଇବା ପାଇଁ ବ୍ୟାକୁଳ, ସେତେବେଳେ ତାଙ୍କ ଠାରୁ ସମ୍ମାନ ଜନକ ଆତିଥ୍ୟ ପାଇବା ପାଇଁ ଚିନ୍ତା କରିବା ମୁର୍ଖାମୀର ପରିଚୟ ନୁହେଁ କି ? କେବଳ ଏତିକି ନୁହେଁ,ଅର୍ଥ ଦେଇ ମଧ୍ୟ ପତ୍ରିକା ଟିଏ ପାଇବା ପାଇଁ ସଂପାଦକ ପାଖରେ ହାତ ପତେଇବାକୁ ପଡ଼ିଥାଏ।ଏହା ହିଁ ଆଜିର ସ୍ଥିତି।

ମଞ୍ଚାସୀନ ଅତିଥିଙ୍କ କଥା କ'ଣ କହିବା ? ଅଧିକାଂଶ ନିମନ୍ତ୍ରିତ ଅତିଥି ମାନଙ୍କ ସମୟ ଜ୍ଞାନ ବୋଧହୁଏ ନଥାଏ।ନ ରହିବା ବି ସ୍ୱାଭାବିକ,କାରଣ ସେମାନେ ଗୁଞ୍ଜାଦିଆ ଅତିଥି ବା ଖୋସାମତିଆ ଅତିଥି। ମଞ୍ଚାସୀନ ଅତିଥି ମାନଙ୍କ ପାଇଁ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯେତିକି ଚିନ୍ତନ ବା ସମୟ ଅପବ୍ୟବହାର କରନ୍ତି, ସାରସ୍ୱତ ସ୍ରଷ୍ଟା ମାନଙ୍କ ନିମନ୍ତେ ସେତିକି ଚିନ୍ତିତ ନୁହନ୍ତି। ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ ବେଳେ ରଙ୍ଗେଇ,ବାଗେଇ ଚୂନେଇ, ଟେକାଟେକି କରି କହିବାକୁ ବାଧ।ସବୁଠାରୁ ବଳି ପଡ଼େ ମଞ୍ଚାସୀନ ଅତିଥି ମାନଙ୍କ ଅଭିଭାଷଣ।କଥା କଥାକେ ନିଜର ଲମ୍ବା ଚଉଡା ଭାଷଣ ମାଧ୍ୟମରେ ଆତ୍ମବଡିମା ବଖାଣି ଅନ୍ୟମାନଙ୍କଠାରୁ ଶ୍ରେଷ୍ଠ ବୋଲି ପ୍ରତିପାଦନ କରିବା।ନ କରିବେ ବା କାହିଁକି,ସେମାନେ ପରା ଗୁଞ୍ଜାଦିଆ ଅତିଥି !

କିନ୍ତୁ ସାହିତ୍ୟ ହେଉଛି ମାନବ ସମାଜର ଦର୍ପଣ, ଦର୍ଶନ ଓ ମହାଚେତନା କୁ ଉଜ୍ଜୀବୀତ କରିବା ପାଇଁ ଅଭିପ୍ରେତ। ସାହିତ୍ୟ ମାନବ ସମାଜର ପଥ ପ୍ରଦର୍ଶକ। ଏହାକୁ ଉପଲବ୍ଧି କରି ଆତ୍ମମାନଙ୍କର ଆଚାର ବ୍ୟବହାର, କର୍ତ୍ତବ୍ୟ,ସମୟାନୁବର୍ତ୍ତିତା, କର୍ମ ନିଷ୍ଠା ଆଉ ସାଧନା ଜାରି ରଖିବା ଉଚିତ ନୁହେଁ କି ? ବରଂ ଆଜି ଦେଖିବାକୁ ମିଳୁଛି ଯେ ବିଭିନ୍ନ ସାହିତ୍ୟ ଉତ୍ସବ ମାନଙ୍କରେ ବାହ୍ୟ ଆଡ଼ମ୍ବର କୁ ଅଧିକ ଗୁରୁତ୍ୱ ଦେଇ ଉତ୍ସବର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଠାରୁ ଆମ୍ଭେମାନେ ନିଜକୁ ଦୂରେଇ ରଖି ଚାଲିଛନ୍ତି। ହୃଦୟର ସ୍ପନ୍ଦନ କବିତା ଆସରକୁ ଗୌଣ ମନେକରି ଚିରାଚରିତ ଢଙ୍ଗରେ ଭାଷଣ ଦେଉଥିବା ଅତିଥି ମାନଙ୍କୁ ପ୍ରାଧାନ୍ୟ ଦେଇ ଚାଲିଛନ୍ତି।ଆଉ ଏହାଠାରୁ ବଳି ପଡେ ସଂଯୋଜନା କରିବା ପାଇଁ ମଞ୍ଚରେ ଉପବେସନ କରିଥିବା ସଂଯୋଜକ/ସଂଯୋଜିକା ମାନଙ୍କ ଆତ୍ମ ବଡିମା।କବି କିମ୍ବା କବୟିତ୍ରୀ ଟିଏ ନିଜସ୍ୱ କବିତା ପାଠ କରି ସମାଜ ପାଇଁ କିଛି ବାର୍ତ୍ତା ପ୍ରେରଣ କରିବା ନିମନ୍ତେ ତା'ର ଗୋଟାଏ ଦିନ ନଷ୍ଟ କରୁଛି କିନ୍ତୁ ସଂଯୋଜକ ମାନଙ୍କ ସମୟ ଜ୍ଞାନ ଅଭାବରୁ ସେ ଯେତେବେଳେ ଶୂନ୍ୟ ହସ୍ତରେ ଫେରୁଛି, ତା'ର ବେଦନା ସିକ୍ତ ହୃଦୟକୁ କେବେ ହୃଦୟଙ୍ଗମ କରିଛନ୍ତି କି ? ଯଦି ଏହି ବିଷୟରେ କେହି ଅନୁଷ୍ଠାନର କର୍ମକର୍ତ୍ତା/ସଂଯୋଜକ ମାନଙ୍କୁ ପ୍ରଶ୍ନ କରନ୍ତି ସେମାନଙ୍କ ପାଖରୁ ଚଟାପଟ୍ ଉତ୍ତର ମିଳେ - ଆରେ ଭାଇ, ସାହିତ୍ୟ ସଭାରେ ଏମିତି ହୁଏ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛିନାହିଁ। କେବଳ ସାହିତ୍ୟ ଭିତ୍ତିକ ଅନୁଷ୍ଠାନ ନୁହେଁ ଅନ୍ୟ ସାମାଜିକ ଅନୁଷ୍ଠାନ ଗୁଡ଼ିକର ଅବସ୍ଥା ମଧ୍ୟ ତଦ୍ରୂପ।ବିନା ପରିଶ୍ରମେ ଆୟର ଅଭିବୃଦ୍ଧି।

# ବୃଦ୍ଧାବସ୍ଥା

ମାନବ ଜୀବନ ଚାରିଟି ସୋପାନ ଦେଇ ଗତି କରେ । ବୃଦ୍ଧାବସ୍ଥା ସେଥି ମଧ୍ୟରୁ ଗୋଟିଏ। ଦେଖିବାକୁ ଗଲେ ପ୍ରତ୍ୟେକ ଅବସ୍ଥା ଶ୍ରେଷ୍ଠ। କିନ୍ତୁ ଆଜିକାଲି ସାମାଜିକ ପରିସ୍ଥିତି ଅନୁସାରେ ବୃଦ୍ଧାବସ୍ଥାକୁ ବୋଝ ମନେ କରାଯାଏ। ମାନବ କେତେ ଯତ୍ନଶୀଳ ଦୀର୍ଘାୟୁ ହେବାପାଇଁ , ହେଲେ ବାର୍ଦ୍ଧକ୍ୟକୁ ସହର୍ଷେ ସ୍ୱୀକାର କରି ପାରେ ନାହିଁ।

ପ୍ରତ୍ୟେକ ଜୀବ ନିଜର ସମ୍ପୂର୍ଣ୍ଣ ଜୀବନ କାଳରେ ଅନ୍ତିମ ଚରଣ ବୃଦ୍ଧାବସ୍ଥା ଦେଇ ଗତି କରେ। ଏହା ପ୍ରାକୃତିକ ପ୍ରକ୍ରିୟା। ପରିବର୍ତ୍ତନ ହେବା ସ୍ୱାଭାବିକ ,ପରିବର୍ତ୍ତନକୁ ସ୍ୱୀକାର କଲେ ଯାଇ ଆନନ୍ଦ ମିଳିଥାଏ।

ବୃଦ୍ଧାବସ୍ଥା ସମାଜର ସବୁଠାରୁ ଅନୁଭବୀ ଅବସ୍ଥା। ବୟସ୍କ ବ୍ୟକ୍ତି ହିଁ ସମାଜ ପାଇଁ ଆଦର୍ଶ ପ୍ରେରଣାର ସ୍ରୋତ। କେତେ ଘାତ ପ୍ରତିଘାତ ମଧ୍ୟରେ ଗତି କରି ଛାଡ଼ି ଯାଇଥିବା ପଦଚିହ୍ନ ଅନ୍ୟ ପାଇଁ ଅନୁକରଣୀୟ। ତାଙ୍କ ଅନୁଭୂତି ହିଁ ଜୀବନର ଶ୍ରେଷ୍ଠ ପୁଞ୍ଜି।

କିନ୍ତୁ ଆଜି ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ପରିବାର ଦ୍ୱାରା ଅବହେଳିତ ହେଉଛନ୍ତି, ଯେଉଁ ସନ୍ତାନମାନେ ଉଚ୍ଚ ଶିକ୍ଷିତ ହେବେ ସମାଜରେ ପ୍ରତିଷ୍ଠା ପାଇବେ ବୋଲି ପିତା ମାତା ସର୍ବଦା ଚେଷ୍ଟିତ ରହୁଥିଲେ ଆଜି ସେହି ମାନ ଙ୍କ ପାଇଁ ଘର କୋଣ ରେ ଜାଗା ଟିକେ ମିଳୁ ନାହିଁ। ସମାଜରେ ସ୍ଥାନ ଟିଏ ନାହିଁ, ସେମାନଙ୍କ ସ୍ଥାନ ଆଜି ବୃଦ୍ଧାଶ୍ରମ,ଜରା ନିବାସ ରେ ଅସହାୟ ଅବସ୍ଥାରେ ଦେଖିବାକୁ ମିଳୁଛି।

ସମସ୍ତେ ଏକାପରି କହିଲେ ବି ଭୁଲ୍ ହେବ। କେତେକ ପରିବାରରେ ବୃଦ୍ଧ ପିତାମାତାଙ୍କ ଯତ୍ନ ନେବା ସହିତ ତାଙ୍କର ମତାମତକୁ ସମ୍ମାନ ଦେଉଛନ୍ତି। ବୟୋଜ୍ୟେଷ୍ଠ ଙ୍କ ନିର୍ଦ୍ଦେଶରେ ପରିବାର ସଦସ୍ୟ ପରିଚାଳିତ ହେଉଛନ୍ତି। ସେହି ପରିବାର ର ସଦସ୍ୟ ସୁଖ ଶାନ୍ତି ରେ ଥିବାର ଦେଖିବାକୁ ମିଳେ। ବୃଦ୍ଧ ପିତାମାତା ପରିବାରର ଅଭିନ୍ନ ଅଙ୍ଗ, ଘରର ଛାତ ପରି, ଛାତ ନ ଥିବା ଘର କାନ୍ଥ ମଜବୁତ୍ ଥିଲେ ମଧ୍ୟ ଅସୁରକ୍ଷିତ।




**ଅନୁପମା ପଣ୍ଡା**
ସମ୍ବଲପୁର


ଆଜିର ଯୁବପିଢ଼ି ଅତ୍ୟାଧୁନିକ ଯୁଗରେ ନିଜକୁ ଅତି ଶିକ୍ଷିତ ଯୋଗ୍ୟ ମନେ କରି ବୟସ୍କ ବ୍ୟକ୍ତିଙ୍କ ଚିନ୍ତାଧାରା କୁ ପୁରୁଣା ଚିନ୍ତାଧାରା ଭାବି ହେୟଜ୍ଞାନ କରୁଛନ୍ତି।ଯେଉଁ ଘରେ ବୟସ୍କ ବ୍ୟକ୍ତିଙ୍କ ବିଚାରକୁ ସମ୍ମାନ ଦିଅ ଯାଏ ସେ ଘର କୁ ସହଜରେ ବିପତ୍ତି ଆସିନଥାଏ।ମାତାପିତା ବୟସ୍କଙ୍କ ପ୍ରତି ନିଜର କର୍ତ୍ତବ୍ୟ ଭୁଲି ଯାଉଛନ୍ତି।

ବାପା ମା' ଙ୍କ ସମ୍ପତ୍ତି ପେନସନ ଅର୍ଥ ପିଲାମାନଙ୍କର ଏକ ମାତ୍ର ଆକର୍ଷଣ ହଉଛି। ଆମେ ଯେଉଁ ସ୍ଥାନରେ ଅଛୁ କାଲି ଆମ ବାପା ମା ସେହି ସ୍ଥାନରେ ଥିଲେ।ଆମେ ବୃଦ୍ଧ ହେଲେ ଆମ ପିଲା ମାନେ ଆମ ପ୍ରତି ସେହିଭଳି ଆଚରଣ କରିବେ ଏତିକି ମନେ ରହିଲେ ଆମେ ପିଲା ମାନଙ୍କ ଭିତରେ ସଂସ୍କାର ଦେଇ ପାରିବା।ଯାହା ଦ୍ୱାରା ସେମାନଙ୍କ ଭିତରେ ବୟୋଜ୍ୟେଷ୍ଠ ଙ୍କ ପ୍ରତି ଆଦରର ଭାବନା ସୃଷ୍ଟି ହୋଇ ପାରିବ। ବୃଦ୍ଧ ପିତା ମାତାଙ୍କ ଆଶୀର୍ବାଦ ହିଁ ଅମୂଲ୍ୟ ନିଧି ଯାହା ବିନା ଖର୍ଚ୍ଚ ରେ ମିଳେ।

ପୂର୍ବେ ସମାଜରେ ଯୌଥ ପରିବାର ଥିଲା। ପରିବାର ବୟସ୍କ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ଫଳରେ ପରିବାର ଓ ସମାଜ ଶୃଙ୍ଖଳିତ ଥିଲା। ପ୍ରତ୍ୟେକ ବ୍ୟକ୍ତି ନିଜ ସମ୍ପର୍କର ସୀମାରେ ରହୁଥିଲେ। ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା, ସମ୍ମାନ ଓ ଉତ୍ତରଦାୟିତ୍ୱ ରହୁଥିଲା। ଆଜି ଏତେ ବ୍ୟସ୍ତ ବହୁଳ ସମାଜରେ ପରିବାର ମଧ୍ୟରେ ନା ମଧୁର ସମ୍ବନ୍ଧ ରହିଛି ନା ସମ୍ପର୍କର ସୀମା।ପାରିବାରିକ ସୁଖ ଶାନ୍ତି ପ୍ରାୟ ବିରଳ। ଘରର ବୟସ୍କ ବ୍ୟକ୍ତି ନିଜକୁ ଅସହାୟ ଏକୁଟିଆ ମନେ କରୁଛନ୍ତି। କାରଣ ତାଙ୍କ ସହ ସମୟ ଅତିବାହିତ କରିବାକୁ କାହା ପାଖରେ ସମୟ ନାହିଁ। ଉଚ୍ଚ ଶିକ୍ଷିତ ଯୁବ ପିଢ଼ି ନିଜ ଦେଶ ଛାଡ଼ି ବିଦେଶରେ ପ୍ରତିଷ୍ଠିତ ହେବାକୁ ପସନ୍ଦ କରୁଛନ୍ତି। କେତେ କ ପିତା ମାତା ପିଲାଙ୍କ ସହ ରହିବାର ସୌଭାଗ୍ୟ ପ୍ରାପ୍ତ କରିଛନ୍ତି। କିନ୍ତୁ ମୁକ ପ୍ରାୟ। ନିଜର ଭାବନା ବ୍ୟକ୍ତ କରିବାର ଅଧିକାର ବା ଅବସର ସେମାନଙ୍କୁ ଦିଆ ଯାଏ ନାହିଁ। କାଳେ ବୋଝ ମନେ କରିବେ ବୋଲି ସେମାନେ ତାଙ୍କ ଭାବନାକୁ ବ୍ୟକ୍ତ ନ କରି ଦବାଇ ରଖୁଛନ୍ତି। ରୋଗ ବେମାରକୁ ମଧ୍ୟ ଲୁଚାଉ ଛନ୍ତି। ବାପା ମା ଙ୍କୁ ଛାଡି ଏବେ ଛୋଟ ପରିବାର ପାଇଁ ପ୍ରଯତ୍ନଶୀଳ।

ବାସ୍ତବରେ ଦେଖିବାକୁ ଗଲେ ଆଜି କେହି ସୁଖି ନୁହନ୍ତି। କୌଣସି ନା କୌଣସି କାରଣରୁ ପ୍ରାୟ ସମସ୍ତେ କିଛି ନ କିଛି ଦୁଃଖ ର ଅନୁଭବ କରୁଛନ୍ତି ତେଣୁ ବୃଦ୍ଧା ବସ୍ଥାକୁ ବୋଝ ନ ଭାବି ସହର୍ଷେ ସ୍ୱୀକାର କରିବା ଉଚିତ। କାହିଁକିନା ଛୋଟରୁ ବୃଦ୍ଧ ପର୍ଯ୍ୟନ୍ତ ଜୀବନର ବହୁମୂଲ୍ୟ ସମୟ ଦେଶ, ସମାଜ ପରିବାର ପାଇଁ ଉତ୍ସର୍ଗ କରିଦେଲେ। ଏବେ ସେ ସମୟ ଆସିଛି ନିଜ ପାଇଁ କିଛି କରିବାର। ନିଜର ଆତ୍ମବଳ, ଆତ୍ମବିଶ୍ୱାସକୁ ଜାଗ୍ରତ କରିବାକୁ ହେବ। ବୃଦ୍ଧାବସ୍ଥାକୁ ସହର୍ଷରେ ସ୍ୱୀକାର କରି ଭଗବତ ଚିନ୍ତନ, ପରମାତ୍ମାଙ୍କ ସ୍ମରଣ କରି ଆନନ୍ଦରେ ଖୁସିରେ ରହିବା ଉଚିତ।

# ସ୍ୱଭାବର ଦାସ ମନୁଷ୍ୟ..




**ମନୋଜ କୁମାର ବେହେରା**
୨୧୭/ପି,ବାୟାବାବା ମଠ ଲେନ୍,
ୟୁନିଟ୍-୯ (ଫ୍ଲାଟ), ଭୁବନେଶ୍ୱର-୨୨
ମୋ-୭୯୭୮୮୩୦୬୧୧


ମନୁଷ୍ୟକୁ ପ୍ରକୃତି ଗୋଟିଏ ଅଦ୍ଭୁତ ଶକ୍ତି ଦେଇଛି, ଭାବିବାକୁ, ଠିକ୍ ଆଉ ଭୂଲକୁ ଚିହ୍ନିବା ପାଇଁ ଆଉ ନିଜକୁ ବଦଳେଇବା ପାଇଁ। କିନ୍ତୁ ଆଜି ସବୁଠୁ ବଡ ପ୍ରଶ୍ନ ଏହା ନୁହେଁ କି ମନୁଷ୍ୟକୁ ଜଣା ନାହିଁ କି କ'ଣ ଠିକ୍ ଅଟେ,ପ୍ରଶ୍ନ ଏହା କି କ'ଣ ସେ ଠିକ୍ ଜାଣି କରି ମଧ୍ୟ ତାକୁ ଆପଣେଇବାକୁ ଚାହିଁଥାଏ ? ଆଜି ଅମେ ଏମିତି ସମୟରେ ଜୀବନ ବ୍ୟତୀତ କରୁଛେ ଯେଉଠି ଚେତାବନୀ,ବଦଳୁଥିବା ମୌସମ, ସୁଖା, ବଢି, ପ୍ରଦୁଷଣ, ସଂସାଧନର ଅଧିକ ବ୍ୟୟ କରିବା, ଜୈବ ବିବିଧତାର କ୍ଷରଣ। ଏହା କେବଳ ବୈଜ୍ଞାନିକ ତଥ୍ୟ ନୁହେଁ, ଏହା ପ୍ରକୃତିର ଦର୍ପଣ ଅଟେ। ପ୍ରକୃତି ଆମକୁ ଦେଖଉଛି କି କେଉଠି କିଛି ଅସନ୍ତୁଳ ହୋଇ ଯାଇଛି। କିନ୍ତୁ କ'ଣ ଆମେ ଏହି ଦର୍ପଣରେ ସ୍ୱୟଂକୁ ଦେଖିବା ପାଇଁ ପ୍ରସ୍ତୁତ ?
କୁହନ୍ତି କି ସ୍ୱର୍ଗ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ମୃତ୍ୟୁ ଆବଶ୍ୟକ ଅଟେ। କିନ୍ତୁ ବୋଧେ ଏହାର ଅର୍ଥ କେବଳ ଶରୀର ମୃତ୍ୟୁ ନୁହେଁ, ଏହା ଭିତରର ସେହି ସ୍ୱଭାବର ମୃତ୍ୟୁ ଅଟେ ଯାହା ଆମକୁ ବାନ୍ଧିଥାଏ। ଅତ୍ୟଧିକ ଉପଯୋଗ,ଲୋଭ,ସୁବିଧାର ବଦ୍ ଅଭ୍ୟାସ,ସ୍ୱାଦର ଗୋଲାମୀ ଆଉ ଏହି ଚିନ୍ତାଧାରା କି,'ଯେତବଳେ ସମସ୍ତେ କରୁଛନ୍ତି ତା'ହେଲେ ମୁଁ କାହିଁକି ବଦଳିବି ?' ଆଜି ମନୁଷ୍ୟ ନିଜ ଇଛାର ସ୍ୱାମୀ କମ୍ ଆଉ ତାହାର ସେବକର ଅଧିକରେ ପାଲଟି ଯାଇଛି। ଆମେ ଜାଣିଥାଉ କି ଅତ୍ୟଧିକ ଉପଭୋଗ, ସଂସାଧନର ଅନିୟନ୍ତ୍ରିତ ଉପଯୋଗ, ଭୋଜନ ଆଉ ଜୀବନଶୈଳୀର ବହୁତ ବର୍ତ୍ତମାନର ପ୍ୟାଟର୍ନ ପରିବେଶ ଉପରେ ଚାପ ପକେଇଥାଏ। ତଥାପି ପରିବର୍ତ୍ତନ କଠିନ ଲାଗିଥାଏ। ଆମେ ଜାଣନ୍ତି କି ଅନାବଶ୍ୟକ ଉପଭୋଗ କମ୍ କରାଯାଇ ପାରିବ,ଅପଶିଷ୍ଟ କମ୍ କରାଯାଇ ପାରିବ, ଅଧିକ ଶକ୍ତିଶାଳୀ ବିକଳ୍ପ ଚୟନ କରାଯାଇ ପାରିବ। ତଥାପି ଅମେ ଏହାଲୁ ଟାଳି ଚାଲିଥାନ୍ତି।

ଏହି ଠାରୁ ଗୋଟିଏ ଗମ୍ଭୀର ପ୍ରଶ୍ନ ଜନ୍ମ ନେଇଥାଏ,କ'ଣ ଆମେ ନିଜର ସୁବିଧାର ପାଇଁ ଆସୁଥିବା ପୀଢୀଙ୍କର ଭାଗକୁ କମ୍ କରି ଦେଉଛେ ? ଏହି ଲେଖା କୌଣସି ଜଣେ ବ୍ୟକ୍ତି କିମ୍ବା ଗୋଟିଏ ଅଭ୍ୟାସକୁ ଦୋଷ ଦେବାର ପ୍ରୟାସ ନୁହେଁ। ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା ଅନେକ କାରଣରୁ ଜଡିତ ଥାଏ, ଯେମିତି ଉର୍ଜା, ଉଦ୍ୟୋଗ, ପରିବହନ, ଭୂମି ଉପଯୋଗ, ଉପଭୋଗର ବଦଅଭ୍ୟାସ, କୃଷି ଆଉ ନୀତି। ସମାଧାନ ମଧ୍ୟ ସାମୁହିକ ହେବ। କିନ୍ତୁ ଏହା ମଧ୍ୟ ସତ୍ୟ ଅଟେ କି ସମାଜର ଦିଶା ବ୍ୟକ୍ତିଗତ ନିର୍ଣ୍ଣୟରୁ ତିଆରି ହୋଇ ନଥାଏ। ଆମେ ପ୍ରାୟଃ କହିଥାଉ,'ସରକାର କିଛି ତ କରୁ', 'ଆଗ ସମାଜ ବଦଳୁ', 'ଲୋକ ସାବଧାନ ହୁଅନ୍ତୁ'। କିନ୍ତୁ ଇତିହାସ ସାକ୍ଷୀ ଥାଏ କି ପ୍ରତ୍ୟେକ ବଡ ପରିବର୍ତ୍ତନ ପ୍ରଥମେ ବ୍ୟକ୍ତିର ଭିତରୁ ଆସିଥାଏ। ଯେତବଳେ ମନୁଷ୍ୟ ସ୍ୱୟଂକୁ ପ୍ରଶ୍ନ ପଚାରିବା ଆରମ୍ଭ କରିଥାଏ,'କ'ଣ ମୁଁ ଯେତିକି ନେଉଛି,ସେତିକି ଫେରେଇ ଦେଉଛି ତ'? କ'ଣ ମୋର ସୁବିଧା ଆଉ କାହାର ଯନ୍ତ୍ରଣାରେ ପାଲଟି ଯାଉନି ତ ? କ'ଣ ମୁଁ କେବଳ ଆଲୋଚନା କରୁଛି କିମ୍ବା ନା' କିଛି ବଦଳେଇ ପାରୁଛି ?

ସମସ୍ୟା ଏହା ନୁହେଁ କି ଆମେ ଦୋଷକୁ ଦେଖି ନଥାନ୍ତି। ସମସ୍ୟା ଏହା କି ଆମେ ଏହାକୁ ସାମାନ୍ୟ ବୋଲି ମାନି ନେଇଥାଉ। ଆମେ ଛୁଆମାନଙ୍କୁ ସଫଳତା ଶିଖାଉଛେ,କିନ୍ତୁ ସଂଯମ ନୁହେଁ। ପ୍ରତିଯୋଗିତା ଶିଖାଉଛେ,କିନ୍ତୁ କରୁଣା ନୁହେଁ। ରୋଜଗାର କରିବା ଶିଖାଉଛେ,କିନ୍ତୁ ପୃଥିବୀର ସହିତ ସହ-ଅସ୍ତିତ୍ୱ ନୁହେଁ। ଯଦି ଆଗାମୀ ପୀଢୀକୁ ସୁରକ୍ଷିତ,ସୁନ୍ଦର ଆଉ ଜୀବନ୍ତ ପୃଥିବୀ ଦେବାକୁ ହେବ, ତା'ହେଲେ ପରିବର୍ତ୍ତନ କେବଳ ନୀତିରୁ ଆସିବନି,ତାହା ଆମର ଦିନଚର୍ଯ୍ୟା,ଆମର ଥାଳୀ,ଆମର କିଣାବିକା,ଆମର ଡାକ ଆଉ ଆମର ସାହସରୁ ଆସିବ। ପ୍ରତ୍ୟେକ ଯୁଗରେ ସଭ୍ୟତା ସବୁ ବାହାରୁ ନୁହେଁ,ଭିତରର ଦୁର୍ବଳତାରୁ ହେଇଛି। ଆଉ ପ୍ରତ୍ୟେକ ପୁର୍ନଜାଗରଣ ମଧ୍ୟ ଭିତରୁ ହିଁ ଆରମ୍ଭ ହେଇଛି। ଆଜି ଅବଶ୍ୟକ କୌଣସି ଗ୍ରହର ନୁହେଁ,ନୂଆ ମନୁଷ୍ୟର ଅଟେ। ଏମିତି ମନୁଷ୍ୟର ଯିଏ ନିଜର ସ୍ୱଭାବର ଦାସ ନୁହେଁ,ନିଜ ବିବେକର ସ୍ୱାମୀ ହୋଇଥିବ। ଯିଏ କେବଳ ଏହା ନକହୁ କି,'ମୋର ଘର ସୁରକ୍ଷିତ ରହୁ' ସେ ଏହା ପଚାରୁ କି, କ'ଣ ପୃଥିବୀ ସୁରକ୍ଷିତ ରହିବ ?' କାହିଁକି ପୃଥିବୀ ଆମକୁ ଉତ୍ତରାଧିକାରରେ ମିଳି ନାହିଁ,ଏହା ଆମକୁ ଆଗାମୀ ପୀଢୀ ଠାରୁ ଉଧାରରେ ମିଳିଛି।

# ଆଧୁନିକ ଜୀବନର ମରୀଚିକା: ସବୁ ଅଛି, କେବଳ 'ସମୟ'କୁ ଛାଡ଼ି




**ପ୍ରତ୍ୟୁଷ କୁମାର ବିଷୋୟୀ**
ବୁଗୁଡ଼ା,ଗଞ୍ଜାମ


ଆଜିର ସମାଜ ଏକ ଅଦୃଶ୍ୟ ଦୌଡ଼ର ମଇଦାନ ପାଲଟିଛି। ସକାଳର ଆଲାରାମ୍ଠାରୁ ଆରମ୍ଭ କରି ବିଳମ୍ବିତ ରାତିର ମୋବାଇଲ୍ ସ୍କ୍ରିନ୍ର ଆଲୁଅ ପର୍ଯ୍ୟନ୍ତ, ମଣିଷ କେବଳ ଗୋଟିଏ ଜିନିଷ ପଛରେ ଗୋଡ଼ାଉଛିସଫଳତା। କ୍ୟାରିୟର, ପଇସା, ପ୍ରତିପତ୍ତି ଏବଂ ଆଧୁନିକତାର ଏହି ଚକାଚୌନ୍ଧ (ଚମକ) ଭିତରେ ଆମେ ଏତେ ବ୍ୟସ୍ତ ହୋଇଯାଇଛୁ ଯେ, ଜୀବନର ସବୁଠାରୁ ମୂଲ୍ୟବାନ ସମ୍ପଦକୁ ହରାଇ ବସିଛୁ। ସେହି ସମ୍ପଦଟି ହେଉଛି 'ସମୟ'। ଆଜି ମଣିଷ ପାଖରେ ବ୍ୟାଙ୍କ ବାଲାନ୍ସ ଅଛି, ବଡ଼ ଗାଡ଼ି ଅଛି, ଆଲିସାନ ଘର ଅଛି, କିନ୍ତୁ ସେହି ଘରେ ବସି ଦଣ୍ଡେ ଶାନ୍ତିରେ ନିଶ୍ୱାସ ନେବାକୁ କିମ୍ବା ଆପଣାର ଲୋକଙ୍କ ସହ ଦୁଇ ପଦ ସୁଖ-ଦୁଃଖ ହେବାକୁ ସମୟ ନାହିଁ।କ୍ୟାରିୟର ଏବଂ ପଇସାର ଅହରହ ଦୌଡ଼ ଅତୀତରେ ମଣିଷର ଆବଶ୍ୟକତା ସୀମିତ ଥିଲା, ତେଣୁ ସେ ଜୀବନକୁ ଉପଭୋଗ କରିବାକୁ ସମୟ ପାଉଥିଲା। କିନ୍ତୁ ଆଜିର 'କର୍ପୋରେଟ୍ ସଂସ୍କୃତି' ଏବଂ ଗ୍ରାହକବାଦ (Consumerism) ମଣିଷକୁ ଏକ ଯନ୍ତ୍ରରେ ପରିଣତ କରିଦେଇଛି। ଉଚ୍ଚ ଆଶା, ବଡ଼ ପଦବୀ ଏବଂ ଅଧିକରୁ ଅଧିକ ରୋଜଗାର କରିବାର ନିଶା ଆମକୁ ଦିନରାତି ଦୌଡ଼ାଉଛି।ପ୍ରତିଦିନ ନିଜକୁ ଅନ୍ୟମାନଙ୍କଠାରୁ ଶ୍ରେଷ୍ଠ ପ୍ରମାଣିତ କରିବାର ଚାପ ମଣିଷକୁ ବ୍ୟସ୍ତ ରଖୁଛି।ଆଠ ଘଣ୍ଟାର ଚାକିରି ଏବେ ବାରରୁ ଚଉଦ ଘଣ୍ଟାରେ ପହଞ୍ଚିଲାଣି। ଘରକୁ ଫେରିବା ପରେ ବି ଅଫିସ୍ ଇମେଲ୍ ଏବଂ ଫୋନ୍ କଲ୍ ପିଛା ଛାଡୁନାହିଁ।ଗୋଟିଏ ଗାଡ଼ି କିଣିଲେ ଆର ବର୍ଷ ତା'ଠାରୁ ବଡ଼ ଗାଡ଼ିର ଆବଶ୍ୟକତା ପଡୁଛି। ଏହି ଅସରନ୍ତି ଇଚ୍ଛାକୁ ପୂରଣ କରିବା ପାଇଁ ଅଧିକ ପଇସା ଦରକାର, ଆଉ ଅଧିକ ପଇସା ପାଇଁ ଅଧିକ ସମୟ ଦେବାକୁ ପଡୁଛି।

ଫଳସ୍ୱରୂପ, ଆମେ ପଇସା ତ କମାଉଛୁ, କିନ୍ତୁ ସେହି ପଇସାକୁ ଖର୍ଚ୍ଚ କରି ନିଜ ପାଇଁ ଖୁସି କିଣିବାର ସମୟ ଆମ ପାଖରେ ରହୁନାହିଁ। ଆଧୁନିକତା ଏବଂ ସୋସିଆଲ୍ ମିଡିଆର ଭ୍ରମ ଆଧୁନିକ ଜ୍ଞାନକୌଶଳ ଓ ଗାଜେଟ୍ସ ଆମ କାମକୁ ସହଜ କରିବା ପାଇଁ ତିଆରି ହୋଇଥିଲା, ଯଦ୍ୱାରା ଆମେ ସମୟ ବଞ୍ଚାଇ ପାରିବା। କିନ୍ତୁ ବିଡ଼ମ୍ବନା ହେଉଛି, ଏହି ଆଧୁନିକତା ହିଁ ଆମ ସମୟକୁ ସବୁଠାରୁ ଅଧିକ ଚୋରି କରୁଛି। 'ଫେସବୁକ, ଇନଷ୍ଟାଗ୍ରାମ ଏବଂ ଟ୍ୱିଟରରେ ଆମର ହଜାରେ ବନ୍ଧୁ ଅଛନ୍ତି, କିନ୍ତୁ ବାସ୍ତବ ଜୀବନରେ ପାଖରେ ବସି ଚା' କପେ ପିଇବାକୁ କେହି ନାହିଁ। 'ଆମେ ସୋସିଆଲ୍ ମିଡିଆର 'ରିଲ୍ସ' ଏବଂ 'ସ୍କ୍ରୋଲିଂ' ଭିତରେ ଘଣ୍ଟା ଘଣ୍ଟା ସମୟ ନଷ୍ଟ କରିଦେଉଛୁ।

ସ୍ମାର୍ଟଫୋନ୍ ଆମକୁ ସାରା ଦୁନିଆ ସହ ଯୋଡ଼ି ଦେଇଛି ସତ, କିନ୍ତୁ ନିଜ ପରିବାର ଏବଂ ନିଜ ଆତ୍ମାଠାରୁ ଦୂରେଇ ଦେଇଛି। ଲୋକମାନେ ଡିଜିଟାଲ୍ ଦୁନିଆର ମିଛ ଚକାଚୌନ୍ଧରେ ଏତେ ବୁଡ଼ି ରହୁଛନ୍ତି ଯେ, ବାହାରର ପ୍ରକୃତି, ସୂର୍ଯ୍ୟୋଦୟ କିମ୍ବା ପକ୍ଷୀଙ୍କ କାକଳିକୁ ଉପଭୋଗ କରିବାକୁ ସେମାନଙ୍କ ପାଖରେ 'ଫୁରସତ' ନାହିଁ। ସମ୍ପର୍କରେ ଫାଟ ଏବଂ ଭାବନାତ୍ମକ ଦୂରତା ସମୟର ଏହି ଅଭାବ ସବୁଠାରୁ ବଡ଼ ପ୍ରଭାବ ପକାଇଛି ଆମ ସମ୍ପର୍କ ଉପରେ। ଆଜି ଗୋଟିଏ ଛାତ ତଳେ ରହୁଥିବା ପରିବାରର ସଦସ୍ୟମାନେ ମଧ୍ୟ ପରସ୍ପର ପାଇଁ ଅପରିଚିତ ସଦୃଶ। ବାପା-ମାଆ ଦୁହେଁ କ୍ୟାରିୟରରେ ବ୍ୟସ୍ତ। ପିଲାମାନଙ୍କୁ ଦାମୀ ଆଇଫୋନ୍, ଗେମିଂ କନସୋଲ୍ ଏବଂ ବ୍ରାଣ୍ଡେଡ୍ ପୋଷାକ ତ ମିଳିଯାଉଛି, କିନ୍ତୁ ମିଳୁନାହିଁ ବାପା-ମାଆଙ୍କ ସ୍ନେହ ଆଉ ସାଙ୍ଗ ହୋଇ ଖେଳିବାର ସମୟ। ପିଲାମାନେ ଆୟାକିମ୍ବା ଡ୍ରେସିଂ ରୁମ୍ର ଚାରି କାନ୍ଥ ଭିତରେ ବଡ଼ ହେଉଛନ୍ତି।ବୃଦ୍ଧ ବାପା-ମାଆ ଗାଁରେ କିମ୍ବା ସହରର କୋଣ ଅନୁକୋଣରେ ପିଲାମାନଙ୍କର ଗୋଟିଏ ଫୋନ୍ କଲ୍କୁ ଚାହିଁ ରହୁଛନ୍ତି।

ପୁଅ-ବୋହୂଙ୍କ ପାଖରେ ଟଙ୍କା ପଠାଇବାକୁ ସମୟ ଅଛି, କିନ୍ତୁ ଦୁଇ ମିନିଟ୍ ବସି କଥା ହେବାକୁ ସମୟ ନାହିଁ। ସ୍ୱାମୀ-ସ୍ତ୍ରୀ ଉଭୟ ନିଜ ନିଜ ଚାକିରି ଏବଂ ବ୍ୟବସାୟରେ ଏତେ କ୍ଳାନ୍ତ ଯେ, ସେମାନଙ୍କ ମଧ୍ୟରେ ସମ୍ପର୍କ କେବଳ ଏକ ବୁଝାମଣାରେ ସୀମିତ ହୋଇ ରହିଯାଉଛି। ଶାରୀରିକ ଓ ମାନସିକ ଅବସାଦ ଯେତେବେଳେ ଆମେ ସମୟକୁ ସମ୍ଭାଳି ପାରୁନାହୁଁ, ସେତେବେଳେ ଆମ ଶରୀର ଏହାର ମୂଲ୍ୟ ଦିଏ। ଅହରହ ବ୍ୟସ୍ତତା ଯୋଗୁଁ ଆଜିର ମଣିଷ ବିଭିନ୍ନ ରୋଗର ଶିକାର ହେଉଛି। ସବୁବେଳେ ଆଗକୁ ବଢ଼ିବାର ଚିନ୍ତା ସମୟର ଅଭାବ ମଣିଷକୁ ମାନସିକ ସ୍ତରରେ ଦୁର୍ବଳ କରିଦେଉଛି। ଠିକ୍ ସମୟରେ ଖାଇବା, ଶୋଇବା କିମ୍ବା ବ୍ୟାୟାମ କରିବା ପାଇଁ ସମୟ ନାହିଁ। ଫଳରେ ମଧୁମେହ, ରକ୍ତଚାପ ଏବଂ ହୃଦ୍‌ରୋଗ ଭଳି ସମସ୍ୟା ଖୁବ୍ କମ୍ ବୟସରେ ଦେଖାଯାଉଛି। ଆମେ ଯେଉଁ ପଇସା ରୋଜଗାର କରିବା ପାଇଁ ନିଜ ସ୍ୱାସ୍ଥ୍ୟ ଏବଂ ସମୟକୁ ବଳି ଦେଉଛୁ, ପରବର୍ତ୍ତୀ ସମୟରେ ସେହି ପଇସା ଡାକ୍ତରଖାନାରେ ସେହି ସ୍ୱାସ୍ଥ୍ୟକୁ ଫେରିପାଇବା ପାଇଁ ଖର୍ଚ୍ଚ କରିବାକୁ ପଡୁଛି।

ଏହାଠାରୁ ବଡ଼ ବିଡ଼ମ୍ବନା ଆଉ କ'ଣ ହୋଇପାରେ ? ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆମକୁ ଆମର ଜୀବନଶୈଳୀ ଏବଂ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାକୁ ହେବ। କ୍ୟାରିୟର ଏବଂ ଆଧୁନିକତା ଜରୁରୀ, କିନ୍ତୁ ଜୀବନର ମୂଲ୍ୟରେ ନୁହେଁ।ଜୀବନରେ କ୍ୟାରିୟର ଓ ପଇସା ସବୁକିଛି ନୁହେଁ, ଏଗୁଡ଼ିକ କେବଳ ଜୀବନ ଜୀଇଁବାର ମାଧ୍ୟମ ମାତ୍ର। ଶେଷ ସମୟରେ ମଣିଷ କେବେ ଏହା ଭାବି ଅନୁତାପ କରେନାହିଁ ଯେ ସେ କାହିଁକି ଅଫିସ୍‌ରେ ଅଧିକ ସମୟ କାମ କଲାନାହିଁ କିମ୍ବା କାହିଁକି ଆଉ କିଛି ଟଙ୍କା କମାଇଲାନାହିଁ। ସେ ସେତେବେଳେ ଏହା ହିଁ ଭାବେ ଯେ, ସେ କାହିଁକି ନିଜ ପ୍ରିୟଜନଙ୍କ ସହ ଟିକେ ଅଧିକ ହସିଲା ନାହିଁ, କାହିଁକି ଜୀବନକୁ ଖୋଲାଖୋଲି ଭାବେ ଜୀଇଁଲା ନାହିଁ।ତେଣୁ, ଆଧୁନିକତାର ଏହି ଚକାଚୌନ୍ଧରୁ ଟିକେ ବାହାରକୁ ଆସନ୍ତୁ। ନିଜ ପାଇଁ, ନିଜ ପରିବାର ପାଇଁ ସମୟ ବାହାର କରନ୍ତୁ। ମନେରଖନ୍ତୁ, ସମୟ ଥରେ ଚାଲିଗଲେ ତାକୁ ପୃଥିବୀର ସବୁ ସମ୍ପତ୍ତି ଦେଇ ମଧ୍ୟ କିଣାଯାଇପାରିବ ନାହିଁ। ସବୁକିଛି ଥାଇ ମଧ୍ୟ ଯଦି ସମୟ ନାହିଁ, ତେବେ ବାସ୍ତବରେ ଆମ ପାଖରେ କିଛି ନାହିଁ।

## ପ୍ରଣାମ ସମୟ ତୁମକୁ

ସମୟକୁ ପଚାରିଦେଲି
'ମୋର ଭୁଲକେଉଁଠି ରହିଲା'
ସେ ହସି ଦେଇ କହିଲା
ତୋର ସମସ୍ତଙ୍କୁ ନିଜ
ଭଳି ଭାବିନେବା'
ମୋତେ ମୋ ଖୋଜୁଥିବା
ପ୍ରଶ୍ନର ଉତ୍ତର ମିଳିଗଲା ।
ଏଭଳି ପ୍ରଶ୍ନ ର ଉତ୍ତର କେବଳ
ସମୟ ହିଁ ଦେଇପାରେ,
ଉତ୍ତର ସହ ଶିକ୍ଷା ମଧ୍ୟ ଦେଇଗଲା
ପ୍ରଣାମ ସମୟ ତୁମକୁ... !

● ଡ. ମାହେଶ୍ୱରୀ ପ୍ରସାଦ
ପାଣିଗ୍ରାହୀ, ସମ୍ବଲପୁର

## ଚାଲ, ଗାଁଟିଏ ଗଢ଼ିବା

● ଡ.ଭାରତୀହୋତା

ଏଠି, ସେଠି, ସବୁଠି
କେତେ ସଡ଼କ, ରାଜପଥ, ପୋଲ , ପୋଖରୀ
ନିର୍ମାଣମନସ୍କ
ହେଲେ ଗାଁ ଗୋଟେ ତିଆରି ହୁଅନ୍ତା ନି !
ଯେଉଁଠି ଲଙ୍ଗଳ ମୁନରେ ଲାଗିଥିବ
ସ୍ୱର୍ଣ୍ଣପ୍ରସୁ ମାଟିର ମହକ
ଲମ୍ବା ଲମ୍ବା ବିଲର ଭିଡ଼ ଭିତରେ
ହସୁଥିବ ଚଷା
ପାଚିଲା ଧାନକେଣ୍ଡାକୁ ଆଉଁସି ।।

ସେଇ ବିଲ ହୁଡ଼ାରେ ପଖାଳ କଂସା
ତାଜା ଆମ୍ବର ଆଚାର ସଜିଲ କରି
ମୁରୁକି ହସ ମୁହଁରେ ଠିଆ ହେଇଥିବ କି
ତା' ଗୃହଲକ୍ଷ୍ମୀ !

ମେଞ୍ଚାଏ ନିର୍ଜନତାର ସମାହାର
ଯେତେ ସବୁ ସହନଶୀଳତାକୁ ଘଷି ମାଜି ପରିପୁଷ୍ଟ
କରୁଥିବ
କିଛି ଉଦ୍ଘୋଷିତ ଅନ୍ଧାର
କିଛି ରହିଯିବ ଚିରନ୍ତନ ଦୁଃଖର ବିପଣି
ନିଜ ପ୍ରାପ୍ୟ ପାଇଁ
ଗଳିତ ଶବ ନେଇ ବାରଣ୍ଡାରେ ଠିଆ ହେବେ
ଅଭାବି
ଖବର କାଗଜ ମୁଖ୍ୟ ପୃଷ୍ଠାରେ ସ୍ଥାନିତ ହେବ
ସବୁ ସ୍ୱଷ୍ଟ ଆଉ ଛଳ ଛଳ ।।

ଥିବ କି ଗୋଟେ ଆକସ୍ମିକ ଘୋଡ଼ାଦୌଡ଼
ଆଗେ ଗୋଟେ ଅଗନା ଅଗନି ବନସ୍ତର ମୋଡ଼
ମଝିରେ ମୋହ ନଈର ଅକାତ ଗଣ୍ଡ
ପଛେ ପଛେ ମାୟା ଜାଲର ଧୂସର ପାହାଡ଼ ।।

ଥିବ କି ଗୋଟେ ତତଲା ଦୀର୍ଘନିଶ୍ୱାସ
ହାଡ଼ ଭଙ୍ଗା
ଶୀତ ଜୁଡୁସୁଡୁ ମାର୍ଗଶୀରରେ
ଧାନ ବିକ୍ରିର ପର୍ବ ସହ ଜଡ଼ିତ
ଚାଷୀର ଶୁଖିଲା ହସ
ଆଉ ଆକାଶ ଭର୍ତ୍ତି ଶୋଷ ।।

ପହିଲି ବର୍ଷାର ନିଝୁମ୍ ରାତିରେ
ଝିଙ୍କାରୀର ଝିଁ ଝିଁ
ଝରିପୋକର ନିର୍ଜୀ ? ଶରୀର ଉପରେ
ଜଳୁଥିବ ସଞ୍ଜବତୀ
ହାଣ୍ଡିଆ ପାଉଚ ସହ ଆସର ଜମିଥିବା ଦୃଶ୍ୟ
ମଙ୍ଗଲୁ ଆଉ ତୁମା ଦଦାର ।।
ସତେ !
ଗୋଟେ ଗାଁର ପ୍ରକଳ୍ପ ହୁଅନ୍ତା ନି...
ଲାଲମାଟି ଲିପା ମାଟି କାନ୍ଥରେ
ଝୋଟି ହୋଇ ଝଲସୁଥାଆନ୍ତା ଗାଁ ଭୂଆସୁଣୀର ହସ
ଖୋପରେ ଜଳୁଥାଆନ୍ତା ଗୋଟେ ମାଟିଦୀପ
ବାରଣ୍ଡା ପିଣ୍ଡାରେ ବାଜୁଥାଆନ୍ତା ବାପାଙ୍କ ରେଡ଼ିଓ
ଠକ୍ ଠକ୍ କରି କଠଉ ପିନ୍ଧି ମନ୍ଦିରରୁ ଫେରନ୍ତେ
ଜେଜେ
ଶୀତ ଜୁଡୁ ସୁଡୁ ସକାଳର କଅଁଳିଆ ଖରାରେ ବସି
କୁଣି ପେଜ ଆଉ ବାଡ଼ି ବାଇଗଣପୋଡ଼ାର ମଜା
ନିଅନ୍ତେ ପିଲେ.. ! !

ତେଣିକି ଯେତେ ବଦଳିବା ଅଛି
ବଦଳୁଥାଉ ଦେଶ !
ପିନ୍ଧୁଥାଉ ପାଶ୍ଚାତ୍ୟକୁ ଗୁ ?ଇେ ତୁଡେଇ
ଗାଁ ଭୋଗୁଥାଉ ପଛେ କୁଡ଼ କୁଡ଼ ସ୍ୱପ୍ନର ବନବାସ
ମନ୍ଦିର ବେଢାରେ ବସି ଛିଣ୍ଡି ଯାଉ ଅଲରା ସୂତା
ଖିଅର ଗଣ୍ଠି
କ୍ଷମା ହେଉଥାଉ ସେଠି ସଭିଙ୍କ ଦୋଷାଦୋଷ ।।
ଚାଲ ଏଥର
ମାଟିମନସ୍କ ହେବା
ଗାଁଟିଏ ଗଢ଼ିନେବା

-ଖରିଆର ରୋଡ଼ , ନୂଆପଡ଼ା

## ମଣିମା ଏତିକି ଶୁଣିମା ?



● ସସ୍ମିତା ପଣ୍ଡା

ମଣିମା ହେ .... ? ?
ତୁମ ଜରୁଆ ମୁହଁର ହୁନ୍ଦର
ସତେ କେଡେ ସୁନ୍ଦର
ସାରା ସଂସାର ତୁମ ମାୟାରେ ବଶ
ତୁମ ଲୀଳାକୁ କେମିତି ବୁଝିବ
ଏଇ ଛାର ମଣିଷ ।।

ଚନ୍ଦନରେ ତୁମେ କେଡେ ଆନନ୍ଦରେ
ଖେଳୁଥାଅ ଚାପ
ଜ୍ୟେଷ୍ଠରେ ସ୍ନାହାନ ସାରି
ଜ୍ୱରରେ କଂପୁଛ
ତୁମ ମାୟାରୁ ସମସ୍ତଙ୍କୁ
ମୁକୁଳାଇ ଦେଲେ କେମିତି ହୁଅନ୍ତା
କାଳେ ଏ ମଣିଷ ବୁଝିପାରନ୍ତା ।। ? ?

ତୁମେ କଣ ସେତକ କରିବ ? ?
ଏମିତି କରିଲେ ତୁମ ଲୀଳା ସବୁ ସରିଯିବ
ହେଲେ ତୁମେ .........
ଏ କ୍ଷଣ ଭଙ୍ଗୁର ଜୀବନକୁ
କେତେ ବୁଝାଇବ
ଭକ୍ତ ଠାରୁ ନିଜକୁ ଦୂରେଇ
ଆଉ କେତେ କଷ୍ଟ ପାଇବ ।।

ହଜୁର୍ ମଣିମା........ହେ
ବଡ଼ସାଆନ୍ତ........
ଯୁଗ ଆସୁଥାଉ ଯୁଗ ଫେରୁଥାଉ
ଏମିତି ଲୀଳା ଖେଳା ଚାଲିଥାଉ

ତୁମ ସୃଷ୍ଟି ଚାଲୁ ତୁମରି ଇଚ୍ଛାରେ
ତୁମେ ସ୍ନାହାନ କରୁଥାଅ
ଚାପ ଖେଳୁଥାଅ
ତୁମକୁ ଭକ୍ତ ଖୋଜୁଥାଉ
ତୁମେ କେବେ ଲୁଚିଯାଅ
କେବେ ଦେଖାଦେଇ
ନବଧା ଭକ୍ତିର ରସ ବାଣ୍ଟୁ ଥାଅ ।।
ଭବରୋଗର ବୈଦ୍ୟରାଜ ହେ
ଏତିକି ଗୁହାରି ଶୁଣିମା ହେବ
ତୁମ ହସର ମୋଦକ ଟିକେ ଦେଇ
ଏ ବିଷୟାଜରକୁ ମୋର
କେବେ ଆଉ ଭଲକରି ଦେବ
ମୋ ଚେତନାରେ କେବଳ
ତୁମବିନା
ଆଉ କିଛି ବି ନଥିବ
ଜନ୍ମଜନ୍ମାନ୍ତର ଯାଏ କେବଳ
ମୋର ତୁମକୁ ଅପେକ୍ଷା ଟିଏ ଥିବ
ମଣିମା ହେ କେତେ ନୀରବରେ
ଭରସା ପାତିଛି ଆଶାକରେ
ମୋ ସବୁ ଦୋଷାତ୍ରୁଟିକୁ କ୍ଷମା
ଦେଇ
ମୋ ଗୁହାରି ଶୁଣିବ ?

-ଅକ୍ଷର ଘର

## ଅଣସର ଗୃହେ ଦିଅଁ....

● ରାମଚନ୍ଦ୍ର ବେହେରା

ସ୍ନାନ ମଣ୍ଡପରେ ହର୍ଷ ଉଲ୍ଲାସରେ
ଦିବ୍ୟ ଜଳସ୍ନାନ କଲ
ସୁବାସିତ ଜଳ ହେଲା ତୁମ କାଳ
ଜ୍ୱରରେ ପୀଡିତ ହେଲ
ଭାଇ ଭଉଣୀକୁ ଧରି
ଅଣସର ଗୃହେ ବିଶ୍ରାମ କରିଲ
ଭକତକୁ ପର କରି ।
ରତ୍ନ ବେଦୀ ଛାଡି ବିଶ୍ରାମ କରିଲ
ପଟିଦିଅଁ ପାଏ ପୂଜା
ଫୁଲୁରି ତେଲ ଓ ଦଶ ମୂଳାରିଷ୍ଟ
ହେଲା ତୁମ ପାଇଁ ଝଂଜା
ରନ୍ଧା ଖାଦ୍ୟ ତେଜି ପ୍ରଭୁ
ପଣା ଚକଟାରେ ଦିନ କାଟୁଅଛ
ଆହେ ଦୟାମୟ ବିଭୂ ।
ନାନା ଜାତି ପଥି ମୋଦକର ବିଧି
ଶ୍ରଦ୍ଧାରେ ନେଲ ଆଦରି
ଆଲଟ ଚାମର ସୁଲୁସୁଲୁ ବାଆ
ଶୀତଳତା ଦେଲା ଭରି
ରାଶି ଦୀପ ଆଲୋକରେ
ବ୍ୟାଧି ଦୂର ପାଇଁ ଦିବାନିଶି ତୁମ
ସେବାୟତ ସେବା କରେ ।
ରତ୍ନ ଅଳଂକାର ପାଟ ବସ୍ତ୍ର ଛାଡି
କାଟିବ ଚଉଦ ଦିନ
ସୁସ୍ଥ ହେଲା ପରେ ପୂଣ୍ୟ ବଡଦାଣ୍ଡେ
ଭକ୍ତଂକୁ ଦେବ ଦର୍ଶନ
ହେ ପ୍ରଭୁ ଜଗତ ସାଇଁ
ନବ ଯଉବନ ବେଶକୁ ତୁମର
ଶ୍ରଦ୍ଧାରେ ରହିଛୁ ଚାହିଁ ।
ଧାଡି ପହଣ୍ଡିରେ ଶ୍ରୀମନ୍ଦିର ଛାଡି
ରଥରେ ବସିବ ହରି
ନନ୍ଦିଘୋଷେ ବସି ଭକ୍ତଂକ ପରାଣେ
ଶ୍ରଦ୍ଧାଭାବ ଦେବ ଭରି
ଜନମ ବେଦୀରେ ଧନ
ଆଠଦିନ ରହି ପୋଡପିଠା ଖାଇ
ଫେରିବ ଦଶମୀ ଦିନ ।

- ତେନ୍ତୁଳିପଦା, ଜଗତସିଂହପୁର
୭୩୫୬୭୩୪୩୪୬

## ସ୍ମୃତି କେବେ ତୁମେ ଚାରୁକଳା ଚିତ୍ରଲେଖା

● ପ୍ରଶାନ୍ତ କୁମାର ନାୟକ

ସ୍ମୃତି କେବେ ତୁମେ ହଜିଲା ଦିନର
ଶୋକାତୁର ଭାବାବେଗ,
କେବେକେବେ ପୁଣି ହୃଦୟ ପଠାରେ
ଅସୀମ ଯନ୍ତ୍ରଣା ଦାଗ ।।

ସ୍ମୃତି କେବେତୁମେ ବିଲ ହିଡପରେ
ଶ୍ରୀଫଳ ବୃକ୍ଷର ଧାଡି ,
କେତେବେଳେ ପୁଣି ଆଦ୍ୟ ଆଷାଢ଼ର
ଭୟାନକ ନଈ ବଢି ।।

ସ୍ମୃତି କେବେତୁମେ ତୁଳସୀ ମୂଳର
ମିଞ୍ଜି ମିଞ୍ଜି ଦୀପଶିଖା ,
କେବେ କାଳେପୁଣି ହୃଦୟ କାନ୍ଥର
ଚାରୁକଳା ଚିତ୍ରଲେଖା ।।

ସ୍ମୃତି କେତେବେଳେ ମନ ଆକାଶର
ଆଞ୍ଜୁଳାଏ ତାରାପୁଞ୍ଜ,
ଅଳପ ଆଲୋକ କରେ ବିଚ୍ଛୁରିତ
ନଇଁ ଆସିଲେ ତ ସଞ୍ଜ ।।

ସ୍ମୃତି କେବେତୁମେ ନିଃସଙ୍ଗ ହୃଦର
ସ୍ନିଗ୍ଧ ଓ ସ୍ତିମିତ ଜ୍ୟୋତି ,
ମନ ଆକାଶରେ ସ୍ମୃତି କେବେପୁଣି
ପୂର୍ଣ୍ଣମୀ ତିଥିର ରାତି ।।

-ଭୁବନେଶ୍ୱର
୮୨୪୯୬୫୦୪୧୪

## ଛୁଆର ସାଥିରେ

● ଡ଼. ବିନୟକୃଷ୍ଣ ପଟ୍ଟନାୟକ

ଛୁଆ ଯେବେ ଆଖି ମେଲେ ...
କିଛି ଜାଣିବାକୁ ଲୋଡ଼େ ...
ଗୁରୁଟେ ଜନମ ନିଏ ଏହି ସମୟରେ,

କିଛି ଶିଖିବା ଆଶାରେ ...
ସେ ଯେଉଁ ପ୍ରଶ୍ନ ପଚାରେ ...
ଗୁରୁ ତା'ର ମନ କଥା ଭଲେ ବୁଝିପାରେ ।

ଆପେ ଆପେ ଛୁଆ ଆଡ଼େ ସିଏ ମାଡ଼ିଚାଲେ,
ମିତଟିଏ ରୂପେ ସିଏ ଚାଲେ ଏକା ତାଳେ ।
ତା' ସେନେହ ଭାବଟିକୁ ଛୁଆ ବାରିପାରେ,
ତାହାଠାରୁ ଶିଖିବାକୁ ଖୁସିରେ ପଚାରେ ।

ଏ ଧାରାରେ ଶିଖିବାର ବାଟ ଖୋଲିଚାଲେ,
ଛୁଆ ଦେଇ ଗୁରୁଟିକୁ ଅବସର ମିଳେ । (୦)

ଗୁରୁ ଗଢ଼ା ହୁଏ ନାହିଁ ବହିର ବଳରେ,
ଗୁରୁ ମାନେ ପାଏ ନାହିଁ ଚାକିରିଟେ କଲେ ।
ଗୁରୁ କେହି ବନେ ନାହିଁ ବାଳ ପାଚିଗଲେ,
ଗୁରୁ ପଦବୀ ମିଳେନି ଛାଟଟେ ଧରିଲେ ।

ଗୁରୁ ସଦା କଅଁଳାଏ ଛୁଆଟେ ଚାହିଁଲେ,
ଏହା ହିଁ ଭାବ ଜଗାଏ ଗୁରୁର ଅନ୍ତରେ ।
ସହଯୋଗ ନ କରି କି' ଗୁରୁ ରହିପାରେ,
ମହା ସୁଖ ପାଏ ସିଏ ଏହା କରିବାରେ ।

ଛୁଆଦେଇ ସେ ଜୀବନେ ଡେଣା ଯୋଡ଼ିପାରେ,
ତାହା ସାଥେ ଚାଲି ନିଜେ ସତ ଜାଣିପାରେ । (୧)

ମଣିଷ ହିଁ ଜଗତକୁ ଭଲେ ଜାଣିପାରେ,
କେହି ଜାଣିବା ଚାହିଁଲେ ସେ ଭରେ ଖୁସିରେ ।
ସାଥେ ମିଶି ଶିଖିବାକୁ ସେ ଚାହେଁ ଖୁସିରେ,
ଛୁଆ ସାଥେ ଶିଖିଲେ ସେ ଭଲେ ବୁଝିପାରେ ।

ଛୁଆ ସାଥେ ସିଏ ଜଣେ ମିତ ବସିପାରେ,
ତା' ସାଥେ ମିଶି ଶିଖିଲେ ଭଲେ ବୁଝିପାରେ ।
ଛୁଆଦେଇ କାଲିଟିକୁ ସେ ସଜାଇପାରେ,
ଜଗତକୁ ଭଲ ରୂପେ ସିଏ ବୁଝିପାରେ ।

ଛୁଆ ଥାଏ ତାହା ଠାରୁ କେତେ ଯେ ଆଗରେ,
ଏହାଛଡ଼ା କେଉଁଠୁ ସେ ସତ ଜାଣିପାରେ ? (୨)

## ଭଲ କବିତାଟେ ପାରୁନି ଲେଖି

● ନିରଞ୍ଜନ ସାହୁ

ଭଲ କବିତାଟେ ଲେଖିବା ପାଇଁକି
ମନରେ ଆଗ୍ରହ ଭାରି
କେମିତି ଭଲ ମୁଁ ଲେଖିବି କହୁନ
ପାରୁନାହିଁ କାମ ସାରି ।

ଯେତେବେଳେ ମନେ ଭାବନା ଆସୁଛି
ସମୟ ମିଳୁଛି କାହିଁ
ସମୟ ମିଳିଲେ ଭାବନା ଆସୁନି
ସେମିତି ରହିଛି ଚାହିଁ
ନିଜକୁ ନିଜେ ମୁଁ ଜାଣି ପାରୁଅଛି
ଏ କାମରେ ଗଲି ହାରି ।

ଯେତେବେଳେ ଟିକେ ଲେଖିବି ବୋଲି ମୁଁ
କାଗଜ କଲମ ଧରେ
ସେତେବେଳେ କାହା କାମ ପଡିଗଲେ
ସିଏ ଆସି ରଡ଼ିକରେ
କବିତା ଲେଖିବା କାମ ବନ୍ଦ କରି
ଚାଲେ ମୁହିଁ ମନମାରି ।

ବେଳେବେଳେ ମୁହିଁ ମନକୁ ବୁଝାଇ
ଏଣୁତେଣୁ କରି ଲେଖେ
ସେମିତି କବିତା ମନକୁ ପାଏନା
ଯେତେଥର ମୁହିଁ ଦେଖେ
ମନରେ ନିରାଶା ଭାବ ଜାତ ହୁଏ
ଚିନ୍ତାରେ ମୁଁ ହୁଏ ଘାରି ।

କେଉଁଦିନ ଅବା ଭଲ କବିତାଟେ
ଖାତାରେ ଉତୁରି ଯିବ
ସେହି କବିତାଟି ମୋହରି ମନରେ
ଚିରଦିନ ପାଇଁ ଥିବ
ସେମିତି କବିତା ସନ୍ଧାନରେ ଅଛି
ଡାକନ୍ତା କି ହାତ ଠାରି ।

-ନିହଲ ପ୍ରସାଦ ,
ଗଁଦିଆ ପାଟଣା
ଢେଙ୍କାନାଳ, ୭୫୯୦୧୬
୯୯୩୮୭୪୧୫୮୩

## ଗଛଯେ ଆମର ମିତ

● ପ୍ରଶାନ୍ତ କୁମାର ନାୟକ

ଗଛ ଯେ ଆମର ମିତ ଭାଇ ବନ୍ଧୁ
କରଇ ସବୁରି ହିତ ,
ଭାବେନା ସେ କେବେ ପରକି
ଆପଣା
ପରୋପକାର ତା' ବ୍ରତ ।

ମୁଣ୍ଡ ଟେକିଥାଏ ମାଟିପରେ ସିଏ
ଡାଳପତ୍ର ଶାଖା ମେଲି ,
ଖରା ବରଷାକୁ ଖାତିରି ନକରି
ହସୁଥାଏ ଖିଲିଖିଲି ।

ଅମଳଜାନ ସେ ଦେଇଥାଏ ସଦା
ଫୁଲଫଳ କରେ ଦାନ ,
ଅଙ୍ଗାରକାମଳ ବିଷକୁ ସର୍ବଦା
ହସିହସି କରେ ପାନ ।

ଚାରା ଗଛଟିଏ ଲଗାଇବା ଚାଲ
ଶିଶୁପରି ନେବା ଯତ୍ନ,
ବଡହୋଇ ଦିନେ ହେବ ମହାଦ୍ରୁମ
ପରିବେଶ ପାଇଁ ଦାନ ।

ଶୀତଳ ସମୀର ଗହଳ ଛାଇ ତା'
ତୁଳନା ତାହାର ନାହିଁ,
ନିଜେ ଖରାସହି ଛାଇ ଦିଏସିନା
ତା'ପରି ମହାନ ନାହିଁ ।

-ଭୁବନେଶ୍ୱର
୮୨୪୯୬୫୦୪୧୪

## ମାଟିର ଶୋଷ

● ଡିସମ୍ବର ମେହେର

ପହିଲି ବର୍ଷା
ମାଟିକୁ ଛୁଇଁଛି
କେତେ ଦିନର ତୃଷା
ଆଜି ମେଣ୍ଟିଛି
ଶୋଷିନେବ ଗଭୀର ପ୍ରେମ ଢାଳି
ପ୍ରାଣରୁ ପ୍ରାଣକୁ
ପରଶି ଦେବ
ମଧୁରାତିରେ ଆତ୍ମୀୟ କରି ।।

ଦୀର୍ଘଦିନ ବ୍ୟବଧାନରେ
ତୁମେ ଆସିଛ
ସଜେଇ ମେଘ ଉର୍ମିମାଳେ
ଇନ୍ଦ୍ରଧନୁର ଶାଢ଼ୀ ପିନ୍ଧି
ଆଖିରେ କଜଳ ଲେପି
ବରଷିବ ବୋଲି
ଅବିରାମ
ରାତି ତମାମ
ରେଇ ଦେବ
ଯୌବନ ରସ ।।

ଆଜି ଆସିଛ
ନୂଆ ରୂପରେ ନୂଆ ଢଙ୍ଗରେ
ପୁରୁଣା ସ୍ମୃତିକୁ ସାଉଁଟି,
ଚାଲ ମିଶିଯିବା ଦୁହେଁ
ହସ ସଂଚାରିବା
ଦୁନିଆଁ ଭିତରେ
ସବୁଜିମା କୋଳରେ
ମହକ ବୁଣି ଦେବା
ସଦ୍ୟ ଫୁଲ ପାଖୁଡ଼ା ଭିତରେ ।।

ଫୁଲେଇ ହୁଏ
ବେଳେ ବେଳେ
ଗେହେ୍ଲଇ ପ୍ରିୟା
ନୀଳ ଆକାଶେ ,
ଲୁଚି ଛପି ଲୁଚକାଳି ଖେଳେ
କଷ୍ଟ ଦିଏ ,
ଲୁହ ଝରାଏ,
ଧୂ ଧୂ ଖରା ଭିତରେ
ଡହଳ ବିକଳ ହୋଇ
ଦେହ ମୋର ଫାଟି
ଆଁ କରି
ଖଣ୍ଡ ଖଣ୍ଡ ହୁଏ ।।

ଆସ
ବେଗେ ବେଗେ ମାଡି ଆସ
ଝୁର ଝୁମ୍ ସ୍ୱରେ
ମୋ ଭଙ୍ଗା ହୃଦୟକୁ
ଯୋଡିବାକୁ
ଜଖମ ଭିତରେ
ମଲମ ଦେବାକୁ
ଆସ
ଉଷୁମ ରୁଧିରକୁ
ଶୀତଳି ଦେବ
ମେଣ୍ଟାଇ ଦେବ ଶୋଷ
ତୁମ ପ୍ରେମ ସ୍ପର୍ଶରେ ।।

-ଗଣ୍ଡାବାହାଲି ନୂଆପଡା
୭୮୯୪୭୮୮୧୩୫

## ଅଣସର ଘରେ

● ତାରାପ୍ରସାଦ ଜେନା

ଅଣସର ଘରେ ପ୍ରଭୁ ରଖାଇଲ
ଛାଡୁନାହିଁ ଆଉ ବାଟ
ତାଟି ବୁଲାଇଛ ପଟିଦିଅଁ ରଖି
କରୁଅଛ କେତେ ନାଟ
ଅଣସର ଘରେ ପ୍ରଭୁ
ରଖାଇଲ..... । ୦ ।

ଦାରୁ ବିଗ୍ରହଙ୍କୁ ବୁଡ଼ାସ୍ନାନ ପାଇଁ
ହୋଇଅଛି ଜ୍ୱର ମନ୍ଦ
ପଥିକ ପାଚନକୁ ଓଉଷଧ ଅଛି
ଦଇତା ପତିଙ୍କ ଛନ୍ଦ,
ପନ୍ଦରଟା ଦିନ ରହିସାରି ପୁଣି
ନବ ଯଉବନ ଭେଟ
ଅଣସର ଘରେ ପ୍ରଭୁ
ରଖାଇଲ..... । ୧ ।

ପୁରୀ ଛାଡ଼ି ଭକ୍ତ ବ୍ରହ୍ମଗିରି ଯିବେ
ଅଲାରନାଥଙ୍କୁ ଦେଖି
ସେହି ପୁଣ୍ୟଫଳ ନିଶ୍ଚେ ପ୍ରାପ୍ତ
ହେବ
କ୍ଷୀରୀ ଭୋଗ ଏଠି ଚାଖି ,
ଘୋଷଯାତ୍ରା ଦିନ ଜଗନ୍ନାଥ ବିଜେ
ବଡ଼ଦାଣ୍ଡ ଖୁସି ହାଟ
ଅଣସର ଘରେ ପ୍ରଭୁ
ରଖାଇଲ..... । ୨ ।

-ରାଜ ରଣପୁର,
ନୟାଗଡ଼,
୯୩୪୮୦୫୪୩୦୦

## ପ୍ରୀତି ପୀୟୂଷ

● ସୁଜିତ୍ ମିଶ୍ର

ସରେ ସିନା ପ୍ରୀତି ଝରିଗଲେ ରାତି
ସ୍ୱପ୍ନ ଏଠି ଭଗ୍ନଶିଳା,
ତୁମ ପ୍ରୀତି କିନ୍ତୁ ଅସରନ୍ତି ରାତି
ନିତି ସ୍ୱପ୍ନ ମଧୁଶାଳା ।

ଛାତି ତଳେ ଯାର ଫଗୁଣ ଶ୍ରାବଣ
ମିଠା ଅନୁଭବ ଝର,
ତା ପାଇଁ ଯାତନା ଅସହ୍ୟ ହେଲେ ବି
ପ୍ରୀତିର ପୀୟୂଷ ଧାର ।

ଫୁଲରେ ପରାଗ ଅପାର ସରାଗ
ମଧୁର ଗୁଞ୍ଜନ ପ୍ରୀତି,
ଅପୂର୍ବ ମୂର୍ଚ୍ଛନା ଛୁଆଁରେ ଜୋଛନା
ଆନମନା ମଧୁମତୀ ।

ଯାତନା ନଈରେ ହୁଅ ପଛେ ତୁମେ
ମୋ ଠାରୁ ଅନନ୍ତ ଦୂର,
ଝରୁଥିବ କିନ୍ତୁ ତୁମ ପ୍ରତୀକ୍ଷାରେ
ଆଖିରୁ ମୋ ଅଶ୍ରୁଧାର ।

ଚହଳ ପଡଇ ଟୁପୁରୁଟାପର
କଥା ଆମ ଏକାନ୍ତରେ,
ବୋଧେ ସେଥିପାଇଁ ତୁମେ ଭିଜାଚିଠି
ମୋହନ ବଂଶୀ ମୁଁ ସୁରେ ।

ମାଗେ ମୁଁ ତମକୁ ମମତାରେ ଭରା
ମଧୁର ଜୋଛନା ରାତି,
ପ୍ରତିଥର କିନ୍ତୁ ପ୍ରତିଶ୍ରୁତି ତମ
ପ୍ରତୀକ୍ଷାରେ ଭରା ତାତି ।

ନଈର ମଧୁର ଗୀତଟେ ତୁମେ ମୁଁ
ଅଶାନ୍ତ ସାଗର କୋହ,
ତୁମ ମୂର୍ଚ୍ଛନାର ସାତସୁରେ ବନ୍ଧା
ଶ୍ରୋତା ମୁହିଁ ଅହରହ ।

ଯେବେ ତୁମେ ପିନ୍ଧ ନୀଳପାଟ ଶାଢୀ
ସକାଳର ସ୍ନାନ ପରେ,
ମୋତେ ଲାଗେ ବଧୂ ନିରୁପମା ସାଜି
ବିରାଜିଛ ମୋ ଅନ୍ତରେ ।

-ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨

## ପଞ୍ଜାବ କଂଗ୍ରେସରେ କନ୍ଦଳ



ଚଣ୍ଡିଗଡ଼:ପଞ୍ଜାବ କଂଗ୍ରେସରେ କ୍ଷମତାକୁ ନେଇ କନ୍ଦଳ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଅମରିନ୍ଦର ସିଂହ ରାଜାଙ୍କୁ ପଞ୍ଜାବ କଂଗ୍ରେସର ସଭାପତି ନିଯୁକ୍ତ କରାଯାଇଥିବାରୁ ଏହାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଚରଣଜିତ୍ ସିଂହ ଚନ୍ନି ଅସନ୍ତୋଷବ୍ୟକ୍ତ କରିଛନ୍ତି। କ୍ଷମତା କନ୍ଦଳର ସମାଧାନ ପାଇଁ କଂଗ୍ରେସ ସାଧାରଣ ସମ୍ପାଦକ ତଥା ପ୍ରଭାରୀ ଭୂପେଶ ବଘେଲ୍ ଶନିବାର ଚନ୍ନି ଗୋଷ୍ଠୀର ନେତାଙ୍କ ସହ ଆଲୋଚନା କରିଛନ୍ତି। ଏହି ବୈଠକରେ ବରିଷ୍ଠ ସୁଖଜିନ୍ଦର ସିଂହ ରନ୍ଧାୱା, ଭାରତ ଭୂଷଣ, ତୃପ୍ତି ରାଜିନ୍ଦର ବାଜ୍‌ବା, ପ୍ରତାପ ସିଂହ ବାଜ୍‌ବା, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଓପି ସିଂହ ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ପରେ ସାମ୍ବାଦିକଙ୍କୁ ସୂଚନା ଦେଇ ବଘେଲ କହିଥିଲେ ପ୍ରତ୍ୟେକ ନେତା ଦଳୀୟ ନିଷ୍ପତ୍ତି ମାନିବାକୁ ରାଜି ହୋଇଛନ୍ତି। ଦଳରେ ଯାହା କିଛି ସମସ୍ୟା ରହିଛି ତାହାକୁ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ।

## ମମତାଙ୍କୁ ଝଟ୍‌କା



କଲକତା: ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତ୍ରୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଶନିବାର ଆଉ ଏକ ଝଟ୍‌କା ଲାଗିଛି। ମମତାଙ୍କ ଘନିଷ୍ଠ ଭାବେ ପରିଗଣିତ ଅନୁବ୍ରତ ମଣ୍ଡଳ ଶନିବାର ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହୋଇଛନ୍ତି। ଗତ କିଛିଦିନ ହେବ ଅନୁବ୍ରତ ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। ଶନିବାର ରତବ୍ରତଙ୍କ ଗୋଷ୍ଠୀ ତରଫରୁ ବିଭିନ୍ନ ଜିଲାର ସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ଏଥିରେ ଅନୁବ୍ରତଙ୍କୁ ବୀରଭୂମି ଜିଲା ସଭାପତି ଭାବେ ନିଯୁକ୍ତ କରାଯାଇଛି। ସେହିପରି ପ୍ରସୁନ ବାନାର୍ଜୀଙ୍କୁ ମାଲଦା, ଦେବାଶିଷ କୁମାରଙ୍କୁ ଦକ୍ଷିଣ କଲକାତା ଓ ସନ୍ଦୀପନ ଶାହାଙ୍କୁ ଉତ୍ତର କଲକାତା ଜିଲାର ସଭାପତି ଭାବେ ନିଯୁକ୍ତ କରାଯାଇଛି। ସୂଚନାଥାଉ କି ଗୋ ଚୋରାଚାଲଣ ଅଭିଯୋଗରେ ଅନୁବ୍ରତଙ୍କୁ ଗତ ୨୦୨୪ ସେପ୍ଟେମ୍ବରରେ ଗିରଫ କରାଯାଇଥିଲା। ସେ ୨୫ ମାସ ଜେଲ୍‌ରେ ରହି ଜାମିନରେ ମୁକୁଳି ଥିଲେ। ଗତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଟିଏମ୍‌ସିର ପରାଜୟ ପରେ ଅନୁବ୍ରତ ନିଜ ଭବଷ୍ୟତ ଯୋଜନା ନେଇ ମୁହଁ ଖୋଲୁନଥିଲେ। ବୀରଭୂମିର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରକାନ୍ତ ସିହ୍ନା ଓ କାଜଲ୍ ଶେଖ ପ୍ରମୁଖ ପୂର୍ବରୁ ବିଦ୍ରୋହୀ ଗୋଷ୍ଠୀରେ ଯୋଗ ଦେଇ ସାରିଛନ୍ତି।

## ଗାଜିଆବାଦ୍‌ରେ ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା

ଗାଜିଆବାଦ୍: ଗାଜିଆବାଦ୍‌ରେ ଜଣେ ୭ ବର୍ଷର ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ କରି ହତ୍ୟା କରାଯିବା ଘଟଣାକୁ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ନାବାଳିକାର ମୃତଦେହ ଗାଜିଆବାଦ୍ ରାଜନଗର ନିକଟରେ ଥିବା ନିର୍ମାଣାଧୀନ କୋଠାରୁ ଶନିବାର ଭୋର୍ ସମୟରେ ମିଳିଥିଲା। ମୃତ ନାବାଳିକାର ପିତାମାତା ବିହାରରୁ ଆସି ଏଠାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସେମାନେ ସେହି ନିର୍ମାଣାଧୀନ କୋଠା ନିକଟରେ ଏକ ଝୁମ୍ପୁଡ଼ି କରି ରହୁଥିଲେ। ମୃତକଙ୍କ ପରିବାରର କହିବାନୁଯାୟୀ ତାଙ୍କ ଝିଅକୁ କେତେକ ଯୁବକ ଚକୋଲେଟ୍, କୋଲଡ୍ ଡ୍ରିଙ୍କ୍‌ସ ଦେବା ବାହାନାରେ ଡାକି ନେଇ ଦୁଷ୍କର୍ମ ପରେ ହତ୍ୟା କରିଛନ୍ତି। ଏହି ଘଟଣାରେ ଦୁଇଜଣ ସଂପୃକ୍ତ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ଖବର ପାଇ ଗାଜିଆବାଦ୍‌ର ବରିଷ୍ଠ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବାନୁଯାୟୀ ନାବାଳିକାକୁ ଦୁଷ୍କର୍ମ ପରେ ଲୁହାଛଡ଼ରେ ପିଟି ହତ୍ୟା କରାଯାଇଛି। ବିଶେଷଜ୍ଞ ଦଳ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଛନ୍ତି। ଏହି ଘଟଣାକୁ ନେଇ କେତେକ ବ୍ୟକ୍ତିଙ୍କୁ ଅଟକ ରଖାଯାଇ ପଚରାଉଚରା ଚାଲିଛି। ମୃତକଙ୍କ ପରିବାର ତରଫରୁ ଅଭିଯୋଗ ହେବା ପରେ ପୁଲିସ ଅପହରଣ, ଦୁଷ୍କର୍ମ ଓ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଲାଲକିଲ୍ଲାକୁ ବୋମାରେ ଉଡ଼ାଇ ଦେବାକୁ ଧମକ



ନୂଆଦିଲ୍ଲୀ: ଦିଲ୍ଲୀରେ ଥିବା ଲାଲକିଲ୍ଲାକୁ ବୋମାରେ ଉଡ଼ାଇ ଦେବାକୁ ଏକ ଧମକପୂର୍ଣ୍ଣ ଇମେଲ ମୁମ୍ବଇ ପୁଲିସକୁ ଶନିବାର ମିଳିଥିଲା। ଏହି ଇମେଲ୍ ଆସିବା ପରେ ମୁମ୍ବଇ ପୁଲିସ ଦିଲ୍ଲୀ ପୁଲିସକୁ ସୂଚନା ଦେଇଥିଲା। ଦିଲ୍ଲୀ ପୁଲିସ ତରଫରୁ ତୁରନ୍ତ ଲାଲକିଲ୍ଲା ଓ ଏହାର ନିକଟବର୍ତ୍ତୀ ଅଞ୍ଚଳକୁ ଯାଞ୍ଚ କରାଯାଇଥିଲା। ତେବେ ଯାଞ୍ଚ ସମୟରେ କୌଣସି ବିସ୍ଫୋରକ ଦ୍ରବ୍ୟ ମିଳି ନ ଥିଲା। ଫଳରେ ଏହା ଏକ ମିଥ୍ୟା ଧମକ ଥିବା ଦିଲ୍ଲୀ ପୁଲିସ କହିଛି। ଗତ ମାସରେ ଦିଲ୍ଲୀ ମହାନଗର ନିଗମର ମେୟରଙ୍କ କାର୍ଯ୍ୟାଳୟକୁ ଏକ ଇମେଲ୍ ଆସିଥିଲା। ଦିଲ୍ଲୀ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ବୋମା ବିସ୍ଫୋରଣ କରାଯିବ ବୋଲି ଏଥିରେ ଦର୍ଶାଯାଇଥିଲା। ତେବେ ଏହି ଇମେଲ୍‌ରେ କୌଣସି ସତ୍ୟତା ନ ଥିବା ପରବର୍ତ୍ତୀ ସମୟରେ ସ୍ପଷ୍ଟ ହୋଇଥିଲା।

# ଇରାନ ଉପରେ ୧୪୦ ମିଶାଇଲ ମାଡ଼ କଲା ଆମେରିକା



ତେହରାନ : ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ପାଇଁ ପ୍ରତ୍ୟେକ ଆଶା ବାରମ୍ବାର ଧୂଆଁରେ ଉଠୁଥିବା ପରି ମନେ ହେଉଛି। କୌଣସି ଚୁକ୍ତି ଚୂଡ଼ାନ୍ତ ହେବା ପୂର୍ବରୁ, ଉଭୟ ଦେଶ ପୁଣି ଥରେ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଛନ୍ତି। ରବିବାର, ଇରାନ ହର୍ମୁଜ ପ୍ରଣାଳୀରେ ଏକ କଣ୍ଟେନର ଜାହାଜକୁ ଟାର୍ଗେଟ କରିଥିଲା। ଏହା ପରେ, ଆମେରିକା ଏକ ସପ୍ତାହ ମଧ୍ୟରେ ତୃତୀୟ ଆକ୍ରମଣ କରିଥିଲା ୧୪୦ ରୁ ଅଧିକ ଇରାନୀ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିଥିଲା। ଆମେରିକାର ଆକ୍ରମଣ ପରେ ସଂଘର୍ଷ ପୁଣି ଥରେ ବୃଦ୍ଧି ପାଉଛି। ଏହି ନୂଆ ଉତ୍ତେଜନା କେବଳ ଦୁଇଟି ରାଷ୍ଟ୍ର ମଧ୍ୟରେ ସୀମିତ ନୁହେଁଙ୍କ ସମଗ୍ର ଉପସାଗରୀୟ କ୍ଷେତ୍ରର ଦେଶଗୁଡ଼ିକ ହାଇ ଆଲର୍ଟରେ ଅଛନ୍ତି। ଇରାନ ପ୍ରତିଶୋଧ ନେଇ ୟୁଏଇ, କୁଓ୍ୱେତ, କତାର ଏବଂ ବାହାରିନ ଉପରେ ଆକ୍ରମଣ ଆରମ୍ଭ କରିଛି। ଏହା ବ୍ୟତୀତ, ଇସ୍ରାଏଲର ପଡ଼ୋଶୀ ଜୋର୍ଡାନ ସେଠାରେ ଅବସ୍ଥିତ ଏକ ଆମେରିକୀୟ ଘାଟିକୁ ଟାର୍ଗେଟ କରି ଏକ ଆକ୍ରମଣ କରାଯାଇଥିଲା। ଆମେରିକା କେନ୍ଦ୍ରୀୟ କମାଣ୍ଡ (CENTCOM) କହିଛି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ ପରେ ଇରାନ ବିରୁଦ୍ଧରେ ନୂତନ ଆକ୍ରମଣ କରାଯାଇଥିଲା। ଏହା ଏକ ସପ୍ତାହ ମଧ୍ୟରେ ତୃତୀୟ ବଡ଼ ଆକ୍ରମଣଙ୍କ ପରବର୍ତ୍ତୀ ବିବୃତ୍ତି ନିଶ୍ଚିତ କରିଛି ଯେ ୧୪୦ ରୁ ଅଧିକ ସାମରିକ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରାଯାଇଥିଲା।

ଜାହାଜ ଉପରେ ଆକ୍ରମଣ ଦ୍ୱାରା ଉତ୍ତେଜନାର ସଦ୍ୟତମ ସ୍ପାର୍କ ପ୍ରଜ୍ୱଳିତ ହୋଇଥିଲା। ଆମେରିକୀୟ ସେନା ଅଭିଯୋଗ କରିଛି ଯେ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (IRGC) ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ସାଇପ୍ରସ-ପତାକାଯୁକ୍ତ କଣ୍ଟେନର ଜାହାଜ M/V GFS Galaxyକୁ ଟାର୍ଗେଟ କରିଥିଲା। ଆମେରିକା ଅନୁଯାୟୀ, ଆକ୍ରମଣ ପରେ ଜାହାଜରେ ନିଆଁ ଲାଗିଯାଇଥିଲାଙ୍କ ଇଞ୍ଜିନ ରୁମ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିଲା, ଯାହା ଫଳରେ ଜାହାଜଟି ସମୁଦ୍ରରେ ଫସି ରହିଥିଲା। ଜଣେ କ୍ରୁ ସଦସ୍ୟ ନିଖୋଜ ଅଛନ୍ତି। ପରେ, ଟକ ସାମୁଦ୍ରିକ ବାଣିଜ୍ୟ ଅଭିଯାନ (ଟକଗଞ୍ଜଙ) ରିପୋର୍ଟ କରିଥିଲା ଯେ ଜାହାଜଟି ସମୁଦ୍ରରେ ପରିତ୍ୟକ୍ତ ଥିଲା। ସମସ୍ତ ବଞ୍ଚିଥିବା କ୍ରୁ ସଦସ୍ୟଙ୍କୁ ଲାଇଫବୋଟ ମାଧ୍ୟମରେ ଜାହାଜ ପରିତ୍ୟାଗ କରି ସୁରକ୍ଷିତ ଭାବରେ ବାହାର କରାଯାଇଥିଲା। CENTCOM କହିଛି ଯେ ବାଣିଜ୍ୟିକ ଜାହାଜ ଉପରେ ପୂର୍ବରୁ ଆକ୍ରମଣ ସତ୍ତ୍ୱେ, ଇରାନକୁ ଚୁକ୍ତି ପାଳନ କରିବାର ସୁଯୋଗ ଦିଆଯାଇଥିଲା, ତଥାପି ଏହା ପୁଣି ସମାନ ପଥ ବାଛିଥିଲା। ଆମେରିକୀୟ ସେନା ଦାବି କରୁଛି ଯେ ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଜାହାଜ ଏବଂ ନାବିକମାନଙ୍କ ସାମ୍ନାରେ ଥିବା ବିପଦକୁ ହ୍ରାସ କରିବା। ଆମେରିକାର ଆକ୍ରମଣ ପରେ ତୁରନ୍ତ, ଇରାନ ମଧ୍ୟ ପ୍ରତିଶୋଧମୂଳକ ପଦକ୍ଷେପ ନେଇଥିଲା। ସଂଯୁକ୍ତ ଆରବ ଏମିରେଟ୍‌ସ (ଟଇର) କହିଛି ଯେ ଏହାର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଇରାନ ଦ୍ୱାରା ପ୍ରକ୍ଷେପିତ କ୍ଷେପଣାସ୍ତ୍ର ଏବଂ ଡ୍ରୋନକୁ ପ୍ରତିହତ କରିବାରେ ନିୟୋଜିତ ଥିଲା। ସାରା ଦେଶରେ ଶୁଣାଯାଉଥିବା ବିସ୍ଫୋରଣକୁ ବାୟୁ ପ୍ରତିରକ୍ଷା ଅବରୋଧ ଅଭିଯାନ ପାଇଁ ଦାୟୀ କରାଯାଇଥିଲା। କାତାର ମଧ୍ୟ ଏହାର ସୁରକ୍ଷା ବିପଦ ସ୍ତର ବୃଦ୍ଧି କରିଛି ଏବଂ ବାସିନ୍ଦାମାନଙ୍କୁ ଘର ଭିତରେ ରହିବା କିମ୍ବା ଆଶ୍ରୟ ନେବାକୁ ଅନୁରୋଧ କରିଛି। ଏହି ସମୟରେ, ବାହାରିନରେ ବିମାନ ଆକ୍ରମଣ ସାଇରନ ବାଜିଥିଲା ଏବଂ ନାଗରିକମାନଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଓମାନର ଦୁକମ ବନ୍ଦରରେ ମଧ୍ୟ ଏକ ଆକ୍ରମଣ ହୋଇଥିଲା।

ଏହି ସମୟ ମଧ୍ୟରେ, ଓଜଏଓ ଜୋର୍ଡାନର ପ୍ରିନ୍‌ସ ହାସନ ବାୟୁ ଘାଟିରେ ଅବସ୍ଥିତ ଆମେରିକୀୟ ସାମରିକ ପ୍ରତିଷ୍ଠାନ ଉପରେ ଏକାଧିକ ବାଲିଷ୍ଟିକ କ୍ଷେପଣାସ୍ତ୍ର ନିକ୍ଷେପ କରିଥିବା ଦାବି କରିଛି। ଓଜଏଓ କହିଛି ଯେ ଏହି ଆକ୍ରମଣ ଏକ କମାଣ୍ଡ-ଏଣ୍ଡ-କଣ୍ଟ୍ରୋଲ ସେଣ୍ଟର ଏବଂ ଗଛ-୯ ଡ୍ରୋନ ଥିବା ଏକ ହ୍ୟାଙ୍ଗରକୁ ଟାର୍ଗେଟ କରିଥିଲା। ତଥାପି, ଏହି ଦାବିଗୁଡ଼ିକୁ ସାଧୀନ ଭାବରେ ଯାଞ୍ଚ କରାଯାଇ ପାରିଲା ନାହିଁ। ରିପୋର୍ଟଗୁଡ଼ିକ କୁଏତ ଏବଂ ବାହାରିନରେ ମଧ୍ୟ ଆକ୍ରମଣ ସୂଚିତ କରିଛି। ଆମେରିକୀୟ ସାମରିକ ସଂସ୍ଥା ଦାବି କରିଛି ଯେ ତିନି ଦିନିଆ ଅଭିଯାନ ସମୟରେ ୩୦୦ ରୁ ଅଧିକ ଇରାନୀ ସାମରିକ ସ୍ଥାନକୁ ଟାର୍ଗେଟ କରାଯାଇଥିଲା। ଆକ୍ରମଣର ସଦ୍ୟତମ ଲହରୀରେ ୧୪୦ ଟି ଲକ୍ଷ୍ୟ ସାମିଲ ଥିଲା। ଉରଘଞ୍ଚଉଙଗ ଅନୁଯାୟୀ, କ୍ଷେପଣାସ୍ତ୍ର ଏବଂ ଡ୍ରୋନ ସ୍ଥାନ, ନୌସେନା ଘାଟି, ଅସ୍ତ୍ରଶସ୍ତ୍ର ଡିପୋ ଏବଂ ଯୋଗାଯୋଗ ନେଟୱାର୍କ ବିରୁଦ୍ଧରେ ଆକ୍ରମଣ କରାଯାଇଥିଲା। ଇରାନୀ ରାଷ୍ଟ୍ରାୟତ୍ତ ଟେଲିଭିଜନ (IRIB) ହୋର୍ମଜଗାନ ପ୍ରଦେଶରେ ଅବସ୍ଥିତ ଜାସ୍କ ସହରରେ ଦୁଇଟି ଅତିରିକ୍ତ ବିସ୍ଫୋରଣର ଶବ୍ଦ ପ୍ରକାଶ କରିଛିଙ୍କ ପୂର୍ବରୁ ସମାନ ଅଞ୍ଚଳରେ ଦଶରୁ ଅଧିକ ବିସ୍ଫୋରଣ ରିପୋର୍ଟ କରାଯାଇଥିଲା। ବୁଶେହର ପ୍ରଦେଶରେ ମଧ୍ୟ ଏକାଧିକ ବିସ୍ଫୋରଣ ରେକର୍ଡ କରାଯାଇଛି, ଯାହା ବନ୍ଦର-ଏ-ଡେୟାର, ଅସଲୁୟେ ଏବଂ କାଙ୍ଗାନ ଭଳି ଅଞ୍ଚଳକୁ ପ୍ରଭାବିତ କରିଛି। ପ୍ରାଥମିକ ସୂଚନା ଅନୁଯାୟୀ ଏହି ଘଟଣାଗୁଡ଼ିକରେ କେହି ମୃତାହତ ହୋଇଥିବା ସୂଚନା ନାହିଁ।

# ତାଜ ହୋଟେଲକୁ ବୋମାରେ ଉଡ଼ାଇ ଦେବାକୁ ଧମକ, ପୋଲିସର ତଦନ୍ତ




ମୁମ୍ବାଇ: ମୁମ୍ବାଇର ତାଜ ହୋଟେଲକୁ ଉଡାଇ ଦେବାକୁ ବୋମା ଧମକ ଦିଆଯାଇଛି। ରବିବାର (୧୨ ଜୁଲାଇ) ମଧ୍ୟରାତ୍ରିରେ କଣ୍ଟ୍ରୋଲ ରୁମକୁ ଏହି ହୋଟେଲ ସମ୍ପର୍କରେ ବୋମା ଧମକ ମିଳିବା ପରେ ପୋଲିସ ତଦନ୍ତ ଜୋରଦାର ହୋଇଛି। ଜଣେ ବ୍ୟକ୍ତି ରାତି ୧୨ଟା ୧୩ ରେ ନଭି ମୁମ୍ବାଇ ପୋଲିସ କଣ୍ଟ୍ରୋଲ ରୁମକୁ ଫୋନ କରି କହିଥିଲେ, 'ଦାଉଦ ତାଜ ହୋଟେଲରେ ବୋମା ରଖିଛି।' ଏହି ସୂଚନା ପରେ ମୁମ୍ବାଇ ମୁଖ୍ୟ କଣ୍ଟ୍ରୋଲ ରୁମକୁ ପଠାଯାଇଥିଲା। ସତର୍କ ସୂଚନା ପାଇବା ପରେ, କୋଲାବା ପୋଲିସ, ଅପରାଧ ଦୃଶ୍ୟ ତଦନ୍ତ ଦଳ ଏବଂ ବୋମା ଚିହ୍ନଟ ଏବଂ ନିଷ୍କ୍ରିୟକାରୀ ଦଳ (BDDS) ତୁରନ୍ତ ତାଜ ହୋଟେଲରେ ପହଞ୍ଚିଥିଲେ। ଧମକ ପରେ, ହୋଟେଲର ମୁଖ୍ୟ ଲବି, ସୁଇମିଂ ପୁଲ, ବିଭିନ୍ନ ହଲ, ରେଷ୍ଟୁରାଣ୍ଟ, ପାର୍କିଂ ଅଞ୍ଚଳ, ବାହ୍ୟ ପରିସର ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ପ୍ରତି-ଜରୁରୀକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ କୌଣସି ସନ୍ଦେହଜନକ ବସ୍ତୁ କିମ୍ବା ବିସ୍ଫୋରକ ମିଳିଲା ନାହିଁ। ବୈଷୟିକ ବିଶ୍ଳେଷଣରୁ ଜଣାପଡିଛି ଯେ ଧମକପୂର୍ଣ୍ଣ କଲ ତୁର୍ବେ ଅଞ୍ଚଳରୁ ଆସିଥିଲା। ଫୋନ ନମ୍ବର ଆଧାରରେ, ପୋଲିସ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଖୋଜାଖୋଜି ଆରମ୍ଭ କରିଛି ଏବଂ ତୁର୍ବେ ପୋଲିସ ଷ୍ଟେଶନର ସହାୟତାରେ କଲରଙ୍କୁ ଖୋଜିବା ପାଇଁ କାମ କରୁଛି। ଧମକ ପରେ ସୁରକ୍ଷା ଏଜେନ୍‌ସିଗୁଡ଼ିକ ହାଇ ଆଲର୍ଟରେ ଅଛନ୍ତି। ଏଜେନ୍‌ସିଗୁଡ଼ିକ ଫୋନ କରିଥିବା ବ୍ୟକ୍ତି ବିଷୟରେ ସୂଚନା ସଂଗ୍ରହ କରୁଛନ୍ତି, ଏବଂ ପୋଲିସ ଘଟଣା ଦେଖି ସତର୍କତା ଅବଲମ୍ବନ କରୁଛି। ହୋଟେଲ ପରିସରରେ ଗତିବିଧି ଉପରେ ନଜର ରଖାଯାଇଛିଙ୍କ ପୋଲିସ ଅନୁଯାୟୀ, କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କର କୌଣସି ରିପୋର୍ଟ ମିଳିନାହିଁ। ତଦନ୍ତକାରୀ ଦଳଗୁଡ଼ିକ ହୋଟେଲ ପରିସରରେ ପୁଙ୍ଖାନୁପୁଙ୍ଖ ତଲାସୀ କରିଥିଲେ, ଯଦିଓ କିଛି ମିଳିନାହିଁ। ପୋଲିସ ଏବେ କଲର ଉତ୍ପତ୍ତି ଖୋଜିବା ପାଇଁ ତଦନ୍ତ ଆରମ୍ଭ କରିଛି। ଉଲ୍ଲେଖନୀୟ ଯେ କିଛି ମାସ ପୂର୍ବରୁ ହୋଟେଲ କର୍ମଚାରୀମାନେ ସମାନ ଧମକପୂର୍ଣ୍ଣ କଲ ପାଇଥିଲେ। ଏହି ଘଟଣା ପରେ ତାଜ ହୋଟେଲରେ ସୁରକ୍ଷା ବ୍ୟବସ୍ଥା ଯଥେଷ୍ଟ କଡ଼ାକଡ଼ି କରାଯାଇଛି, ଏବଂ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

## ନୌସେନାରେ ଆଇଏନ୍‌ଏସ୍ ମହେନ୍ଦ୍ରଗିରି ସାମିଲ

ବିଶାଖାପାଟଣା: ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶନିବାର ବିଶାଖାପାଟଣା ଡକୟାର୍ଡରେ ପ୍ରାୟ ୭୫ ପ୍ରତିଶତ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଯୁଦ୍ଧଜାହାଜ ଆଇଏନ୍‌ଏସ୍ ମହେନ୍ଦ୍ରଗିରିକୁ ଲୋକାର୍ପିତ କରିଛନ୍ତି। ଏହାସହିତ ଯୁଦ୍ଧଜାହାଜ ଆଇଏନ୍‌ଏସ୍ ମହେନ୍ଦ୍ରଗିରି ଭାରତୀୟ ନୌବାହିନୀରେ ବିଧିବଦ୍ଧ ଭାବେ ସାମିଲ ହୋଇଛି। ମହେନ୍ଦ୍ରଗିରି ପର୍ବତମାଳାର ନାମ ଅନୁସାରେ ନାମିତ ଏହି ଯୁଦ୍ଧଜାହାଜ ସ୍ଥିରତା, ଶକ୍ତି ଏବଂ ଅଟଳ ସଂକଳ୍ପର ପ୍ରତୀକ ବୋଲି ରାଜନାଥ କହିଥିଲେ। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ମହେନ୍ଦ୍ରଗିରି ଭାରତର ସାମୁଦ୍ରିକ ଇତିହାସରେ ଆଉ ଏକ ଅଧ୍ୟାୟ ଯୋଡ଼ିବ ବୋଲି ଆଶା କରାଯାଉଛି। ଭାରତୀୟ ନୌସେନାର ଯୁଦ୍ଧଜାହାଜ ଡିଜାଇନ ବ୍ୟୁରୋ ଦ୍ୱାରା ଡିଜାଇନ ଏବଂ ମୁମ୍ବଇ ଦ୍ୱାରା ନିର୍ମିତ ହୋଇଛି ଆଇଏନ୍‌ଏସ ମହେନ୍ଦ୍ରଗିରି। ଏହି ଜାହାଜରେ ଏକ ଉନ୍ନତ ରାଡାର ଏବଂ ଲମ୍ବା-ଦୂରବର୍ତ୍ତୀ ପୃଷ୍ଠରୁ ବାୟୁ କ୍ଷେପଣାସ୍ତ୍ର ରହିଛି, ଯାହା ଏହାକୁ ଦୂରରୁ ବିପଦକୁ ଚିହ୍ନଟ ଏବଂ ମୁକାବିଲା କରିବାରେ ସକ୍ଷମ କରିଥାଏ। ଏହା ସ୍ୱଦେଶୀ ରକେଟ ଲଞ୍ଚର ଏବଂ ଟର୍ପେଡୋ ଲଞ୍ଚର ସହିତ ସଜ୍ଜିତ। ଏହା ସହିତ, ଏଥିରେ ଏକ ସମନ୍ୱିତ ପ୍ରତିରକ୍ଷା ପ୍ରଣାଳୀ, ଏକ ଇଲେକ୍ଟ୍ରୋନିକ ଯୁଦ୍ଧ ସୁଟ ଏବଂ ଅସ୍ତ୍ର ପ୍ରଣାଳୀ ରହିଛି। ଏହି ବୈଶିଷ୍ଟ୍ୟଗୁଡ଼ିକ ଏହାକୁ ମାଉଣ୍ଟ ମହେନ୍ଦ୍ରଗିରି ପରି ଅଭେଦ୍ୟ ଏବଂ ଦୃଢ଼ କରିଛି।ଏହି ଅବସରରେ ଉଦ୍‌ବୋଧନ ଦେଇ ରାଜନାଥ କହିଥିଲେ ଭବିଷ୍ୟତର ଯୁଦ୍ଧଗୁଡ଼ିକ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ଲଢ଼ାଯାଇପାରେ, କିନ୍ତୁ ଶେଷରେ ବିଜୟ କେବଳ ଦୃଢ଼ ସଂକଳ୍ପ, ସୁଶିକ୍ଷିତ ସୈନିକ ଓ ଶକ୍ତିଶାଳୀ ପାରମ୍ପରିକ ସାମରିକ ସାମର୍ଥ୍ୟ ଦ୍ୱାରା ହିଁ ହାସଲ ହେବ। ଆଧୁନିକ ପ୍ରଯୁକ୍ତିବିଦ୍ୟା ପାରମ୍ପରିକ ଯୁଦ୍ଧ କୌଶଳର ବିକଳ୍ପ ନୁହେଁ, ବରଂ ଏହା ତାର ଅନୁପୂରକ। ଏହି ଅବସରରେ ସେ ଆନ୍ଧ୍ରପ୍ରଦେଶର ପ୍ରତିରକ୍ଷା ଓ ଏରୋସ୍ପେସ୍ ଉତ୍ପାଦନ କ୍ଷେତ୍ରରେ ବଢୁଥିବା ଅବଦାନକୁ ପ୍ରଶଂସା କରିଥିଲେ।

# ଭାରତ-ନ୍ୟୁଜିଲାଣ୍ଡର ଭବିଷ୍ୟତ ପରସ୍ପର ସହ ଜଡ଼ିତ : ମୋଦୀ



ଅକଲାଣ୍ଡ: ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଠାରେ ଥିବା ଭାରତୀୟ ବଂଶୋଦ୍ଭବଙ୍କୁ ଉଦ୍‌ବୋଧନ ଦେବା ଅବସରରେ କହିଛନ୍ତି ଯେ ଭାରତ ଓ ନ୍ୟୁଜିଲାଣ୍ଡର ଭବିଷ୍ୟତ ପରସ୍ପର ସହ ଜଡ଼ିତ। ବାଣିଜ୍ୟ, ବୈଷୟିକ ଜ୍ଞାନକୌଶଳ, ମହାକାଶ ଓ କ୍ରୀଡ଼ା କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ଅଧିକ ମଜଭୁତ କରିବାକୁ ଏହି ଅବସରରେ ମୋଦୀ ଆହ୍ୱାନ ଦେଇଥିଲେ।ନ୍ୟୁଜିଲାଣ୍ଡ ଗସ୍ତର ଶେଷ ଦିବସରେ ଉଦ୍‌ବୋଧନ ଦେଇ ମୋଦୀ କହିଥିଲେ ୨୦୩୦ ସୁଦ୍ଧା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା, ବୈଷୟିକ ଜ୍ଞାନକୌଶଳ, ମହାକାଶ ଆଦି କ୍ଷେତ୍ରରେ ଥିବା ସମ୍ପର୍କକୁ ଅଧିକ ମଜଭୁତ୍ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଭାରତ-ନ୍ୟୁଜିଲାଣ୍ଡର ଭବିଷ୍ୟତ ପରସ୍ପର ସହ ଜଡ଼ିତ। ଗୋଟିଏ ଦେଶ ଅଗ୍ରଗତି କଲେ ଅନ୍ୟ ଦେଶ ମଧ୍ୟ ଏହାର ସୁଫଳ ହାସଲ କରିପାରିବ। ଏହି ଅବସରରେ ମୋଦୀ ଭାରତର ଚନ୍ଦ୍ରଯାନ-୩ର ସଫଳତା ସମ୍ପର୍କରେ ସୂଚନା ଦେଇ ଏହା ପଛରେ ନ୍ୟୁଜିଲାଣ୍ଡର ଅବଦାନ ରହିଥିବା କହିଥିଲେ। ଚନ୍ଦ୍ରଯାନ-୩ ଅଭିଯାନରେ ନ୍ୟୁଜିଲାଣ୍ଡର ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯାଇଥିବା ସେ ସୂଚନା ଦେଇଥିଲେ। ବାଣିଜ୍ୟ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ଉନ୍ନତ କରିବା ଉପରେ ମୋଦୀ ଜୋର୍ ଦେଇଥିଲେ। ଏପରି ହେଲେ ଉଭୟ ଦେଶ ଲାଭ ପାଇବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ରଗ୍‌ବୀରେ ନ୍ୟୁଜିଲାଣ୍ଡ ଏକ ଶକ୍ତିଶାଳୀ ଦେଶ ହୋଇଥିବା ବେଳେ ଭାରତରେ ଏହି ଖେଳର ବିକାଶ ପାଇଁ ସେଠାକାର ପ୍ରଶିକ୍ଷକ ଓ ବିଶେଷଜ୍ଞଙ୍କ ଠାରୁ ସହଯୋଗର ଆଶା କାମନା କରିଥିଲେ ମୋଦୀ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହକି ସମ୍ପର୍କ ୧୦୦ ବର୍ଷ ପୁରୁଣା ବୋଲି ମୋଦୀ କହିଥିଲେ। ନ୍ୟୁଜିଲାଣ୍ଡର ବିକାଶରେ ଭାରତୀୟ ବଂଶୋଦ୍ଭବଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ମୋଦୀ କହିଥିଲେ। ଏୟାର ନ୍ୟୁଜିଲାଣ୍ଡର ସିଇଓ ନିଖିଲ ରବିଶଙ୍କର, ପୂର୍ବତନ ଗଭର୍ଣ୍ଣର ଜେନେରାଲ ଆନନ୍ଦ ସତ୍ୟାନନ୍ଦ, କ୍ରିକେଟର୍ ରାଚିନ ରବୀନ୍ଦ୍ର, ଇସ୍ ସୋଧି ଏବଂ ଆଜାଦ ପଟେଶ ପ୍ରମୁଖ ଭାରତୀୟ ବଂଶୋଦ୍ଭବ ନ୍ୟୁଜିଲାଣ୍ଡ ପାଇଁ ଭଲ କାମ କରିଥିବା ମୋଦୀ ଦର୍ଶାଇଥିଲେ। ସେହିପରି ନ୍ୟୁଜିଲାଣ୍ଡର କେତେକ ଅଞ୍ଚଳର ନାମ ଭାରତୀୟ ସହର ନାମରେ ନାମିତ ହୋଇଥିବାରୁ ଏହା ଦୁଇ ଦେଶ ମଧ୍ୟରେ ଥିବା ବହୁ ବର୍ଷର ସୁସମ୍ପର୍କକୁ ଦର୍ଶାଉଥିବା ସେ କହିଥିଲେ।ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟପର ଲକ୍ସନ ନିଜ ଉଦ୍‌ବୋଧନରେ ମୋଦୀଙ୍କ ଏହି ଗସ୍ତକୁ ଐତିହାସିକ ମାଇଲଖୁଣ୍ଟ ବୋଲି ଦର୍ଶାଇଥିଲେ। ଗତ ୪୦ ବର୍ଷରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ମୋଦୀ ନ୍ୟୁଜିଲାଣ୍ଡ ଆସିଛନ୍ତି। ମୋଦୀଙ୍କ ନେତୃତ୍ୱରେ ଭାରତର ଅନେକ ବିକାଶ ହୋଇଛି। ଆଗାମୀ ଦିନରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ବିକାଶ ଅଧିକ ତ୍ୱରାନ୍ୱିତ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

## ହଷ୍ଟେଲ ଖାଦ୍ୟ ଖାଇ ୪୦ ଜଣ ଛାତ୍ର ଅସୁସ୍ଥ, ୨୫ ଜଣ ହସ୍ପିଟାଲରେ ଭର୍ତ୍ତି

ନନ୍ଦୁରବାର: ମହାରାଷ୍ଟ୍ରର ନନ୍ଦୁରବାର ଜିଲ୍ଲାର ସାହାଡାରେ ସମାଜ କଲ୍ୟାଣ ବିଭାଗର ହଷ୍ଟେଲରେ ରହୁଥିବା ୪୦ ଜଣ ଛାତ୍ର ଖାଦ୍ୟ ଖାଇ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୨୫ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ସମ୍ପର୍କରେ ଜାଣିବା ପରେ ଜିଲ୍ଲା ମାଜିଷ୍ଟ୍ରେଟ୍ ମିତାଲି ସେଟ୍ଠି ଶନିବାର ଦିନ ସାହାଡା ହସ୍ପିଟାଲ ପରିଦର୍ଶନ କରି ଛାତ୍ରମାନଙ୍କ ଅବସ୍ଥା ଯାଞ୍ଚ କରିଥିଲେ। ସେ କହିଥିଲେ ଯେ ପ୍ରଭାବିତ ପିଲାମାନେ ଖାଦ୍ୟ ବିଷାକ୍ତତା ଏବଂ ଗ୍ୟାଷ୍ଟ୍ରାଇଟ୍‌ସରେ ପୀଡିତ ଥିଲେ। ସାହାଡାରେ ଥିବା ଆମର ସମାଜ କଲ୍ୟାଣ ହଷ୍ଟେଲରେ ୪୦ ଜଣ ପିଲା ଖାଦ୍ୟ ବିଷାକ୍ତତା ଏବଂ ଗ୍ୟାଷ୍ଟ୍ରାଇଟ୍‌ସରେ ପୀଡିତ। ଏହି ପିଲାମାନଙ୍କ ମଧ୍ୟରୁ ୨୫ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କୋଡ଼ିଏ ଜଣ ଶାହାଡାର ଗ୍ରାମୀଣ ହସ୍ପିଟାଲରେ ଅଛନ୍ତି, ଏବଂ ପାଞ୍ଚ ଜଣଙ୍କୁ ଅକ୍ସିଜେନ୍ ଏବଂ ରକ୍ତଚାପ ସମସ୍ୟା ଯୋଗୁଁ ଆଇସିୟୁରେ ଭର୍ତ୍ତି କରାଯାଇଛି। ସମସ୍ତ ୨୫ ଜଣ ବର୍ତ୍ତମାନ ଭଲ ଅଛନ୍ତି ଏବଂ ମୁଁ ଡାକ୍ତରଙ୍କ ସହିତ ସେମାନଙ୍କ ଅବସ୍ଥା ଉପରେ ନିରନ୍ତର ନଜର ରଖିଛି। ମାଜିଷ୍ଟ୍ରେଟ୍ ମିତାଲି ସେଟ୍ଠି କହିଛନ୍ତି ଯେ ଗ୍ରାମୀଣ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଅଧିକାଂଶ ଛାତ୍ର ଏବେ ସୁସ୍ଥ ହୋଇଛନ୍ତି ଏବଂ କିଛି ସମୟ ଧରି ପର୍ଯ୍ୟବେକ୍ଷଣ ପରେ ସେମାନଙ୍କୁ ଡିସଚାର୍ଜ କରାଯିବ। ପିଲାମାନଙ୍କ ପିତାମାତାଙ୍କ ରହିବା ଏବଂ ଖାଦ୍ୟ ପାଇଁ ବ୍ୟବସ୍ଥା କରାଯାଉଛି। ଜିଲ୍ଲା ମାଜିଷ୍ଟ୍ରେଟ୍ କହିଛନ୍ତି ଯେ ଅସୁସ୍ଥତାର କାରଣ ନିର୍ଣ୍ଣୟ କରିବା ପାଇଁ ଖାଦ୍ୟ ଏବଂ ବାନ୍ତିର ନମୁନା ପରୀକ୍ଷାଗାର ପରୀକ୍ଷା ପାଇଁ ନିଆଯାଇଛି। ପରୀକ୍ଷାଗାର ଫଳାଫଳ ଆଧାରରେ, ଆମେ ଦାୟିତ୍ୱ ନିର୍ଣ୍ଣୟ କରିପାରିବୁ। ତଦନ୍ତରେ ଯିଏ ଦୋଷୀ ସାବ୍ୟସ୍ତ ହେବ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିଳାଶପୂର୍ଣ୍ଣ ଆପାର୍ଟମେଣ୍ଟ ବିକିଲେ ସଲମାନ ଖାନ

ମୁମ୍ବାଇ: ସଲମାନ ଖାନଙ୍କ ନୂତନ ରିଅଲ୍ ଇଷ୍ଟେଟ୍ ଡିଲ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। କିଛି ଦିନ ପୂର୍ବରୁ ଖବର ଆସିଥିଲା ଯେ ସେ ଏକ ନୂତନ ଘର ନିର୍ମାଣ କରୁଛନ୍ତି ଏବଂ ସଲମାନ ଖାନ ସେଠାରେ ରହିବେ। ଅଭିନେତା ଯେଉଁ ଆପାର୍ଟମେଣ୍ଟ ବିକ୍ରି କରିଛନ୍ତି ତାହା ବାନ୍ଦ୍ରା ୱେଷ୍ଟର ଏକ ପ୍ରସିଦ୍ଧ କୋଠା ଶିବ-ଆସ୍ଥାନ ହାଇଟ୍‌ସରେ ଅବସ୍ଥିତ। ସଲମାନ ପୂର୍ବରୁ ତାଙ୍କର ସମ୍ପତ୍ତି ବିକ୍ରି କରିବା ପାଇଁ ଚର୍ଚ୍ଚାରେ ଅଛନ୍ତି। ରିପୋର୍ଟ ଅନୁଯାୟୀ, ସଲମାନ ଖାନ ୨୦୨୫ ମସିହାରେ ଏହି ପ୍ରପଟି କିଣିଥିଲେ।

ସଲମାନଙ୍କର ମୁମ୍ବାଇର ବାନ୍ଦ୍ରା ଅଞ୍ଚଳ ସହିତ ଦଶନ୍ଧି ଧରି ସମ୍ପର୍କ ରହିଛି। ପ୍ରକୃତରେ, ତାଙ୍କର ଗାଲାକ୍ସି ଆପାର୍ଟମେଣ୍ଟ ଏଠାରେ ଅବସ୍ଥିତ, ଯେଉଁଠାରେ ସେ ତାଙ୍କ ବାପା ଏବଂ ତାଙ୍କ ସମଗ୍ର ପରିବାର ସହିତ ବହୁ ବର୍ଷ ଧରି ରହୁଛନ୍ତି। ଭାଇଜାନଙ୍କ ବ୍ୟତୀତ, ଅନେକ ସେଲିବ୍ରିଟି ମଧ୍ୟ ଏହି ଅଞ୍ଚଳରେ ରହୁଛନ୍ତି।

ସଲମାନ ଖାନଙ୍କ ଏହି ଆପାର୍ଟମେଣ୍ଟ ପ୍ରାୟ ୩.୫ କୋଟିରେ ବିକ୍ରି ହୋଇଥିଲା। ଯେତେବେଳେ ସେ ଏହାକୁ କିଣିଥିଲେ। ଏହାର ମୂଲ୍ୟ ୨.୮୮ କୋଟି ଥିଲା। ସୂଚନା ଅନୁଯାୟୀ ଆପାର୍ଟମେଣ୍ଟଟି ୭୫୮ ବର୍ଗଫୁଟ ଏବଂ କାର୍ପେଟ କ୍ଷେତ୍ରଫଳ ଅନୁସାରେ, ସମ୍ପତ୍ତିର ମୂଲ୍ୟ ପ୍ରତି ବର୍ଗଫୁଟ ପ୍ରାୟ ୪୬,୦୦୦ ରଖାଯାଇଛି।

ସଲମାନଙ୍କ ଆପାର୍ଟମେଣ୍ଟରେ ଦୁଇଟି କାର ପାଇଁ ପାର୍କିଂ ସ୍ଥାନ ମଧ୍ୟ ଅଛି। ରିପୋର୍ଟଗୁଡ଼ିକ ସୂଚାଇଛି ଯେ ଏହି ଡିଲରେ ୨୧ ଲକ୍ଷର ଷ୍ଟାମ୍ପ ଡ୍ୟୁଟି ଏବଂ ୩୦ ହଜାର ପଞ୍ଜିକରଣ ଫି ଅନ୍ତର୍ଭୁକ୍ତ ଥିଲା। ଏହାକୁ କିଏ କିଣିବ ବା ସଲମାନଙ୍କ ଦ୍ୱାରା ଏପର୍ଯ୍ୟନ୍ତ କୌଣସି ବିବୃତ୍ତି ଜାରି କରାଯାଇ ନାହିଁ।

ସଲମାନ ଗାଲାକ୍ସିରୁ ଅଳ୍ପ ଦୂରରେ ଏକ ଛଅ ମହଲା ବିଶିଷ୍ଟ ସିଫେସିଂ ଘର ମଧ୍ୟ ନିର୍ମାଣ କରୁଛନ୍ତି। ଏହା ରିପୋର୍ଟ କରାଯାଇଛି ଯେ ମହାରାଷ୍ଟ୍ର କୋଷ୍ଟାଲ ଜୋନ୍ ମ୍ୟାନେଜମେଣ୍ଟ ଅଥରିଟିଙ୍କଠାରୁ ନିର୍ମାଣ ପାଇଁ ଅନୁମତି ମିଳିଛି। ଏହି ଘର ତାଙ୍କ ମାଆଙ୍କ ନାମରେ ଅଛି। କୁହାଯାଉଥିଲା ଯେ ସଲମାନ ଖାନ ଏହି ଘରକୁ ସ୍ଥାନାନ୍ତର ହେବେ କାରଣ ଏହା ଅଧିକ ସୁରକ୍ଷିତ ରହିବ। ଅଭିନେତା ସଲମାନ ତାଙ୍କର ଆଗାମୀ ଫିଲ୍ମ 'ମାତୃଭୂମି' ପାଇଁ ମଧ୍ୟ ଖବରରେ ଅଛନ୍ତି। ଏହି ଆକ୍ସନ୍ ଥ୍ରୀଲର ନିର୍ଦ୍ଦେଶକ ଭାମସି ପୈଡିପାଲିଙ୍କ ଦ୍ୱାରା ନିର୍ଦ୍ଦେଶିତ ହେବ। ଏହି ଚଳଚ୍ଚିତ୍ରଟି ପ୍ରଥମେ ଚଳିତ ବର୍ଷ ଏପ୍ରିଲରେ ମୁକ୍ତିଲାଭ କରିବାର ଯୋଜନା ଥିଲା, କିନ୍ତୁ ବିଭିନ୍ନ କାରଣ ଯୋଗୁଁ ଏହାକୁ ସ୍ଥଗିତ ରଖାଯାଇଥିଲା। ଏହା ମଧ୍ୟ ରିପୋର୍ଟ ହୋଇଥିଲା ଯେ ଏହାକୁ ସେନ୍‌ସର ଅନୁମୋଦନ ମିଳୁନାହିଁ, ହେଲେ ଚଳଚ୍ଚିତ୍ରର ଟିମ୍ ଏହାକୁ ଏକ ଗୁଜବ ବୋଲି କହି ଖାରଜ କରିଛନ୍ତି।



## ସମାଜରେ ମହିଳାଙ୍କ ଭୂମିକା




**ପ୍ରଶାନ୍ତ କୁମାର ନାୟକ**
ୟୁନିଟ୍-୫, ଭୁବନେଶ୍ୱର
ଫୋ- ୮୨୪୯୬୫୦୪୧୪


ଇତିହାସ ଅନୁଧ୍ୟାନ କଲେ ପରିଦୃଷ୍ଟ ହୁଏ ଯେ, ସମାଜରେ ନାରୀମାନଙ୍କର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କର ଚିନ୍ତାଧାରା ଓ କର୍ତ୍ତବ୍ୟନିଷ୍ଠା ସମାଜ ଗଠନରେ ଅତୁଳନୀୟ। ପୁରାତନ ଯୁଗର ଗାର୍ଗୀ , ମୈତ୍ରେୟୀ ଓ ଲୋପାମୁଦ୍ରାଙ୍କ ଭଳି ନାରୀମାନଙ୍କ ଠାରୁ ଆରମ୍ଭକରି ବର୍ତ୍ତମାନ ଯୁଗର ମାଡାମ କ୍ୟୁରୀ,ମଦର ଟେରେସା, ଅହଲ୍ୟା ବାଇ, ସରୋଜିନୀ ନାଇଡୁଙ୍କ ଭଳି ପ୍ରମୁଖ ମହିୟସୀ ମହିଳାମାନଙ୍କର ସମାଜପ୍ରତି ବହୁତ ଅବଦାନ ରହିଛି।

ଗୋଟିଏ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନପାଇଁ ନାରୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନାରୀମାନଙ୍କ ବିନା ପୃଥିବୀର ଉନ୍ନତି ବିଷୟରେ ଚିନ୍ତା କରିବା ଅସମ୍ଭବ। ପରିବାର ଗଠନ, ସମାଜ ପରିଚାଳନା ଓ ନୈତିକତାର ସୁରକ୍ଷା କ୍ଷେତ୍ରରେ ନାରୀମାନେ ଅଗ୍ରଣୀ ସାରଥିର ଭୂମିକା ନିର୍ବାହ କରିଥାଆନ୍ତି। ପରିବାରରେ ନାରୀ ସାମାଜିକ ଦାୟିତ୍ୱ ନିର୍ବାହ କରି ଭବିଷ୍ୟତର ନାଗରିକମାନଙ୍କୁ ଜନ୍ମ ଦେଇଥାଏ। ସେମାନଙ୍କର ଉପଯୁକ୍ତ ଲାଳନ ପାଳନ କରେ ଓ ଉତ୍ତମ ଚରିତ୍ର ଗଠନରେ ମଧ୍ୟ ନାରୀର ଭୂମିକା ରହିଛି। ଏଥିପାଇଁ ବୁଦ୍ଧ, ଚୈତନ୍ୟ, ମହାତ୍ମା ଗାନ୍ଧୀ ଓ ଶିବାଜୀଙ୍କ ଉପରେ ସେମାନଙ୍କ ଜନନୀମାନଙ୍କର ଅପ୍ରତିହତ ପ୍ରଭାବ ରହିଥିଲା। ଜାୟା ଭାବରେ ପରିବାରକୁ ସମୃଦ୍ଧି ପଥରେ ଆଗେଇ ନେବାପାଇଁ ନାରୀ ଅସୀମ ଧୈର୍ଯ୍ୟ ଓ ସହନଶୀଳତା ପ୍ରକାଶ କରିଥାଏ। ଅଜସ୍ର ଦୁଃଖ ଯନ୍ତ୍ରଣାକୁ ବୁକୁତଳେ ଚାପିରଖି ସେ ଓଠ ତଳେ ହସ ଫୁଟାଏ। ପରିବାରର ମଧୁ ଚକ୍ରକୁ ସ୍ନେହ ଓ ମମତାରେ ପରିପୂର୍ଣ୍ଣ କରିପକାଏ।

ଆଜକୁ ଅର୍ଦ୍ଧ ଶତାବ୍ଦୀ ପୂର୍ବେ ଭାରତୀୟ ଗଣ ଜୀବନରେ ଯେଉଁଦିନ ଏକ ନବ ଜାଗରଣର ଜୁଆର ଆସିଲା, ସେହିଦିନ ଭାରତୀୟ ନାରୀ ସମତାଳରେ ପୁରୁଷ ସହିତ ସ୍ୱର ମିଳାଇ ତାକୁ ସ୍ୱାଗତ ଜଣାଇଥିଲେ। ସମାଜର ଦୁଇଟି ପ୍ରମୁଖ ଅଙ୍ଗ ହେଲା ନାରୀ ଓ ପୁରୁଷ। ନାରୀ ଓ ପୁରୁଷ ଭଗବାନଙ୍କ ଅମୃତ ସୃଷ୍ଟିର ଅମୃତ ସନ୍ତାନ। ପୁରୁଷମାନଙ୍କ ଭଳି ନାରୀମାନେ ସମାଜର ଏକ ବିରାଟ ଅଂଶ ଅଟନ୍ତି। ଆମ୍ଭମାନଙ୍କ ଜନ୍ମ ଭୂମି ସୁ ପ୍ରାଚୀନ ଭାରତବର୍ଷରେ ମଧ୍ୟ ନାରୀ ଶିକ୍ଷାର ପ୍ରଚଳନ ଥିଲା। ଯେପରି କୁହାଯାଇଛି ଯେ, ଆଜିର ଛାତ୍ର ଆସନ୍ତାକାଲିର ଭବିଷ୍ୟତ ବା ନାଗରିକ ଠିକ୍ ସେମିତି ଉକ୍ତ ପରିବେଶରେ ସମାୟିତ ହେବା ଦରକାର ଯେ, ଆଜିର ନାରୀ ଭବିଷ୍ୟତର ସମ୍ମାନ। ସମାଜରେ ପୁରୁଷମାନଙ୍କ ସହିତ ନାରୀକୁ ସମାନ ଅଧିକାର ପ୍ରଦାନ କଲେ ହିଁ ଆମ ଦେଶର ଭବିଷ୍ୟତ ଯଥାଶୀଘ୍ର ଉଜ୍ଜ୍ୱଳ ହୋଇପାରିବ।

ଯୁକ୍ତରାଷ୍ଟ୍ର ଆମେରିକାରେ ୧୯୦୩ ମସିହା ମାର୍ଚ୍ଚ ୦୮ ତାରିଖରେ ଏକ ନାରୀ ଜାଗରଣର ସୂତ୍ରପାତ ହୋଇଥିଲା। ଇତି ମଧ୍ୟରେ ଏହା ତାହାର ଶତବାର୍ଷିକୀ ପୂର୍ତ୍ତି ପାଳନ କରିସାରିଛି। ୨୦୦୩ ମସିହା ମାର୍ଚ୍ଚ ୦୮ ତାରିଖକୁ ସମ୍ପ୍ରତି ସମଗ୍ର ବିଶ୍ୱରେ ଆନ୍ତର୍ଜାତିକ ମହିଳା ଦିବସ ଭାବରେ ପାଳନ କରାଯାଇ ଆସୁଅଛି। କଥାରେ ଅଛି ଗୋଟିଏ ପୁରୁଷ ଶିକ୍ଷିତ ହେଲେ ଜଣେ ଲୋକ କେବଳ ଶିକ୍ଷିତ ହୋଇଥାଏ। କିନ୍ତୁ ଯଦି ଜଣେ ମହିଳା ଶିକ୍ଷିତ ହୋଇଥାଏ ତେବେ ସମଗ୍ର ପରିବାର ଶିକ୍ଷିତ ହୁଏ। ସନ୍ତାନ ସନ୍ତତି ମାନଙ୍କର ପ୍ରଥମ ଗୁରୁ ହେଉଛନ୍ତି ସେମାନଙ୍କର ମା'। ପୃଥିବୀର ଅନେକ ମହାତ୍ମାଙ୍କ ଜୀବନକୁ ସେମାନଙ୍କର ମା' ମାନେ ଗଢିତୋଳିବାର ଇତିହାସ ରହିଛି। ସେହିପରି ଦୈନନ୍ଦିନ ଜୀବନରେ ଅନେକ ସମସ୍ୟା ରହିଛି। ଶିକ୍ଷିତା ନାରୀ ହିଁ ତା'ର ସମାଧାନ କରିପାରିବ। ପୁରୁଷ ସହିତ ସମକକ୍ଷ ହୋଇ ତା'ର ସହାୟକ ଭାବେ ସେ ଏକ ଉନ୍ନତ ତଥା ସଚେତନ ସମାଜ ଗଢିବାରେ ସାହାଯ୍ୟ କରିପାରିବ। ଏହିସବୁ ଦୃଷ୍ଟିକୋଣରୁ ନାରୀଶିକ୍ଷା ଏକାନ୍ତ ଆବଶ୍ୟକ ମନେହୁଏ। ନାରୀଯେ କେବଳ ପୁରୁଷର ଏକ କକ୍ଷ ସହଚରୀ, ଲୀଳା ସଙ୍ଗିନୀ ତାହା ନୁହେଁ। ଏହା ଭାରତୀୟ ନାରୀ ଚରିତ୍ରରେ ସ୍ପଷ୍ଟ ରୂପେ ପ୍ରମାଣିତ ହୋଇଛି। ନାରୀ ସଶକ୍ତିକରଣର ଅର୍ଥ ହେଉଛି , ନାରୀ ପ୍ରତିଭାର ଉପଯୋଗକରି ସାମାଜିକ ପ୍ରଗତିକୁ ତ୍ୱରାନ୍ୱିତ କରାଇବା।

# ନାରୀ ସଶକ୍ତିକରଣର ଦିଗ ଓ ସାମାଜିକ ସଂସ୍କାର

'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ'।।

ବର୍ତ୍ତମାନ ମହିଳାମାନଙ୍କ ସାମାଜିକ ସାଂସ୍କୃତିକ ଆର୍ଥିକ ସୁଦୃଢ଼ୀକରଣ ପାଇଁ ସରକାରୀ ଏବଂ ବେସରକାରୀ ସ୍ତରରେ ଅନେକ ଚିନ୍ତନ ପ୍ରଚେଷ୍ଟା କରାଯାଉଛି। ସମୟ ସହ ତାଳ ଦେଇ ନାରୀ ମାନେ ସଶକ୍ତ ହେଉଛନ୍ତି। ଶିକ୍ଷା, ଖେଳ, ରାଜନୀତିରେ, ଅଭିନୟ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବର୍ତ୍ତମାନ ମହିଳାମାନେ ଆଗଧାଡ଼ିର ନାୟିକା। ତେବେ ଅତୀତରେ ନାରୀ ସଶକ୍ତିକରଣ ପାଇଁ ଭାରତ ବର୍ଷରେ କେମିତି ବିଭିନ୍ନ ସଂଗଠନ ଏବଂ ସମାଜ ସଂସ୍କାରକ ମାନଙ୍କ ଦ୍ୱାରା ପ୍ରୟାସ କରାଯାଇଥିଲା ଆଲୋଚନା କରିବା। ଉନବିଂଶ ଶତାବ୍ଦୀ ଭାରତରେ ମହିଳାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଥିଲା। ଏହି ସମୟ ମଧ୍ୟରେ, ମହିଳାମାନଙ୍କ ସହ ଜଡିତ ସାମାଜିକ ସଂସ୍କାର ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ କରାଯାଇଥିଲା। ସତୀଦାହ ପ୍ରଥା, ବିଧବା ପ୍ରଥା ପୁନଃବିବାହ ନିଷେଧ ବହୁବିବାହ ଏବଂ ବାଲ୍ୟବିବାହ ଭଳି ସାମାଜିକ କୁକର୍ମ ଜାରି ରହିଥିଲା। ଏଗୁଡ଼ିକୁ ସାମାଜିକ ପ୍ରଗତିରେ ବାଧା ଭାବରେ ଚିହ୍ନଟ କରି ଅନେକ ବ୍ୟକ୍ତି ଏବଂ ସଂଗଠନ ସେଗୁଡ଼ିକୁ ଦୂର କରିବା ପାଇଁ କାର୍ଯ୍ୟ କରିଥିଲେ। ରାଜା ରାମମୋହନ ରାୟ ଏହି କ୍ଷେତ୍ରରେ ଜଣେ ପ୍ରମୁଖ ବ୍ୟକ୍ତି। ସାମାଜିକ ଭାବରେ ଗୃହୀତ ସତୀଦାହ ପ୍ରଥାକୁ ଦୂର କରିବା ସହଜ ନଥିଲା, କିନ୍ତୁ ଏହି ବ୍ୟକ୍ତିମାନଙ୍କ ପ୍ରୟାସ ଦ୍ୱାରା ଏହି ସାମାଜିକ କୁକର୍ମକୁ ଦୂର କରିବାରେ ସଫଳତା ମିଳିଥିଲା। ଏହି ପ୍ରଶ୍ନ ମଧ ଉଠାଯାଇଥିଲା ଯେ ଯଦି ବିଧବାମାନେ ସତୀ ନ ହୁଅନ୍ତି, ତେବେ ସମାଜରେ ବିଧବାଙ୍କ ସଂଖ୍ୟା ବୃଦ୍ଧି ପାଇବ। ଏପରି ପରିସ୍ଥିତିରେ, ସେମାନଙ୍କୁ ପୁନଃବିବାହ କରିବାକୁ ଏବଂ ସେମାନଙ୍କୁ ହୀନ ଦୃଷ୍ଟିରେ ଦେଖିବା ବନ୍ଦ କରିବାକୁ ଲୋକମାନଙ୍କୁ ପ୍ରବର୍ତ୍ତାଇବାକୁ ପଡିବ। ଏସବୁର ମୂଳରେ ଥିଲା ଏହି ବୁଝାମଣା ଯେ ମହିଳାମାନଙ୍କୁ ଶିକ୍ଷିତ କରିବାର ଏକ ବଡ଼ ଆବଶ୍ୟକତା ଥିଲା। ଯାହା ଫଳରେ ମହିଳାମାନଙ୍କ ଶିକ୍ଷା ପାଇଁ ସ୍କୁଲ, କଲେଜ ଏବଂ ଛାତ୍ରାବାସ ଖୋଲିବା ସହିତ ବିଧବା ଗୃହ ଏବଂ ଆଶ୍ରୟସ୍ଥଳ ପ୍ରତିଷ୍ଠା ହୋଇଥିଲା। ତେଣୁ, ଏହା ଦେଖାଯାଇପାରେ ଯେ, ସାମାଜିକ ସଂସ୍କାର ନାମରେ ମହିଳାମାନଙ୍କ ସ୍ଥିତିକୁ ଉନ୍ନତ କରିବା ପାଇଁ ପ୍ରୟାସ କିଛି ମହିଳା ସଂଗଠନ ଏବଂ ଅନୁଷ୍ଠାନ ଅନେକ କିଛି କରିଥିଲେ।

**ବ୍ରାହ୍ମ ସମାଜ:** ଉନବିଂଶ ଶତାବ୍ଦୀରେ ଭାରତରେ ପ୍ରଭାବଶାଳୀ ସାମାଜିକ-ଧାର୍ମିକ ଆନ୍ଦୋଳନ ମଧ୍ୟରୁ ବ୍ରାହ୍ମ ସମାଜ କାର୍ଯ୍ୟ ଅନନ୍ୟ ଥିଲା। ଯାହା ଆଧୁନିକ ଭାରତର ମୂଳଦୁଆରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲା। ପ୍ରଚଳିତ ସାମାଜିକ କୁସଂସ୍କାର ବିରୁଦ୍ଧରେ ପ୍ରତିବାଦ କରିବା ପାଇଁ ୧୮୨୮ ମସିହାରେ ରାଜା ରାମମୋହନ ରାୟଙ୍କ ଦ୍ୱାରା ଏହା ପ୍ରତିଷ୍ଠା ହୋଇଥିଲା। ଏହା ବଙ୍ଗୀୟ ନବ ଜାଗରଣର ସମୟ ମଧ ଥିଲା। ଏହା ବ୍ୟାପକ କାର୍ଯ୍ୟ କରୁଥିବା ବେଳେ, ବ୍ରହ୍ମ ସମାଜ ମଧ ମହିଳାମାନଙ୍କ ଉପରେ ଅତ୍ୟାଚାର ବନ୍ଦ କରିବା ପାଇଁ ପ୍ରୟାସ କରିଥିଲା। ସେତେବେଳେ ସମାଜରେ ମହିଳାମାନଙ୍କ ପ୍ରତି ଅନେକ ପକ୍ଷପାତ ଥିଲା। ଏହି ପକ୍ଷପାତ ଧର୍ମ ଉପରେ ଆଧାରିତ ଥିଲା। ତେଣୁ, ପରିବର୍ତ୍ତନ ଆଣିବା ପାଇଁ ସାମାଜିକ ଧର୍ମାନ୍ଧତାକୁ ମଧ ଦୂର କରିବା ଆବଶ୍ୟକ ଥିଲା। ବାଲ୍ୟ ବିବାହ ଏବଂ ବହୁବିବାହ ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ଆବଶ୍ୟକତା ଥିଲା। ଯାହାକୁ ବ୍ରହ୍ମ ସମାଜ ଦ୍ୱାରା କରା ଯାଇଥିଲା। ଏହି ପରିପ୍ରେକ୍ଷୀରେ ଆନ୍ତଃଜାତି ବିବାହକୁ ପ୍ରୋତ୍ସାହିତ କରାଯାଇଥିଲା ଏବଂ ଏହାକୁ ସହଜ ମଧ କରାଯାଇଥିଲା। ଯାହା ସାମାଜିକ ଅସନ୍ତୋଷ ସୃଷ୍ଟି କରିଥିଲା, ଯାହାର ପରିଣାମ ସ୍ୱରୂପ ୧୮୭୨ ମସିହାରେ ନାଗରିକ ବିବାହ ଆଇନ ପ୍ରଣୟନ ହୋଇଥିଲା। ଏହା ମହିଳାଙ୍କ ପାଇଁ ବିବାହର ସର୍ବନିମ୍ନ ବୟସ ୧୪ ବର୍ଷକୁ ବୃଦ୍ଧି କରିଥିଲା। କେଶବ ଚନ୍ଦ୍ର ସେନ୍ ମହିଳା ଶିକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ କରିଥିଲେ।

**ପ୍ରାର୍ଥନା ସମାଜ:** ୧୮୬୭ ମସିହାରେ ସାମାଜିକ-ଧାର୍ମିକ ସଂସ୍କାର ପାଇଁ ଆତ୍ମାରାମ ପାଣ୍ଡୁରଙ୍ଗ ଙ୍କ ଦ୍ୱାରା ମୁମ୍ବାଇରେ ପ୍ରାର୍ଥନା ସମାଜ ପ୍ରତିଷ୍ଠିତ ହୋଇଥିଲା। ପରେ, ସମାଜ ସଂସ୍କାରକ ମହାଦେବ ଗୋବିନ୍ଦ ରାନାଡେ ଏବଂ ଆର.ଜି. ଭଣ୍ଡାରକରଙ୍କ ସମ୍ପୃକ୍ତି ସହିତ ଆନ୍ଦୋଳନ ଆହୁରି ଗତି ପାଇଲା ଏବଂ ସଂସ୍କାର କାର୍ଯ୍ୟକ୍ରମଗୁଡ଼ିକ ଦ୍ରୁତ ଗତିରେ ଅଗ୍ରଗତି କଲା। ପ୍ରାର୍ଥନା ସମାଜ ମଧ ମହିଳା ଶିକ୍ଷା ଉପରେ ବହୁତ ଗୁରୁତ୍ୱ ଦେଇଥିଲା। ଏହା ମହିଳା ଏବଂ ଦଳିତଙ୍କ ସ୍ଥିତି ଉନ୍ନତ କରିବା ପାଇଁ କାମ କରିଥିଲା। ଏହା ବାଲ୍ୟ ବିବାହ, ମହିଳାମାନଙ୍କ ପାଇଁ ଉତ୍ତମ ଶିକ୍ଷା ସୁଯୋଗ ଏବଂ ବିଧବା ପୁନଃବିବାହ ଭଳି ପ୍ରସଙ୍ଗ ଉପରେ ସାମାଜିକ ସଚେତନତା ବୃଦ୍ଧି କରିବାକୁ ଚେଷ୍ଟା କରିଥିଲା।

**ଆର୍ଯ୍ୟ ସମାଜ:** 'ବେଦକୁ ଫେରିଯାଅ' ସ୍ଲୋଗାନ ସହିତ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ ୧୮୭୫ ମସିହାରେ ଆର୍ଯ୍ୟ ସମାଜ ପ୍ରତିଷ୍ଠା କରିଥିଲେ। ଏହା ଏକ ସମ୍ପୂର୍ଣ୍ଣ ଧାର୍ମିକ ପୁନର୍ଜୀବନ ବାଦୀ ଆନ୍ଦୋଳନ ଥିଲା। ଆର୍ଯ୍ୟ ସମାଜ ଏକ ଧାର୍ମିକ ଆନ୍ଦୋଳନ ଭାବରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ ମଧ ଏହା ମହିଳାମାନଙ୍କ ପାଇଁ ଏକ ପ୍ରଗତିଶୀଳ ଦୃଷ୍ଟିକୋଣ ମଧ ରଖିଥିଲା। ଏହା ମହିଳାମାନଙ୍କ ପାଇଁ ଶିକ୍ଷାର ଆବଶ୍ୟକତାକୁ ସମର୍ଥନ କରିଥିଲା। ଯେତେବେଳେ ମହିଳାମାନେ ସେମାନଙ୍କର ମୌଳିକ ଅଧିକାର ପାଇଁ ଲଢୁଥିଲେ, ସେତେବେଳେ ଏହା ମହିଳାମାନଙ୍କ ପାଇଁ ସମାନ ଅଧିକାର ପାଇଁ ସମର୍ଥନ କରିଥିଲା, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ଚିହ୍ନିତ କରିଥିଲା। ଏହା ବାଲ୍ୟ ବିବାହକୁ ଦୂର କରିବା ପାଇଁ ମଧ କାର୍ଯ୍ୟ କରିଥିଲା। ଏହା ମହିଳା ଶିକ୍ଷା ପାଇଁ ଅନେକ ଅନୁଷ୍ଠାନ ମଧ ପ୍ରତିଷ୍ଠା କରିଥିଲା।

ପଣ୍ଡିତା ରମାବାଇ ଶିଶୁ ବିଧବା ଏବଂ ବିଧବାମାନଙ୍କ ଦୁର୍ଦ୍ଦଶା ବିଷୟରେ ସ୍ୱର ଉଠାଇଥିଲେ ଏବଂ କୋଲକାତାରେ ଏହାକୁ ବ୍ୟାପକ କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ୧୮୮୧ ମସିହାରେ ସେ ପୁନେରେ ଆର୍ଯ୍ୟ ମହିଳା ସମାଜ ପ୍ରତିଷ୍ଠା କରିଥିଲେ ଏବଂ ମହିଳା ଶିକ୍ଷା ପାଇଁ କାର୍ଯ୍ୟ କରିଥିଲେ। ଅନ୍ୟ ଜାତିର ଜଣେ ଓକିଲଙ୍କୁ ବିବାହ କରିବା ଫଳରେ ତାଙ୍କୁ ମୌଳବାଦୀଙ୍କ ଦ୍ୱାରା ସମାଲୋଚନାର ସମ୍ମୁଖୀନ ହେବାକୁ ପଡିଲା। ୧୮୮୯ ମସିହାରେ ସେ ବିଧବାମାନଙ୍କ ପାଇଁ ଶାରଦା ସଦନ ପ୍ରତିଷ୍ଠା କରିଥିଲେ। ପରେ, ସେ କୃପା ସଦନ, ଏକ ମହିଳା ଆଶ୍ରୟସ୍ଥଳ ମଧ ପ୍ରତିଷ୍ଠା କରିଥିଲେ। ସେ ମୁକ୍ତି ମିଶନ ଆରମ୍ଭ କରିଥିଲେ, ଯାହା ସମାଜ ଦ୍ୱାରା ପରିତ୍ୟକ୍ତ ମହିଳା ଏବଂ ପିଲାମାନଙ୍କୁ ଆଶ୍ରୟ ଦେଇଥିଲା। ମହିଳାମାନଙ୍କ ଉନ୍ନତି ପାଇଁ ତାଙ୍କର ସମଗ୍ର ଜୀବନ ଉତ୍ସର୍ଗ କରିଥିବା ବିଦ୍ୟାଗୌରୀ ନୀଳକଣ୍ଠ ଅଖିଳ ଭାରତୀୟ ମହିଳା ସମ୍ମିଳନୀର ଅହମଦାବାଦ ଶାଖା ପ୍ରତିଷ୍ଠା କରିଥିଲେ। ସେ ଅନେକ ଶିକ୍ଷାନୁଷ୍ଠାନ ସହିତ ଜଡିତ ଥିଲେ ଯାହା ବିଧବା କିମ୍ବା ବିବାହ ଯୋଗୁଁ ସ୍କୁଲ ଛାଡିଥିବା ମହିଳାମାନଙ୍କୁ ଶିକ୍ଷା ପ୍ରଦାନ କରୁଥିଲା। ମହାତ୍ମା ଗାନ୍ଧୀଙ୍କ ସମୟରେ ମହିଳା

ଗାନ୍ଧୀଜୀଙ୍କ ସମୟରେ ମହିଳାମାନେ ଶିକ୍ଷିତ ଏବଂ ସାମାଜିକ-ରାଜନୈତିକ ପ୍ରସଙ୍ଗ ବିଷୟରେ ଜ୍ଞାନୀ ହେବା ଆରମ୍ଭ କରିଥିଲେ ତେବେ ସେମାନେ ରାଜନୀତି କିମ୍ବା ନେତୃତ୍ୱ କ୍ଷେତ୍ରରେ କିପରି ନିଜର ଉପସ୍ଥିତି ଅନୁଭବ କରାଇପାରିବେ ସେଇ ବିଷୟରେ ସଚେତନ ଥିଲେ। ଅନେକ ମହିଳା ଗାନ୍ଧୀଙ୍କ ଆହ୍ୱାନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ମହିଳା ଆନ୍ଦୋଳନ ଉପରେ ମଧ ଗାନ୍ଧୀଙ୍କ ପ୍ରଭାବ ଦୃଶ୍ୟମାନ। ମହାତ୍ମା ଗାନ୍ଧୀ ମହିଳାମାନଙ୍କ ପାଇଁ ସମାନ ଅଧିକାର ଉପରେ ଗୁରୁତ୍ୱ ଦେଇଥିଲେ ଏବଂ ସେମାନଙ୍କୁ ପୁରୁଷଙ୍କ ସାଥୀ ଭାବରେ ଦେଖୁଥିଲେ। ସହନଶୀଳତା, ତ୍ୟାଗ ଏବଂ ଦୁଃଖ ସହିବାର ଅପାର କ୍ଷମତା ଭଳି ଅନନ୍ୟ ଗୁଣ ଯୋଗୁଁ ସେ ମହିଳାମାନଙ୍କୁ ଅହିଂସା ଆନ୍ଦୋଳନ ପାଇଁ ଆଦର୍ଶ ଭାବରେ ଉପଯୁକ୍ତ ବୋଲି ମାନିଥିଲେ। ମହିଳାମାନଙ୍କ ଉନ୍ନତି ପାଇଁ ଜଣେ ପ୍ରଗତିଶୀଳ ଚିନ୍ତକ ଥିଲେ। ସେ ଶିକ୍ଷା ବ୍ୟତୀତ ଆର୍ଥିକ ସ୍ୱାଧୀନତା ପାଇଁ ସମର୍ଥନ କରିଥିଲେ, ଏହାକୁ ମହିଳାମାନଙ୍କ ଉନ୍ନତି ପାଇଁ ଅତ୍ୟାବଶ୍ୟକ ମନେ କରୁଥିଲେ। ଫଳସ୍ୱରୂପ, ମହିଳାମାନେ ସଭିନ ଅମାନ୍ୟ ଆନ୍ଦୋଳନ, ସ୍ୱଦେଶୀ ଆନ୍ଦୋଳନ, ଲବଣ ମାର୍ଚ୍ଚ ଏବଂ ମଦ ଦୋକାନ ଆଗରେ ଧାରଣା ଦେଇଥିଲେ।




**ନିରଞ୍ଜନ ନାୟକ**
ଟିକିରି,କାଶୀପୁର, ରାୟଗଡା
ମୋ- ୯୪୩୭୩୧୭୪୧୭


ବିଂଶ ଶତାବ୍ଦୀ ଏବଂ ମହିଳା ସଂଗଠନ ଗୋଟିଏ ପଟେ ମହିଳା ଶିକ୍ଷା ଉପରେ ଗୁରୁତ୍ୱ ମହିଳା ଶିକ୍ଷାକୁ ଆଗେଇ ନେଉଥିଲା, ଅନ୍ୟପଟେ, ବିଭିନ୍ନ ସଂଗଠନ ଏଥିରେ ସେମାନଙ୍କର ଭୂମିକା ଗ୍ରହଣ କରୁଥିଲେ। ୧୯୧୭ ମସିହାରେ ମାର୍ଗାରେଟ କଜିନ୍ସ ଇଣ୍ଡିଆନ୍ ମହିଳା ସଂଘ, ୧୯୨୬ ମସିହାରେ ଜାତୀୟ ଭାରତୀୟ ମହିଳା ପରିଷଦ, ୧୯୨୭ ମସିହାରେ ଅଖିଳ ଭାରତୀୟ ମହିଳା ପରିଷଦ ଏବଂ ୧୯୩୪ ମସିହାରେ ଜ୍ୟୋତି ସଂଘ ଭଳି ସଂଗଠନ ଏହି ସ୍ୱରକୁ ଆହୁରି ତୀବ୍ର କରିଥିଲ।। ୧୯୧୭ ମସିହାରେ ମହିଳାମାନଙ୍କ ମତଦାନର ପ୍ରସଙ୍ଗ ଉଠାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ସମର୍ଥନ କରାଯାଇଥିଲା। ସ୍ୱାଧୀନତା ପରେ ମହିଳା

ଭାରତର ସ୍ୱାଧୀନତା ପରେ ମହିଳାମାନେ ବିବାହ, ଉତ୍ତରାଧିକାର ଏବଂ ଅଭି ଭାବକତ୍ୱରେ ବ୍ୟାପକ ଅଧିକାର ପାଇଥିଲେ। ଏହାର ଏକ ନକାରାତ୍ମକ ପରିଣାମ ସ୍ୱରୂପ ମହିଳା ସଂଗଠନଗୁଡ଼ିକ କିଛିଟା ଶିଥିଳ ହୋଇଗଲେ। ସେହି ସମୟରେ ମହିଳାଙ୍କ ପାଇଁ କିଛି କାର୍ଯ୍ୟକ୍ରମ ବିକଶିତ ହୋଇଥିଲେ ମଧ, ସେଗୁଡ଼ିକ ଦୂରଦୂରାନ୍ତ ଗ୍ରାମଗୁଡ଼ିକରେ ପହଞ୍ଚିବା ପାଇଁ ଯଥେଷ୍ଟ ବିକେନ୍ଦ୍ରୀକରଣ ହୋଇନଥିଲା। ସେମାନେ ମୁଖ୍ୟତଃ ସହରଗୁଡ଼ିକରେ ସୀମିତ ରହିଲେ। ଗ୍ରାମାଞ୍ଚଳର ବିକାଶ ପାଇଁ କସ୍ତୁରବା ସ୍ମାରକୀ ଟ୍ରଷ୍ଟ ଏବଂ ଭାରତୀୟ ଗ୍ରାମୀଣ ମହିଳା ସଂଘ ପ୍ରତିଷ୍ଠିତ ହୋଇଥିଲା। ସ୍ୱାଧୀନତା ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ମହିଳାଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ କୌଣସି ଉଚିତ ପଦକ୍ଷେପ ନିଆଯାଇ ନଥିଲା। ସରକାର ୧୯୭୬ ମସିହାରେ ସମାନ ପାରିଶ୍ରମିକ ଆଇନ ପ୍ରଣୟନ କରିଥିଲେ କିନ୍ତୁ ଏହା ନିଷ୍କ୍ରିୟ ରହିଥିଲା। ମହିଳାମାନେ ଆର୍ଥିକ ଭାବରେ ପଛୁଆ ରହିଥିଲେ ଯାହା ଫଳରେ ଶୋଷଣ ଜାରି ରହିଥିଲା। ସ୍ୱାଧୀନତା ପରେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ମହିଳାମାନେ କିଛି ରାଜନୈତିକ ପଦବୀ ହାସଲ କରିଥିଲେ କିନ୍ତୁ ସଂଖ୍ୟା ବହୁତ କମ୍ ଥିଲା। ତଥାପି ୭୪ତମ ସମ୍ବିଧାନ ସଂଶୋଧନ ପରେ ମହିଳାମାନେ ସ୍ଥାନୀୟ ଶାସନରେ ଏକ ତୃତୀୟାଂଶ ସଂରକ୍ଷଣ ପାଇଥିଲେ।

ସାମାଜିକ ଦୃଷ୍ଟିରୁ, ୧୯୭୦ ଏବଂ ୧୯୮୦ ଦଶକ ଭାରତରେ ମହିଳା ପୁନରୁତ୍ଥାନର ଦଶନ୍ଧି ଥିଲା। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମଧ୍ୟରେ ଅସମାନତା ଥିଲା। ଆର୍ଥିକ କଷ୍ଟ ବୃଦ୍ଧି ପାଉଥିଲା। ମହିଳା ଶ୍ରମିକଙ୍କ ଅବସ୍ଥାକୁ ଉନ୍ନତ କରିବା ପାଇଁ ଅନେକ ସଂଗଠନ ଉଭା ହୋଇଥିଲେ, ଯେପରିକି କାର୍ଯ୍ୟକର୍ତ୍ତା ମହିଳା ସଂଘ (ତାମିଲନାଡୁ), ଶ୍ରମିକ ମହିଳା ସଂଗଠନ (ମହାରାଷ୍ଟ୍ର), ଏବଂ ମହିଳା ସ୍ୱରୋଜଗର ସଂସ୍ଥା (ଗୁଜୁରାଟ)। ଏହି ସମୟରେ, ମହିଳା ସଂଗଠନଗୁଡ଼ିକ ଘରୋଇ ହିଂସା, ଯୌତୁକ, ମଦ୍ୟପାନ ଏବଂ କର୍ମକ୍ଷେତ୍ରରେ ବୈଷମ୍ୟ ଭଳି ପ୍ରସଙ୍ଗ ବିରୁଦ୍ଧରେ ଜାତୀୟ ସ୍ତରରେ ପ୍ରତିବାଦ କରିଥିଲେ। ୧୯୮୦ ମସିହାରେ ଯୌତୁକ ବିରୋଧୀ ସଚେତନତା ମାର୍ଚ୍ଚ ଗଠନ କରାଯାଇଥିଲା। ଏହାର ପ୍ରଭାବ ଏବଂ ସଚେତନତା ଅଭିଯାନ ଯୋଗୁଁ ୧୯୮୪ ମସିହାରେ ଯୌତୁକ ନିରୋଧ ଆଇନ ପ୍ରଣୟନ କରାଯାଇଥିଲା। ବଳାତ୍କାର ବିରୋଧୀ ଆନ୍ଦୋଳନ ମଧ ସମାନ ଧାରା ସୃଷ୍ଟି କରିଥିଲା ଏବଂ ୧୯୮୩ ମସିହାରେ ଦଣ୍ଡ ସଂହିତା ସଂଶୋଧନ କରାଯାଇଥିଲା। ୧୯୮୮ ମସିହାରେ, ରାଜସ୍ଥାନରେ କିଶୋରୀ ବିଧବା ରୂପ କନଓ୍ୱାରଙ୍କ ସତୀ ମହିଳା ସଂଗଠନ ଗୁଡ଼ିକୁ ସଚେତନତା ସୃଷ୍ଟି କରିବାକୁ ବାଧ କରାଯାଇଥିଲା ଯାହା ସରକାରଙ୍କୁ ଶୀଘ୍ର ଏକ ବିଲ୍ ଆଗତ କରିବାକୁ ବାଧ କରିଥିଲା। ଏହିପରି ଅନେକ ଉଦାହରଣ ଏବଂ କାରଣ ୧୯୯୨ ମସିହାରେ ଜାତୀୟ ମହିଳା କମିଶନ ଗଠନ କରିବାକୁ ବାଧ କରିଥିଲା ଏହା ଏକ ସାମ୍ବିଧାନିକ ସଂସ୍ଥା ଯାହା ସମୟ ସମୟରେ ସରକାରଙ୍କୁ ସୁପାରିଶ ପ୍ରଦାନ କରୁଥିଲା। ବର୍ତ୍ତମାନ ଅନେକ ବେସରକାରୀ ଅନୁଷ୍ଠାନ ମହିଳାମାନଙ୍କର ସାମାଜିକ-ରାଜନୈତିକ, ଅର୍ଥନୈତିକ ଏବଂ ଶିକ୍ଷାଗତ ସ୍ଥିତିକୁ ଆହୁରି ଉନ୍ନତ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ନାଗରିକ ସମାଜ ସଂଗଠନଗୁଡ଼ିକ ମଧ ପ୍ରଭାବଶାଳୀ ଭାବରେ ସେମାନଙ୍କର ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ବର୍ଦ୍ଧିତ ସଚେତନ ସମାଜର ଫଳସ୍ୱରୂପ, 'ମି ଟୁ' ଭଳି ଆନ୍ଦୋଳନ ଅନଲାଇନ୍ ସୋସିଆଲ ମିଡିଆ ପ୍ଲାଟଫର୍ମରେ ବ୍ୟାପକ ଆକର୍ଷଣ ହାସଲ କରିଛି, ଅନେକ ମହିଳା ଶାରୀରିକ ନିର୍ଯାତନାର ଅଭିଜ୍ଞତା ପ୍ରକାଶ କରିଛନ୍ତି। ଏହି ଆନ୍ଦୋଳନଗୁଡ଼ିକ ଅଧିକ ବିକେନ୍ଦ୍ରୀ କୃତ ରୂପ ନେଇ ସମାଜରେ ସଚେତନତା ବୃଦ୍ଧି କରିବାକୁ ପ୍ରୟାସ କରୁଛନ୍ତି। ଓଡ଼ିଶା ରେ ମଧ ନାରୀ ସଶକ୍ତିକରଣ ଦିଗ ଉନ୍ମୋଚିତ ହୋଇଛି। ଅନେକ ସଂଗଠନ, ସରକାରୀ ସ୍ତରରେ ନାରୀ ମାନଙ୍କ ସାମାଜିକ ସାଂସ୍କୃତିକ ଆର୍ଥିକ ସୁଦୃଢ଼ୀକରଣ ଉପରେ ଧ୍ୟାନ ଦିଆଯାଉଛି।

# ଧ୍ୱଂସ ମାର୍ଗରେ ବିଶ୍ୱ...




**କ୍ଷୀରୋଦିନୀ ବେହେରା**
ଭୁବନେଶ୍ୱର, ମୋ-୯୭୭୭୭୨୯୦୦୭


ମଧ୍ୟପ୍ରାଚରେ ଚାଲିଥିବା ଯୁଦ୍ଧ ନେଇ ଇରାନ ତା'ର ହରମୁଜ୍ ପ୍ରଣାଳୀରେ ତୈଳ ପରିବହନ ବନ୍ଦ କରିଦେଇଥିଲା। ଫଳରେ ଭାରତର ଶକ୍ତି ଯୋଗାଣକୁ ଗମ୍ଭୀର ଭାବେ ବାଧାପ୍ରାପ୍ତ କରିଥିଲା। ତଥ୍ୟ ଅନୁସାରେ, ଭାରତ ହେଉଛି ବିଶ୍ୱର ତୃତୀୟ ବୃହତ୍ ତୈଳ ବ୍ୟବହାରକାରୀ ରାଷ୍ଟ୍ର। ତେଣୁ ଭାରତର ଆବଶ୍ୟକତା ଅନୁସାରେ ୮୫% ତେଲ ବାହାର ରାଷ୍ଟ୍ରରୁ ଆମଦାନୀ କରିଥାଏ, ତାହା ମଧ ମଧ୍ୟପ୍ରାଚରେ ଥିବା ହରମୁଜ୍ ପ୍ରଣାଳୀ ଦେଇ। ଆମ ଦେଶରେ ୧୦୦% ରୁ ମାତ୍ର ୧୫% ତୈଳ ଉତ୍ପାଦନ ହୋଇଥାଏ। କେବଳ ଅଶୋଧିତ ତୈଳ ନୁହେଁ, ବରଂ ଅତି ଗୁରୁତ୍ୱପୂର୍ଣ୍ଣ ଏଲ୍‌ପିଜି ଆମଦାନୀକୁ ମଧ ଭାରତରେ ପ୍ରଭାବିତ କରିଛି।

ମଣିଷକୁ ନେଇ ସମାଜ ଓ ସମାଜକୁ ନେଇ ରାଷ୍ଟ୍ରର ପରିକଳ୍ପନା। ସମୟାନୁସାରେ ମଣିଷ ସମାଜରେ ଦେଖାଦେଇଥିବା ବିଜ୍ଞାନର ଜୟଯାତ୍ରା, ଯାହା ବର୍ତ୍ତମାନ ସମୟରେ ବିଶ୍ୱରେ ଦେଖିବାକୁ ମିଳୁଛି। ତାହା ପୁଣି ଦେଶ ଧ୍ୱଂସ ମାର୍ଗରେ ପରିଚାଳିତ କରିବା ପାଇଁ ବିଶ୍ୱରେ ପ୍ରବଳ ପ୍ରତିଯୋଗିତା ଆରମ୍ଭ ହୋଇଛି। ନିଜ ନିଜ ଦେଶରେ ଥିବା ସାମରିକ ଶକ୍ତିର ଅଭିବୃଦ୍ଧି ଘଟାଇ ଗୋଟିଏ ରାଷ୍ଟ୍ର ସହିତ ଅନ୍ୟ ରାଷ୍ଟ୍ର ଉପରେ ଆଧିପତ୍ୟ ଜାହିର କରିବାରେ ପ୍ରଚେଷ୍ଟା ଚାଲିଛି। ଅଣୁ ପରମାଣୁ ଭଳି ମାରଣାସ୍ତ୍ର ଉଦ୍ଭାବନା କରି ବିଶ୍ୱବାସୀଙ୍କ ପ୍ରାଣରେ ଆତଙ୍କ ଭରିଦେଇଛି। ସତରେ, ମଣିଷ ଏ ପୃଥିବୀରେ ଜୀବନକୁ ନିରାପଦ ମନେ କରୁନାହିଁ ତ ? କିନ୍ତୁ କାଳକ୍ରମେ ଯୁଦ୍ଧର ବିଭୀଷିକା ମଣିଷ ମନରେ ଆତଙ୍କ, ବିଷାଦ ଓ ଦୁଃଖର ଭୟାବହତା ଆଣିଦେଇଛି। ଏସବୁ ଭାବିଲା ବେଳକୁ, ମନେ ପଡ଼ିଯାଏ ସେଦିନର ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪ ରୁ ୧୯୧୮) ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯ ରୁ ୧୯୪୫), ଯାହା ବିଷମୟ ପରିଣତି ବିଶ୍ୱବାସୀଙ୍କୁ ଆତଙ୍କିତ କରିଦେଇଥିଲା। ଏହାଦ୍ୱାରା ରକ୍ତପାତ, କ୍ଷୟକ୍ଷତି ଓ ଧ୍ୱଂସ ମଣିଷ ମନରେ ଯେଉ ଭୟର ବାତାବରଣ ସୃଷ୍ଟି କରିଦେଇଥିଲା, ବର୍ତ୍ତମାନ ସମୟରେ ତାହା ଅନୁତାପ କରିବାକୁ ପଡୁଛି।

ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ମନରୁ ନଲିଭୁଣୁ ତୃତୀୟ ବିଶ୍ୱଯୁଦ୍ଧ ହେବାକୁ ସ୍ପଷ୍ଟ ହୋଇସାରିଛି। କିଛିଦିନ ହେବ ଆମେରିକା ସମର୍ଥିତ ଇସ୍ରାଏଲ ଓ ଇରାନ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ବିଶ୍ୱକୁ ଆତଙ୍କିତ କରିଦେଇଛି। ଏହା ପୂର୍ବରୁ ଆରମ୍ଭ ହୋଇଥିବା ରୁଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ସରିନାହିଁ। ଏପଟେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଗମ୍ଭୀର ତିକ୍ତତା ଲାଗି ରହିଛି। ଏସବୁ ଯୁଦ୍ଧ ଯୋଗୁଁ ବିଶ୍ୱର ଅନେକ ରାଷ୍ଟ୍ର ପ୍ରଭାବିତ କରୁଛି। ଏଇଠୁ ଜଣାପଡୁଛି, ଶାନ୍ତ ବିଶ୍ୱ ହେଉଛି ଅଶାନ୍ତ। ଏପରି ସୂଚନା କେବଳ ତୃତୀୟ ବିଶ୍ୱ ଯୁଦ୍ଧର ସତର୍କ ଘଣ୍ଟି କୁହାଯାଇପାରେ। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ, ଏକମାତ୍ର ରାଷ୍ଟ୍ର ଭାରତ ତା'ର ନୀତି ଓ ଆଦର୍ଶ ବଳରେ ଯୁଦ୍ଧକୁ ବନ୍ଦ କରି ଶାନ୍ତି ସ୍ଥାପନ କରିବା ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନିବେଦନ କରିଛନ୍ତି। ଏହାକୁ ସମର୍ଥନ କରି ସଂଯୁକ୍ତ ଜାତିସଂଘ ସମେତ ଅନ୍ୟ ରାଷ୍ଟ୍ରମୁଖ୍ୟମାନେ ମଧ ଯୁଦ୍ଧ ବନ୍ଦ କରି ଶାନ୍ତି ଫେରାଇ ଆଣିବା ପାଇଁ ଆହ୍ୱାନ କରିଛନ୍ତି।



କିନ୍ତୁ ଦୁଇ ରାଷ୍ଟ୍ର ନିଜ ନିଜ ଜିଦରେ ଅଟଳ ଅଛନ୍ତି।

ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନି ପ୍ରାଣ ହରାଇଛନ୍ତି ବୋଲି ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ପ୍ରକାଶ ଥାଉକି, କିଛିଦିନ ପୂର୍ବରୁ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରମୁଖ୍ୟ ତଥା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ରାଷ୍ଟ୍ରମୁଖ୍ୟଙ୍କ ସହିତ କଥାବାର୍ତ୍ତା ହେବାକୁ ଚାହୁଁଥିଲେ। ମାତ୍ର ଉଭୟ ରାଷ୍ଟ୍ର ମଧ୍ୟରେ ଏହା ସମ୍ଭବ ହୋଇନଥିଲା, ଯାହା ସମ୍ପର୍କରେ ତିକ୍ତତା ସୃଷ୍ଟି କରିଥିଲା ଏବଂ ଯାହାର କାରଣ ଇସ୍ରାଏଲ ହୋଇପାରେ। ଆମେରିକା କଥାରେ ଇରାନ ନ ରହିବା କିମ୍ବା ଆତ୍ମସମର୍ପଣ ନହେବା ଯୋଗୁଁ ଆମେରିକା ଖୋଲାଖୋଲି ଇସ୍ରାଏଲକୁ ସମର୍ଥନ ଦେଇ ଇରାନ ଉପରେ ଆକ୍ରମଣ କରିବାର ସାହସ ଯୋଗାଇ ଦେଇଥିଲା। ଏହାଫଳରେ ଇରାନ ରାଷ୍ଟ୍ରମୁଖ୍ୟଙ୍କ ପ୍ରାଣହାନୀ ହୋଇଥିଲା। ଏହା ପୂର୍ବରୁ ମଧ ଭେଞ୍ଜୁଏଲାର ରାଷ୍ଟ୍ରମୁଖ୍ୟ ଓ ତାଙ୍କ ପତ୍ନୀଙ୍କୁ ଜବରଦସ୍ତ ଆମେରିକା ଅଣାଯାଇ ବନ୍ଦୀ କରାଯାଇଥିଲା। ଏଭଳି ହୀନମାନସିକ କାର୍ଯ୍ୟକୁ ସମଗ୍ର ବିଶ୍ୱ ନିନ୍ଦା କରିଥିଲା।

ମଧ୍ୟପ୍ରାଚରେ ଚାଲିଥିବା ଯୁଦ୍ଧରେ ଇରାନ ନିଜର ପୁରା କ୍ଷମତା ସହ ଉପସାଗରୀୟ ଦେଶରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ କ୍ଷେପଣାସ୍ତ୍ର ଅଗ୍ନିବର୍ଷା କରିଛି। ଅନ୍ୟପଟେ, ଇରାନ ଦାବି ଅନୁଯାୟୀ କୁଏତ, ବାହାରିନ ଓ ୟୁଏଇରେ ମୋଟ ୨୦ ଆମେରିକୀୟ ଘାଟି ଆକ୍ରମଣ କରିସାରିଛି। ଏପଟେ ଆମେରିକା ଅପରେସନ ଏପିକେ ଫ୍ୟୁରୀ ଓ ଇସ୍ରାଏଲର ରୋରିଙ୍ଗ ଲାୟନ ଅଭିଯାନ ଅନୁଯାୟୀ ଇରାନର ସାମରିକ ଘାଟି ଉପରେ ବଡ଼ ଆକ୍ରମଣ କରି ପ୍ରାୟ ୧୫୦୦ ଲୋକ ପ୍ରାଣ ହୋରାଇଲେଣି। ଇରାନରେ ୧୩୦୦ ଆକ୍ରମଣ ହୋଇଥିବା ବେଳେ ୧୪ ମେଡିକାଲ ସେଣ୍ଟର ଟାର୍ଗେଟ ହୋଇଥିଲା ଏବଂ ଇରାନର ଅନେକ ସ୍ଥାନରେ ଜଳ ବିଜୁଳି ଯୋଗାଣ ବନ୍ଦ ହୋଇଯାଇଛି। ତେବେ କୁହାଯାଉଛି ଯେ, ଇରାନର ୧୩୦୦ କ୍ଷେପଣାସ୍ତ୍ର ଲଞ୍ଚର ଧ୍ୱସ୍ତ ହୋଇଯାଇଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ସଂଘର୍ଷ ଏହି ତିନୋଟି ଜାତୀୟ ରାଷ୍ଟ୍ର ମଧ୍ୟରେ ସୀମିତ ନାହିଁ, ଏହା ସମଗ୍ର ମଧ୍ୟପ୍ରାଚ୍ୟରେ ବ୍ୟାପିଛି ସାରିଛି ଏବଂ ସମଗ୍ର ବିଶ୍ୱ ଅଶାନ୍ତ ହେବାରେ ଲାଗିଛି। ତେଣୁ ମଧ୍ୟପ୍ରାଚ୍ୟ ସଙ୍କଟ ଯେତେ ଅଧିକ ସମୟ ଧରି ଜାରି ରହିବ, ଏହା ସମଗ୍ର ବିଶ୍ୱ ପାଇଁ ସେତେ ଅଧିକ ସମସ୍ୟା ସୃଷ୍ଟି କରିବ। ଏହାର ସବୁଠାରୁ ବଡ଼ କାରଣ ହେଉଛି ଅଶୋଧିତ ତୈଳ ଏବଂ ଗ୍ୟାସ ଯୋଗାଣ।

ମଧ୍ୟପ୍ରାଚରେ ଚାଲିଥିବା ଯୁଦ୍ଧ ନେଇ ଇରାନ ତା'ର ହରମୁଜ୍ ପ୍ରଣାଳୀରେ ତୈଳ ପରିବହନ ବନ୍ଦ କରିଦେଇଛି। ଫଳରେ ଭାରତର ଶକ୍ତି ଯୋଗାଣକୁ ଗମ୍ଭୀର ଭାବେ ବାଧାପ୍ରାପ୍ତ କରିଛି। ତଥ୍ୟ ଅନୁସାରେ, ଭାରତ ହେଉଛି ବିଶ୍ୱର ତୃତୀୟ ବୃହତ୍ ତୈଳ ବ୍ୟବହାରକାରୀ ରାଷ୍ଟ୍ର। ତେଣୁ ଭାରତର ଆବଶ୍ୟକତା ଅନୁସାରେ ୮୫% ତେଲ ବାହାର ରାଷ୍ଟ୍ରରୁ ଆମଦାନୀ କରିଥାଏ, ତାହା ମଧ ମଧ୍ୟପ୍ରାଚରେ ଥିବା ହରମୁଜ୍ ପ୍ରଣାଳୀ ଦେଇ। ଆମ ଦେଶରେ ୧୦୦% ରୁ ମାତ୍ର ୧୫% ତୈଳ ଉତ୍ପାଦନ ହୋଇଥାଏ। କେବଳ ଅଶୋଧିତ ତୈଳ ନୁହେଁ, ବରଂ ଅତି ଗୁରୁତ୍ୱପୂର୍ଣ୍ଣ ଏଲ୍‌ପିଜି ଆମଦାନୀକୁ ମଧ ଭାରତରେ ପ୍ରଭାବିତ କରିଛି। ଆବଶ୍ୟକତାର ଏଲ୍‌ପିଜି ଅଧିକାଂଶ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଆସିଥାଏ ଏବଂ ଏହାର ସଂରକ୍ଷଣ ପାଇଁ କୌଣସି ବଡ଼ ବ୍ୟବସ୍ଥା ନଥିବାରୁ ଏହା ଅଧିକ ବିପଦପୂର୍ଣ୍ଣ ବୋଲି ମନେ କରାଯାଏ।

ଏହାବ୍ୟତୀତ ଭାରତରେ ଥିବା ସୁନା ଓ ରୁପା ଦର ଓ ସେୟାର ବଜାର କାରବାରକୁ ମଧ ପ୍ରଭାବିତ କରିବା ଆଶଙ୍କା କରାଯାଉଛି। ଅଶୋଧିତ ତୈଳ ଦରଦାମ୍ ବୃଦ୍ଧି ହେଲେ, ତାହା ପେଟ୍ରୋଲ ଓ ଡିଜେଲ୍ ଦରବୃଦ୍ଧିର କାରଣ ହେବ। ମଧ୍ୟପ୍ରାଚରେ ଚାଲିଥିବା ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ କେବଳ ଭାରତକୁ ହିଁ ପ୍ରଭାବିତ କରିବ, ତାହା ନୁହଁ ସମଗ୍ର ବିଶ୍ୱରେ ଅଶାନ୍ତିର ବାତାବରଣ ମଧ ସୃଷ୍ଟି ହେବ ଏବଂ ବିଶ୍ୱବାସୀଙ୍କ ପାଇଁ ଏହା ଗମ୍ଭୀର ଚିନ୍ତନୀୟ ବିଷୟ ହେବ। ତେଣୁ ଏ ଯୁଦ୍ଧର ଅବସାନ କରିବା ପାଇଁ ବିଶ୍ୱର ସମସ୍ତ ଜାତୀୟ ରାଷ୍ଟ୍ର ଏକତ୍ରିତ ହୁଅନ୍ତୁ ଏବଂ ଅଶାନ୍ତିରୁ ଶାନ୍ତି ସ୍ଥାପନ ପାଇଁ ଉଦ୍ୟମ ଜାରି ରହୁ।

# ଭାରସାମ୍ୟ ହରାଇ ଜୁଡ଼ିଆ ଘାଟିରେ ଓଲଟିଲା ପିଆଜ ବୋଝେଇ ଟ୍ରକ



କେନ୍ଦୁଝର:୧୨/୦୭(ଦିଲ୍ଲୀପ କୁମାର ସାହୁ) – ସକାଳୁ ସକାଳୁ କେନ୍ଦୁଝର ସହର ସନ୍ନିକଟ ୪୯ ନଂ ଜାତୀୟ ରାଜପଥ ଜୁଡ଼ିଆଘାଟି ଠାରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଏକ ପିଆଜ ବୋଝେଇ ଟ୍ରକ୍ ଘାଟି ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଟ୍ରକରେ ବୋଝେଇ ହୋଇଥିବା ବହୁ ପରିମାଣର ପିଆଜ ରାସ୍ତା ଉପରେ ବିଛାଇ ହୋଇ ପଡ଼ିଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା ଏବଂ ଅନେକେ ଲୋକ ପିଆଜ ସଂଗ୍ରହ କରୁଥିବା ଦେଖିବାକୁ ମିଳିଥିଲା।ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଟ୍ରକ୍‌ଟି ଘାଟି ଅତିକ୍ରମ କରୁଥିବା ସମୟରେ ହଠାତ୍ ଚାଳକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ଟ୍ରକ୍‌ଟି ରାସ୍ତା କଡ଼ରେ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ରାସ୍ତାରେ ପିଆଜ ବିଛାଇ ହୋଇଯାଇଥିବାରୁ ଆଖପାଖ ଅଞ୍ଚଳର ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ବ୍ୟାଗ, ବସ୍ତା ଓ ଝୁଡ଼ି ଧରି ପିଆଜ ସଂଗ୍ରହ କରୁଥିବା ଦୃଶ୍ୟ ମଧ୍ୟ ନଜରକୁ ଆସିଥିଲା ।ଦୁର୍ଘଟଣା ହେବା ଫଳରେ କିଛି ସମୟ ପାଇଁ ଜୁଡ଼ିଆ ଘାଟି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।ସ୍ଥାନୀୟ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ଏବଂ ଯାତାୟାତ ସ୍ୱାଭାବିକ କରିବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଉଦ୍ଧାର କରିବା ପାଇଁ ପଦକ୍ଷେପ ନେଇଥିଲେ।ପ୍ରାଥମିକ ସୂଚନା ଅନୁଯାୟୀ, ଟ୍ରକ୍ ଚାଳକ ଓ ସହଯୋଗୀ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ତେବେ ଏନେଇ ପୋଲିସ ପକ୍ଷରୁ ବିସ୍ତୃତ ସୂଚନା ମିଳିପାରିନାହିଁ । ଦୁର୍ଘଟଣା ପରେ ଲୋକମାନଙ୍କ ଦ୍ୱାରା ପିଆଜ ସଂଗ୍ରହ କରାଯାଉଥିବା ଘଟଣା ସୋସିଆଲ ମିଡିଆରେ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ପୋଲିସ ଲୋକମାନଙ୍କୁ ଦୁର୍ଘଟଣାସ୍ଥଳରେ ଅନାବଶ୍ୟକ ଭିଡ଼ ନକରିବା ଓ ଆଇନକୁ ସମ୍ମାନ କରିବାକୁ ଅନୁରୋଧ କରିଛି। ଦୁର୍ଘଟଣାର ପ୍ରକୃତ କାରଣ ଏବଂ କ୍ଷୟକ୍ଷତିର ପରିମାଣ ସମ୍ପର୍କରେ ପୋଲିସ ତଦନ୍ତ ଜାରି ରଖିଛି।

## କେନ୍ଦୁଝର ପୋଲିସର ବଡ଼ ସଫଳତା

# ଏଟିଏମ୍ ଲୁଟେରା ଗ୍ୟାଙ୍ଗ କାବୁ

କେନ୍ଦୁଝର:୧୨/୦୭(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଟାଉନ ଥାନା ମାମଲା ନଂ. ୨୮୪, ୧୨.୦୫.୨୦୨୫ ତାରିଖ ବିଏନଏସ ଧାରା ୩୦୩(୨)/୩୧୮(୪), ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ଧାରା ୬୬(ସି) ଏବଂ ୬୬(ଡି) ସହିତ ଜଡ଼ିତ ଏହି ତଦନ୍ତ ଅଭିଯାନ କରାଯାଇଥିଲା। ଏହା କେନ୍ଦୁଝରର ବଡ଼ମନୋହରପୁର ଗ୍ରାମର ରମେଶ ଚନ୍ଦ୍ର ମହାନ୍ତ (୫୮)ଙ୍କ ଅଭିଯୋଗ ଉପରେ ଏହି ମାମଲା ପଞ୍ଜିକୃତ ହୋଇଥିଲା। ଅଭିଯୋଗକାରୀ ଦର୍ଶାଇଛନ୍ତି ଯେ, ୧୧.୦୫.୨୦୨୫ ରେ ମଣ୍ଡୁଆରେ ଏକ ଏଟିଏମରୁ ୫,୦୦୦ ଟଙ୍କା ଉଠାଇବା ସମୟରେ ଜଣେ ଅଜଣା ବ୍ୟକ୍ତି ଗୁପ୍ତ ଭାବରେ ତାଙ୍କ ଏଟିଏମ୍ ପିନ୍ ଦେଖିଥିଲେ, ଜାଲିଆତି କରି ତାଙ୍କ ଏଟିଏମ୍ କାର୍ଡ ବଦଳାଇଥିଲେ ଏବଂ ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫୪,୧୦୦ ଟଙ୍କା ଉଠାଇ ନେଇଥିଲେ। ବିଜ୍ଞାନଭିତ୍ତିକ ଓ ବୈଷୟିକ ତଦନ୍ତ, ବୈଷୟିକ ନିରୀକ୍ଷଣ, ସିସିଟିଭି ବିଶ୍ଳେଷଣ, ମାନବ ବୁଦ୍ଧିମତ୍ତା ଏବଂ ନିରନ୍ତର କ୍ଷେତ୍ର ତଦନ୍ତ ଆଧାରରେ ଗ୍ୟାଙ୍ଗଲିଡର/ମାଷ୍ଟରମାଇଣ୍ଡ କଟକ ଜିଲ୍ଲା ନେମାଳ ଥାନା ଜାମରା ଗ୍ରାମର ସ୍ୱର୍ଗତ ରାଜକିଶୋର ସାହୁଙ୍କ ପୁଅ ବଳରାମ ସାହୁ(୩୪), କଟକ ଜିଲ୍ଲା ନେମାଳ ଥାନା ଟରଡ଼ାଶାସନ ଗ୍ରାମର ସ୍ୱର୍ଗତ ଗୌରାଙ୍ଗ ଚରଣ ମହାପାତ୍ରଙ୍କ ପୁଅ ମୃତ୍ୟୁଞ୍ଜୟ ମହାପାତ୍ର (୩୯), କଟକ ଜିଲ୍ଲା




ନେମାଳ ଥାନା କୋଇଲିରାଙ୍ଗି ଗ୍ରାମର ମନୋରଞ୍ଜନ ପାଣିଙ୍କ ପୁଅ ମାନସ ରଞ୍ଜନ ପାଣି (୩୦), କେନ୍ଦ୍ରାପଡ଼ା ଜିଲ୍ଲା ସଦର ଥାନା ଗିରିଗୋଲା ଶାସନର ସ୍ୱର୍ଗତ ବାବାଜୀ ଚରଣ ମଲ୍ଲିକଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ (୨୫) ଙ୍କୁ ଗିରଫ କରି ସେମାନଙ୍କ ପାଖରୁ ଓଡ଼ି୦୫ସିକେ୭୨୨୮ ନମ୍ବର ବିଶିଷ୍ଟ ଧଳା ରଙ୍ଗର ମାରୁତି ଫ୍ରଙ୍କସ କାର, ବିଭିନ୍ନ ବ୍ୟାଙ୍କ ଏବଂ ବିଭିନ୍ନ ଆକାଉଣ୍ଟଧାରୀଙ୍କ ୨୩୨ଟି ଏଟିଏମ୍/ ଡେବିଟ କାର୍ଡ, ୭ ଟି କି ପ୍ୟାଡ ଫୋନ, ୨ ଟି ସ୍ମାର୍ଟ ଫୋନ ଏବଂ ନଗଦ ୧୨,୨୬୦ ଟଙ୍କା ଜବତ କରାଯାଇଛି ।ଜବତ ହୋଇଥିବା ଏଟିଏମ କାର୍ଡଗୁଡ଼ିକ ଷ୍ଟେଟବ୍ୟାଙ୍କ, ୟୁକୋ ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଏଚଡିଏଫସି ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ, କାନାରା ବ୍ୟାଙ୍କ, ୟୁନିଅନ୍ ବ୍ୟାଙ୍କ, ଇଣ୍ଡିଆନ୍ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ସମେତ ଅନେକ ବ୍ୟାଙ୍କର ଗ୍ରାହକଙ୍କର। ପ୍ରକୃତ କାର୍ଡଧାରୀ ଏବଂ ଠକେଇ କାରବାର ସମ୍ପର୍କରେ ଯାଞ୍ଚ ଜାରି ରହିଛି।ଏହି ଗ୍ୟାଙ୍ଗ ବିଶେଷ ଭାବରେ ବୟସ୍କ ଏବଂ ଅନଭିଜ୍ଞ ଏଟିଏମ୍ ବ୍ୟବହାରକାରୀଙ୍କୁ ଟାର୍ଗେଟ କରୁଥିଲା। ଜଣେ ଏଟିଏମ ବ୍ୟବହାରକାରୀ ପିନ ପ୍ରବେଶ କରିବା ସମୟରେ ଜଣେ କଡ଼ା ନଜର ରଖୁଥିବା ବେଳେ, ଅନ୍ୟ ଜଣେ ସଦସ୍ୟ ପୀଡିତଙ୍କୁ ଧ୍ୟାନ ହଟାଇ ଦେଉଥିଲା ଏବଂ ଚତୁରତାର ସହିତ ସମାନ ଦେଖାଯାଉଥିବା କାର୍ଡ ସହିତ ଏଟିଏମ୍ କାର୍ଡ ବଦଳ କରୁଥିଲା। ପୀଡିତ ବ୍ୟକ୍ତି ବିନିମୟ ବୁଝିବା ପୂର୍ବରୁ ଏହି ଗ୍ୟାଙ୍ଗ ତୁରନ୍ତ ବିଭିନ୍ନ ଏଟିଏମ୍ କିଓସ୍କରୁ ଟଙ୍କା ଉଠାଇ ନେଉଥିଲା। ଅଭିଯୁକ୍ତମାନେ ସହଜରେ ଧରା ନପଡ଼ିବା ପାଇଁ ସାରା ଓଡ଼ିଶାରେ ନିଜ ଗାଡ଼ିରେ ଭ୍ରମଣ କରୁଥିଲେ ଏବଂ ବିଭିନ୍ନ ଜିଲ୍ଲାରେ ସମାନ ଭାବରେ ଅପରାଧ କରୁଥିଲେ। ସେମାନଙ୍କର ଅପରାଧିକ ପୃଷ୍ଠଭୂମି ତଦନ୍ତରୁ ଜଣାପଡିଛି ଯେ ଅଭିଯୁକ୍ତମାନେ ଅଭ୍ୟାସଗତ ଏବଂ ସଂଗଠିତ ଅପରାଧୀ। ମାଷ୍ଟରମାଇଣ୍ଡ ଲିଟୁ ଅ ବଳରାମ ସାହୁ ନାମରେ କଟକ, ଯାଜପୁର, ଜଗତସିଂହପୁର, ସୁନ୍ଦରଗଡ଼, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୁଳ, ମୟୂରଭଞ୍ଜ, କେଉଁଝର ଏବଂ ଅନ୍ୟାନ୍ୟ ଜିଲ୍ଲା ସମେତ ଓଡ଼ିଶାର ବିଭିନ୍ନ ଥାନାରେ ପଞ୍ଜିକୃତ ୫୦ରୁ ଅଧିକ ପୂର୍ବବର୍ତ୍ତୀ ମାମଲା ରହିଛି, ଯେଉଁଥିରେ ଏଟିଏମ୍ କାର୍ଡ ସ୍ୱାପିଂ, ଠକେଇ, ଚୋରି, ପରିଚୟ ଚୋରି, ସାଇବର ଠକେଇ, ଡକାୟତି ଏବଂ ଅନ୍ୟାନ୍ୟ ଅପରାଧ ସାମିଲ ଅଛି। ସେହିଭଳି ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପଞ୍ଜିକୃତ ଅନେକ ଏଟିଏମ୍ ଠକେଇ ଏବଂ ଠକେଇ ମାମଲାରେ ଜଡ଼ିତ ଥିବା ଜଣାପଡିଛି। ମୃତ୍ୟୁଞ୍ଜୟ ମହାପାତ୍ର ଏବଂ ମାଣ୍ଡସ୍, କାଞ୍ଚନ ପାଣି ମଧ୍ୟ ଏଟିଏମ୍ କାର୍ଡ ସ୍ୱାପିଂ ଏବଂ ଆର୍ଥିକ ଠକେଇ ସମ୍ପର୍କିତ ଅନେକ ସମାନ ମାମଲାରେ ଜଡ଼ିତ ଥିବା ଜଣାପଡିଛି।

# ଖଣିଜ ଚଢ଼ାଉରେ ମେସିନ, ଟ୍ରଲର ଜବତ ଓ ୨ ଗିରଫ

କେନ୍ଦୁଝର/ଯୋଡ଼ା:୧୨/୦୭(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝର ଜିଲ୍ଲା ବାମେବାରି ଥାନା ଅନ୍ତର୍ଗତ ନୟାଗଡ଼ ଅଞ୍ଚଳରେ ଖଣି ବିଭାଗ ଓ ପୁଲିସର ମିଳିତ ଚଢ଼ାଉ କରାଯାଇଛି। ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଥିବା ବେଳେ ଘଟଣାସ୍ଥଳରୁ ଖଣିଜ ସମ୍ପଦ ଭର୍ତ୍ତି ଟ୍ରଲର ଓ ଏକ ଜେସିବି ଜବତ ହୋଇଛି। ବାମେବାରୀ ଥାନା ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଗତ ଶନିବାର ଭୋର୍ ସମୟରେ ନୟାଗଡ଼ ରେଳ ସାଇଡ଼ିଂ ନିକଟ ଅଞ୍ଚଳରେ ପୂର୍ବରୁ ଖନନ ହୋଇଥିବା ଖଣିଜ ସାମଗ୍ରୀ ଗଚ୍ଛିତ ହୋଇଥିଲା। ଏଥିରୁ ଚୋରା ଚାଲାଣ ସମୟରେ ସୂଚନା ପାଇ ଖଣି ଓ ପୁଲିସ ବିଭାଗ ମିଳିତ ଭାବେ ଚଢ଼ାଉ କରିଥିଲେ। ଏହି ଚଢ଼ାଉରେ ଖଣିଜ ବୋଝେଇ ହୋଇଥିବା ଟ୍ରେଲର ( ସିଜି ୨୨ ଆର୍ ୧୨୪୫) ଓ ଖନନରେ ବ୍ୟବହୃତ ଥିବା ଜେସିବି ମେସିନ (ଓଡି ୨୩ ବି ୪୫୩୭) କୁ ଜବତ କରାଯାଇଛି। ଦୁଇ ଗାଡ଼ି ଚାଳକଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ଲୋହାରଦାଗ ଜିଲ୍ଲା





ବାଗ୍ରୁ ଥାନା ଉପର ହିଶ୍ରି ଅଞ୍ଚଳର ସଦାମ ସାଇ ଓ କୁରୁ ଥାନା ଟିକୋ ବାଡ଼କାଟୋଲି ଅଞ୍ଚଳର ରାଜେଶ୍ କୁମାର ସିଂ। ଏନେଇ ବାମେବାରି ଥାନାରେ ବିଏନ୍‌ଏସ୍ ଦଫା ୩୦୩(୨)/ ୬୧(୨) ଏବଂ ୨୧ ଏମଏମ୍‌ଡିଆର୍ ଆଇନରେ ୧୬୫/୨୦୨୬ନଂରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଥିବା ଆଇ ଆଇ ସି ଝସକେତନ ଭୋଇ ସୂଚନା ଦେଇଛନ୍ତି ।ଏଠାରେ ସୂଚନାଯୋଗ୍ୟ ଯେ,ଉକ୍ତ ନୟାଗଡ଼ ରେଳ ସାଇଡିଙ୍ଗ ନିକଟ ବିଭିନ୍ନ ଘରୋଇ ଜମିରେ ବହୁ ବର୍ଷ ପୂର୍ବରୁ ବହୁ ପରିମାଣର ଖଣିଜ ଗଚ୍ଛିତ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲା । ଉକ୍ତ ଖଣିଜର କେହି ଦାବିଦାର ନ ଥିବାରୁ ଚୋର ମାନେ ବିଭିନ୍ନ ସମୟରେ ମେସିନ ଯୋଗେ ଉକ୍ତ ଖଣିଜକୁ ଚୋରି କରି ନେଉଥିଲେ। ଖବର ପାଇ ବିଭିନ୍ନ ସମୟରେ ପୁଲିସ ଓ ଖଣି ବିଭାଗ ଏହିପରି ଚଢ଼ାଉ କରି ଟ୍ରକ୍,ମେସିନ ଜବତ କରିଥାନ୍ତି। ଉକ୍ତ ସ୍ଥାନରେ ଖଣିଜ ପଡ଼ି ରହୁଥିବାରୁ ଚୋରି ବୃଦ୍ଧି ପାଉଥିଲା । ଏହାକୁ ସେଠାରୁ ସ୍ଥାନାନ୍ତର ପାଇଁ ସ୍ଥାନୀୟ ଲୋକେ ଦାବି କରି ଆସୁଥିଲେ। କିଛି ଦିନ ହେବ ଯୋଡା ଖଣି ବିଭାଗ ସେଠାରେ ପଡ଼ି ରହିଥିବା ପ୍ରାୟ ୧୦ ହଜାର ମେଟ୍ରିକ୍ ଟନ୍ର ଗଚ୍ଛିତ ଖଣିଜକୁ ମେସିନ ଓ ଟ୍ରକ୍ ଲଗାଇ ସେଠାରୁ ନିକଟସ୍ଥ ଦୁବୁନା ଓ ଏମ୍ ସି ଖଣି ପରିସରକୁ ସ୍ଥାନାନ୍ତର କରିଥିଲା। ସେଠାରେ ସମ୍ପ୍ରତି ଅଳ୍ପ କିଛି ପରିମାଣର ଖଣିଜ ସମ୍ପଦ ପଡ଼ି ରହିଛି।

# ରଥଯାତ୍ରା ଡ୍ୟୁଟି କରିବାକୁ ଯାଇ ହୋମଗାର୍ଡ ମୃତ



କେନ୍ଦୁଝର:୧୨/୦୭(ଦିଲ୍ଲୀପ କୁମାର ସାହୁ) – କେନ୍ଦୁଝର ଜିଲ୍ଲାର ଜଣେ ହୋମଗାର୍ଡ ଜଗନ୍ନାଥଙ୍କ ସେବା କରିବାକୁ ପୁରୀ ଯାଇଥିବା ବେଳେ, ଅକାଳରେ ତାଙ୍କର ଜୀବନଦୀପ ଲିଭି ଯାଇଛି। ମୃତ ହୋମଗାର୍ଡ ଜଣକ ହେଉଛନ୍ତି କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ହୁଣ୍ଡାପିଟା ଗ୍ରାମର ପ୍ରଦୀପ ମହାନ୍ତ(୪୫)। ରଥଯାତ୍ରା ଡିଉଟି କରିବାକୁ ପୁରୀ ଜଗନ୍ନାଥ ଧାମକୁ ଯାଇ ଆଉ ଘରକୁ ଫେରିପାରିଲେନି ସେ। ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଗୋଟିଏ କୋଠରୀରେ ରାତିରେ ଶୋଇଥିବା ବେଳେ ତାଙ୍କର ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଛି। କେନ୍ଦୁଝର ଜିଲ୍ଲାରୁ ୫୦ ଜଣିଆ ହୋମଗାର୍ଡ ଦଳ ରଥଯାତ୍ରା ଡିଉଟି କରିବାକୁ ପୁରୀ ଯାଇଥିଲେ। ସେମାନଙ୍କ ସହିତ ମୃତ ପ୍ରଦୀପ ମହାନ୍ତ ମଧ୍ୟ ଥିଲେ। ରାତି ୧୦ଟା ସମୟରେ ସେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଏକ କୋଠରୀରେ ସାଥୀମାନଙ୍କ ସହ ଶୋଇଥିଲେ। ହଠାତ ମଧ୍ୟରାତ୍ରରେ ସେ ଉଠି ବାନ୍ତି କରିଥିଲେ କ୍ଷ ତାଙ୍କ ପାଟିରୁ ଧଳା ରଙ୍ଗର ଫେଣ ବାହାରୁଥିବା ଦେଖିଥିଲେ ସାଥୀମାନେ। ତୁରନ୍ତ ସାଥୀମାନେ ତାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ପହଞ୍ଚିବା ବେଳକୁ ସେ ମୃତ୍ୟୁବରଣ କରିସାରିଥିଲେ। ମୃତ୍ୟୁର କାରଣ ନେଇ ସନ୍ଦେହ ସୃଷ୍ଟି ହୋଇଥିବା ବେଳେ ହୋମଗାର୍ଡଙ୍କ ମୃତ୍ୟୁର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେବେ ଘଟଣାସ୍ଥଳରେ ସାପ କାମୁଡ଼ା ହୋଇଥିବା ନେଇ ଚର୍ଚ୍ଚା ହେଉଛି। ସୂଚନା ପାଇବା ପରେ ସତ୍ୟବାଦୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।ଏଣେ ପ୍ରଦୀପ ମହାନ୍ତଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହାଛଡ଼ା ମୃତକଙ୍କ ନିକଟ ସଂପର୍କୀୟଙ୍କୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଖାଲି ସେତିକି ନୁହେଁ, ପରିବାରର ଜଣଙ୍କୁ ଚାକିରି ଦିଆଯିବା ନେଇ ବି ନିଷ୍ପତ୍ତି ହୋଇଛି।

# ଆଦର୍ଶ ଶିକ୍ଷକଙ୍କ ପରଲୋକ

କେନ୍ଦୁଝର:୧୨/୦୭(ଦିଲ୍ଲୀପ କୁମାର ସାହୁ) – ଗତ ଶନିବାର ସଂଧ୍ୟାରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚମ୍ପୁଆ ଉପଖଣ୍ଡର ଆଦର୍ଶ ଶିକ୍ଷକ ସନାତନ ସାହୁଙ୍କର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ବୟସାଧିକ୍ୟ କାରଣରୁ ତାଙ୍କ ସ୍ୱାସ୍ଥ୍ୟରେ ଅବନତି ଦେଖାଦେବାରୁ ଅଳ୍ପ କିଛିଦିନ ପୂର୍ବରୁ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ଶନିବାର ସନ୍ଧ୍ୟା ୬.୩୮ ରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା।ପ୍ରାପ୍ତ ସୂଚନା ମୁତାବକ, ଚମ୍ପୁଆ ଉପଖଣ୍ଡ ଚମ୍ପୁଆ ବ୍ଲକ କାଳିକାପ୍ରସାଦ ଗ୍ରାମରେ ଜନ୍ମିତ ଜିଲ୍ଲାର ଆଦର୍ଶ ବିଜ୍ଞାନ ଶିକ୍ଷକ ସନାତନ ସାହୁ ଅଳ୍ପ କିଛିଦିନ ପୂର୍ବରୁ ବୟସାଧିକ୍ୟ କାରଣରୁ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ସଦସ୍ୟ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଉଥିଲେ। ସ୍ୱର୍ଗତ ସାହୁ ଚଉଠିଆ ହାଇସ୍କୁଲ, କାଳିକାପ୍ରସାଦ ହାଇସ୍କୁଲ, ଯୋଡା ବ୍ଲକ ନଂ ୧ ହାଇସ୍କୁଲ ଓ ରିମୁଳି ହାଇସ୍କୁଲ ଆଦିରେ ବିଜ୍ଞାନ ଶିକ୍ଷକ ଭାବେ ଶିକ୍ଷାଦାନ କରି ବହୁ ସୁନାମର ଅଧିକାରୀ ହୋଇ ପାରିଥିଲେ। ଜଣେ ଆଦର୍ଶ ବିଜ୍ଞାନ ଶିକ୍ଷକ ଭାବେ ଜିଲ୍ଲାକୁ ସେ ଗୌରବାନ୍ୱିତ କରିପାରିଥିଲେ।କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ହେବା ବେଳେ ବଡ଼ପୁଅ ଅବସରପ୍ରାପ୍ତ ନୌସେନା ଅଧିକାରୀ ଅର୍ଜୁନ ଚରଣ ସାହୁ, ପୁତ୍ରବଧୂ ଉଷାରାଣୀ, ନାତି ଶୁଭମ୍ , ସାନ ପୁଅ, ସାନବୋହୂ ଏଂ ଅନ୍ୟ ପରିବାର ସଦସ୍ୟ ଡାକ୍ତରଖାନାରେ ଉପସ୍ଥିତ ଥିଲେ। ମୃତ୍ୟୁ ହେବା ବେଳେ ସ୍ୱର୍ଗତ ସାହୁଙ୍କର ୮୪ ବର୍ଷ ବୟସ ହୋଇଥିଲା। ସେଠାରୁ ସ୍ୱର୍ଗତ ସାହୁଙ୍କ ମରଶରୀରକୁ ଏକ ସ୍ୱତନ୍ତ୍ର ଯାନରେ ଚମ୍ପୁଆ ଉପଖଣ୍ଡ ର କାଳିକାପ୍ରସାଦ ଗ୍ରାମକୁ ନିଆଯାଇ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଅର୍ଜୁନ ଚରଣ ସାହୁ ମୁଖାଗ୍ନି ପ୍ରଦାନ କରିଥିଲେ। ତାଙ୍କ ମୃତ୍ୟୁରେ କାଳିକାପ୍ରସାଦ ଗ୍ରାମ ସମେତ ଚମ୍ପୁଆ ଉପଖଣ୍ଡରେ ଶୋକର ବାତାବରଣ ସୃଷ୍ଟି ହୋଇଛି।

# ବର୍ଷାରେ ଭାଙ୍ଗିଗଲା ଅସ୍ଥାୟୀ ହ୍ୟୁମ୍‌ପାଇପ୍ ପୋଲ



ହରିଚନ୍ଦନପୁର ,୧୨/୭(ଶୂନ୍ୟରଞ୍ଜନ ଘଣା ) : ଚଳିତ ବର୍ଷର ଲଗାଣ ବର୍ଷାରେ ଧୋରଡି ଆମ୍ବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମୁଖ୍ୟ ରାସ୍ତାରୁ ସଂଯୋଗ ହୋଇଥିବା ଅସ୍ଥାୟୀ ହ୍ୟୁମପାଇପ ପୋଲଟି ଭାଙ୍ଗିଯାଇଛି। ଫଳରେ ମୁଖ୍ୟ ରାସ୍ତାରୁ ସ୍କୁଲକୁ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସ୍କୁଲ ଭିତରକୁ ଚାରିଚକିଆ ଯାନରେ ଯିବାକୁ ଥିବା ଚାଉଳ ଗାଡି, ଡ୍ରେସ ଗାଡି ଯାଇପାରୁ ନାହିଁ । ମୁଖ୍ୟ ରାସ୍ତାରୁ ସ୍କୁଲର ଫାଟକ ପର୍ଯ୍ୟନ୍ତ ରାସ୍ତାକୁ ପୋଲ ନିର୍ମାଣ କରି ସ୍ଥାୟୀ ଭାବେ କୋଂକ୍ରିଟ ରାସ୍ତା କରିବାକୁ ଅଭିଭାବକ ଏବଂ ଗ୍ରାମବାସୀ ଦାବି କରିଛନ୍ତି ।

# ବଡନଇ ଉଚ୍ଚବିଦ୍ୟାଳୟରେ ବନ ମହୋତ୍ସବ

ଚମ୍ପୁଆ, ୧୨ । ୭(ରାମକୃଷ୍ଣ ଜିତ ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ହରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ବଡନଈ ଠାରେ ବନ ମହୋତ୍ସବ ପାଳିତ ହୋଇ ଯାଇଛି। ଏହି ଅବସରରେ ବିଦ୍ୟାଳୟ ର ପ୍ରଧାନଶିକ୍ଷୟତ୍ରୀ ଇତିଶ୍ରୀ ନାୟକ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର, ଛାତ୍ରୀ ଅଂଶଗ୍ରହଣ କରି ଏକ ପେଡ ମା କେ ନାମ ହିସାବରେ ଗୋଟିଏ ଲେଖାଏଁ ଚାରା ଗଛ ଲଗାଇଥିଲେ। ପ୍ରାୟ ଶତାଧିକ ଚାରା ଗଛ ଯଥା, ସଜନା, ଅମୃତଭଣ୍ଡା, ଆମ୍ବ, ଲିମ୍ବ, ଜାମୁ ଆଦି ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ର ଶିକ୍ଷକ ଚୈତନ୍ୟ ଚନ୍ଦ୍ର ମହାନ୍ତ, ଗଗନ ବିହାରୀ ମହାନ୍ତ, ପୁରୁଷୋତ୍ତମ ନାଏକ, ଗଣେଶ୍ୱର କିସକୁ, ଝୁଜାର ମାଝୀ, ରତିକାନ୍ତ ବାରିକ, ରତିକାନ୍ତ ବାରିକ, ଅଞ୍ଜନା ନାୟକ, ଭୁବନେଶ୍ୱର ମହାନ୍ତ, ବନିତା ବେହେରା, ଶ୍ୟାମ ସୁନ୍ଦର ଦାସ, ସନାସିଲି ନାୟକ, ରକ୍ଷାକର ବଡ଼ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଚମ୍ପୁଆ ରଥଯାତ୍ରାକୁ ଆସିବେ ବେଦ ବିଦ୍ୟାଳୟର ଛାତ୍ର

କେନ୍ଦୁଝର /ଚମ୍ପୁଆ, ୧୨/୦୭/ ରାଜକିଶୋର ଶତପଥି :- ଆସନ୍ତା ଚମ୍ପୁଆ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରାକୁ ଅଧିକ ଭକ୍ତିମୟ ଓ ଆଧାତ୍ମିକ ପରିବେଶରେ ପାଳନ କରିବା ପାଇଁ ବେଦ ବିଦ୍ୟାଳୟର ଛାତ୍ରମାନେ ଦୁଇଜଣ ଆଚାର୍ଯ୍ୟଙ୍କ ସହ ଯୋଗଦେବା ପାଇଁ ଦେବୋତ୍ତର ବିଭାଗର ମୁଖ୍ୟ ତଥା ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ସାଦର ନିମନ୍ତ୍ରଣ ପାଇଁ ସିଦ୍ଧମଠ ବେଦ ବିଦ୍ୟାଳୟକୁ ପରିଦର୍ଶନ କରିଥିଲେ। ଏହି ଯାତ୍ରା ଉତ୍ସବକୁ ଆହୁରି ଉଜ୍ଜ୍ୱଳ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି, ଯାହା ସ୍ଥାନୀୟ ଭକ୍ତ ଓ ଦର୍ଶକଙ୍କ ମଧ୍ୟରେ ଉତ୍ସାହର ସଞ୍ଚାର କରିଛି । ଉପଜିଲ୍ଲାପାଳ ଶ୍ରୀ ପରିଡ଼ା ବେଦ ବିଦ୍ୟାଳୟର ପରିବେଶ ଓ ଛାତ୍ରମାନଙ୍କ ଆଧାତ୍ମିକ ଶିକ୍ଷାକୁ ପ୍ରଶଂସା କରି କହିଥିଲେ ଯେ, ଏହି ଛାତ୍ର ଓ ଆଚାର୍ଯ୍ୟଙ୍କ ଉପସ୍ଥିତି ଚମ୍ପୁଆ ରଥଯାତ୍ରାକୁ ଏକ ବିଶେଷ ଆଧାତ୍ମିକ ମାତ୍ରା ପ୍ରଦାନ କରିବ । ସେ କହିଥିଲେ ଯେ, ବେଦ ବିଦ୍ୟାଳୟର ପରମ୍ପରାଗତ ଜ୍ଞାନ ଓ ମନ୍ତ୍ରୋଚ୍ଚାରଣ ରଥଯାତ୍ରାର ପବିତ୍ରତାକୁ ବଢ଼ାଇବ ଏବଂ ଭକ୍ତଙ୍କ ମନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ



ପ୍ରତି ଅନୁରାଗ ବଢ଼ାଇବ । ସିଦ୍ଧମଠ ବେଦ ବିଦ୍ୟାଳୟ ବେଦ ବିଦ୍ୟାର ପ୍ରଚାର ଓ ପ୍ରସାର ପାଇଁ ପ୍ରସିଦ୍ଧ । ଏଠାରେ ଛାତ୍ରମାନେ ପାରମ୍ପରିକ ବେଦ ମନ୍ତ୍ର, ଉପନିଷଦ୍ ଓ ଧାର୍ମିକ ଗ୍ରନ୍ଥ ଅଧ୍ୟୟନ କରନ୍ତି । ରଥଯାତ୍ରାରେ ସେମାନଙ୍କ ଯୋଗଦାନ ଉତ୍ସବକୁ ଅଧିକ ପବିତ୍ର କରିବ । ଆଚାର୍ଯ୍ୟମାନେ ମନ୍ତ୍ରୋଚ୍ଚାରଣ ଓ ଧାର୍ମିକ କାର୍ଯ୍ୟକ୍ରମରେ ନେତୃତ୍ୱ ନେବେ ବୋଲି ଜଣାପଡ଼ିଛି ।ଉପଜିଲ୍ଲାପାଳ ଶ୍ରୀ ପରିଡ଼ା ଚମ୍ପୁଆ ଓ ଆଖପାଖ ଅଞ୍ଚଳର ସମସ୍ତ ଭକ୍ତଙ୍କୁ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରାରେ ଯୋଗଦେଇ ମହାପ୍ରଭୁଙ୍କ ଦର୍ଶନ ଲାଭ କରିବା ସହ ଉତ୍ସବକୁ ସଫଳ କରିବା ପାଇଁ ଅନୁରୋଧ କରିଛନ୍ତି । ବେଦ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଦୁଇଜଣ ଆଚାର୍ଯ୍ୟଙ୍କ ଉପସ୍ଥିତି ଏବର୍ଷର ରଥଯାତ୍ରାର ଏକ ବିଶେଷ ଆକର୍ଷଣ ହେବ ବୋଲି ସ୍ଥାନୀୟ ଲୋକେ ଆଶା କରୁଛନ୍ତି ।

# ତଳଟାଙ୍ଗରପଡ଼ା ଗାଁରେ ପହଞ୍ଚିନି ବିଦ୍ୟୁତ୍ ସେବା

ବାଂଶପାଳ,୧୨/ ୭(ଶୂନ୍ୟରଞ୍ଜନ ଘଣା ):କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ କରଙ୍ଗାଡ଼ିହି ଗ୍ରାମ ପଞ୍ଚାୟତ ର ତଳଟାଙ୍ଗରପଡା ଗ୍ରାମ ଆଜି ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ ରହିଛି ହିଛି। ପ୍ରାୟ ୪୫ଟି ପରିବାରର ୧୮୦ରୁ ଅଧିକ ଲୋକ ବସବାସ କରୁଥିବା ଏହି ଗ୍ରାମରେ ଏ ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ପହଞ୍ଚି ନାହିଁ। ଫଳରେ ଗ୍ରାମବାସୀ ଅନ୍ଧାରରେ ଜୀବନ କାଟୁଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବିଦ୍ୟୁତ ସୁବିଧା ନଥିବାରୁ ସନ୍ଧ୍ୟା ହେଲେ ସମଗ୍ର ଗ୍ରାମ ଅନ୍ଧକାରରେ ବୁଡ଼ିଯାଉଛି। ଛାତ୍ରଛାତ୍ରୀଙ୍କ ପାଠପଢ଼ା ଉପରେ ପ୍ରଭାବ ପଡୁଥିବା ବେଳେ ଜଙ୍ଗଲ ଘେରା ଅଞ୍ଚଳ ହୋଇଥିବାରୁ ବନ୍ୟଜନ୍ତୁଙ୍କ ଭୟ ଲାଗି ରହୁଛି। ଏହାସହ ସହ ଗ୍ରାମରେ କୌଣସିଗୋଷ୍ଠୀ କେନ୍ଦ୍ର ( କମ୍ୟୁନିଟି ସେଣ୍ଟର )ନ ଥିବାରୁ ବୈଠକ, ସାମାଜିକ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ସାଧାରଣ କାର୍ଯ୍ୟ ପରିଚାଳନାରେ ମଧ୍ୟ ଅସୁବିଧା ହେଉଛି। ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ କିମ୍ବା ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନେଇ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମର ବିଦେଶୀ ପ୍ରଧାନ, ଭରତ ପ୍ରଧାନ, ଦ୍ୱାରି ସନଙ୍ଗି ଭଦ୍ର , ଦୁର୍ଯ୍ୟୋଧନ ପ୍ରଧାନ, ବୈରାଗୀ ପ୍ରଧାନ, ରବି ପ୍ରଧାନ, ପାଇକ ସନଙ୍ଗି, ସୁଲୋଚନ ସନଙ୍ଗି, ତୁଳ ସନଙ୍ଗି ଓ ସମାରି ସନଙ୍ଗି ପ୍ରମୁଖ ପ୍ରଶାସନ ନିକଟରେ ତୁରନ୍ତ ଗ୍ରାମକୁ ବିଦ୍ୟୁତ ସଂଯୋଗ ପ୍ରଦାନ କରିବା ସହ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରିବାକୁ ଦୃଢ଼ ଦାବି ଜଣାଇଛନ୍ତି।

# ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ବଣ୍ଟନ

ହରିଚନ୍ଦନପୁର,୧୨/୭(ଶୂନ୍ୟରଞ୍ଜନ ଘଣା ) : ଧୋରଡିଆମ୍ବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମାଗଣାରେ ମିଳୁଥିବା ସ୍କୁଲ ୟୁନିଫର୍ମକୁ ବଣ୍ଟନ କରାଯାଇଛି। ଏନେଇ ବିଦ୍ୟାଳୟ ପରିସରରେ ଅନୁଷ୍ଠାନର ପ୍ରଧାନଶିକ୍ଷକ ଜଗବନ୍ଧୁ ମହାନ୍ତଙ୍କ ସଭାପତିତ୍ୱରେ ଏକ ସଭାକାର୍ଯ୍ୟ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସସ୍ମିତା, ସଦସ୍ୟ ଧ୍ରୁବଚରଣ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ୟୁନିଫର୍ମ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିଶୁବାଟିକାର ୨୫ ଜଣ, ପ୍ରଥମ ଶ୍ରେଣୀର ୩୮ ଜଣ, ଦ୍ୱିତୀୟ ଶ୍ରେଣୀର ୨୬ ଜଣ, ତୃତୀୟ ଶ୍ରେଣୀର ୩୦ ଜଣ, ଚତୁର୍ଥ ଶ୍ରେଣୀର ୨୮ ଜଣ, ପଞ୍ଚମ ଶ୍ରେଣୀର ୪୮



ଜଣ, ଷଷ୍ଠ ଶ୍ରେଣୀର ୩୨ ଜଣ, ସପ୍ତମ ଶ୍ରେଣୀର ୩୦ ଜଣ, ଅଷ୍ଟମ ଶ୍ରେଣୀର ୪୩ ଜଣ ଏହି ପରି ମୋଟରେ ୩୦୦ ଜଣ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ପୀତବାସ ମହାନ୍ତ, ପ୍ରଭାତୀ ବେହେରା, ଲିପ୍ସା ବଳ, ପର୍ଶୁ ରାମ ନାଏକ, ନିତ୍ୟାନନ୍ଦ ନାଏକ, ତନୁଶ୍ରୀ ସାମଲଙ୍କ ସମେତ ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହାଇସ୍କୁଲ ପରିଚାଳନା କମିଟି ଗଠନକୁ ନେଇ ଉତେଜନା

ହାଟଡିହି: ୧୨/୭ ( ଅମୀୟ ବରାଳ) – ହାଟଡିହି ବ୍ଲକ କଳିଗାଁ ସ୍ଥିତ କପିଳେଶ୍ୱର ହାଇସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଚୟନ ନେଇ ଉତ୍ତେଜନା ପ୍ରକାଶ ପାଇଛି ।ଗତ ନଅ ତାରିଖରେ ହାଇସ୍କୁଲ ଶ୍ରେଣୀ ଗୃହରେ ସମସ୍ତ ଅଭିଭାବକ ମହଲରେ ଏକ ବୈଠକ ଡକାଯାଇଥିଲା। ଏଥିରେ ଉପସ୍ଥିତ ଅଭିଭାବକ ମଧ୍ୟରୁ ପନ୍ଦର ଜଣକୁ ନେଇ କମିଟି ଗଠନ ହୋଇଥିଲା। କମିଟି ଗଠନ ମଧ୍ୟରେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଚୟନ ପାଇଁ ଆଜି ଦିନ ଧାର୍ଯ୍ୟ କରାଯାଇ ନୋଟିସ୍ ବୋର୍ଡରେ ଲଗାଇ ଦେଇଥିଲେ। କେହି ନାମକ କମିଟି ସଦସ୍ୟ ଅନୁପସ୍ଥିତ କାରଣରୁ ଅଧ୍ୟକ୍ଷ ଓ ଅଧ୍ୟକ୍ଷା ଚୟନ ହୋଇପାରିବ ନାହିଁ ଆଉ ଦିନେ ଧାର୍ଯ୍ୟ ପାଇଁ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। ପୁଣି ସ୍କୁଲ ଶ୍ରେଣୀ ଗୃହରେ ବୈଠକ ବସିଥିଲା ବେଳେ କୋରମ ଅନୁଯାୟୀ କମିଟି ସଦସ୍ୟ ଉପସ୍ଥିତିର ଅଧ୍ୟକ୍ଷ ଭାବେ ତ୍ରିଲୋଚନ ସାହା ଓ ଅଧ୍ୟକ୍ଷା ଭାବେ ସସ୍ମିତା ପାତ୍ର ଚୟନ କରାଯାଇଥିବା ବେଳେ ଜଣେ ସଦସ୍ୟ ଏହାକୁ ବିରୋଧ କରି ଆଉଦିନ ଧାର୍ଯ୍ୟ କରିବାକୁ କହିବାରୁ ସ୍କୁଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ସହ ଠେଲାପେଲା ହେବାରୁ ପ୍ରଧାନ ଶିକ୍ଷକ ପୋଲିସ୍ କୁ ଜଣାଇଥିଲେ। ଘଟଣାସ୍ଥଳରେ ନନ୍ଦିପଦା ପୋଲିସ୍ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ନିୟମାନୁସାରେ ଏହାର ତଦନ୍ତ କରି ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



# ଦାନଗଦୀ ବ୍ଲକରେ DMF ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନରେ ମହାଦୁର୍ନୀତି ଅଭିଯୋଗ



## ଚାଲିଛି ଭିଜିଲାନ୍ସ ତଦନ୍ତ

ଯାଜପୁର ୧୨/୦୭(ଅକ୍ଷର ଓଡ଼ିଶା): ଦାନଗଦୀ ବ୍ଲକରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ହେବାକୁ ଥିବା ଗ୍ରାମୀଣ ଆଲୋକୀକରଣ ପ୍ରକଳ୍ପକୁ ନେଇ ଏବେ ଏକ ବଡ଼ ଦୁର୍ନୀତିର ଅଭିଯୋଗ ସାମ୍ନାକୁ ଆସିଛି। ପ୍ରଶାସନିକ ସ୍ତରରେ ବିପୁଳ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ କାଗଜପତ୍ର ଏବଂ ବାସ୍ତବ ସ୍ଥିତି ମଧ୍ୟରେ ଆକାଶ ପାତାଳ ଫରକ ଦେଖିବାକୁ ମିଳିଛି।ସୂଚନା ଅନୁଯାୟୀ, ଦାନଗଦୀ ବ୍ଲକର ୨୩ଟି ଗ୍ରାମ ପଞ୍ଚାୟତର ୧୨୬ଟି ଗାଁରେ ମୋଟ ୨୩୦୦ଟି ଖରଉ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ୩,୨୦,୧୬,୦୦୦ ଟଙ୍କା (୩ କୋଟି ୨୦ ଲକ୍ଷ ୧୬ ହଜାର) ର ଆକଳନ କରାଯାଇ ପ୍ରଶାସନିକ ଅନୁମୋଦନ ଦିଆଯାଇଥିଲା। ଏହି ସରକାରୀ ଆକଳନ ଅନୁସାରେ, ଗୋଟିଏ ଷ୍ଟ୍ରିଟ୍ ଲାଇଟ୍ ପିଛା ପ୍ରାୟ ୧୩,୯୨୦ ଟଙ୍କା ଖର୍ଚ୍ଚ କରାଯାଇଥିବା ନେଇ ସୂଚନା ଅଧିକାର ଆଇନ ତଥ୍ୟରୁ ପ୍ରକାଶ ପାଇଛି।ତେବେ ଏତେ ଅଧିକ ମୂଲ୍ୟର ଲାଇଟ୍ ଲଗାଇବା ପାଇଁ ନିର୍ଦ୍ଦେଶ ଥିବା ବେଳେ, ବାସ୍ତବରେ ବହୁ ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ଆଦୌ ଲାଗି ନଥିବା ଅଭିଯୋଗ ହୋଇଛି। ଯେଉଁ କେତେକ ସ୍ଥାନରେ ଲାଇଟ୍ ଲଗାଯାଇଛି, ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଅତି ନିମ୍ନମାନର ହୋଇଥିବାରୁ ଅଚଳ ବା ଖରାପ ହୋଇ ପଡ଼ି ରହିଛି। ଗୋଟିଏ ଲାଇଟ୍ ପାଇଁ ପ୍ରାୟ ୧୪ ହଜାର ଟଙ୍କା ବ୍ୟୟ ବରାଦ କରାଯାଇ ଏଭଳି ନିମ୍ନମାନର କାର୍ଯ୍ୟ କରାଯିବା ପଛରେ ଏକ ବଡ଼ ଧରଣର ଆର୍ଥିକ ହେରଫେର ହୋଇଥିବା ସନ୍ଦେହ କରାଯାଉଛି।ଏହି ମହାନିୟମିତତା ସାମ୍ନାକୁ ଆସିବା ପରେ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏବେ ଏହାର ଭିଜିଲାନ୍ସ ତଦନ୍ତ ଜାରି ରହିଛି। ସରକାରୀ ପାଣ୍ଠିର ଏଭଳି ଅପବ୍ୟବହାରକୁ ନେଇ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଭିଜିଲାନ୍ସ ବିଭାଗ ତୁରନ୍ତ ଏହି ମହାଘୋଟାଲାର ସମ୍ପୂର୍ଣ୍ଣ ତଦନ୍ତ ଶେଷ କରି ଦୋଷୀ ସରକାରୀ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଏବେ ଜୋରଦାର ଦାବି ହେଉଛି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ରକ୍ତଦାତା ସହ ଦୁର୍ବ୍ୟବହାର ଅଭିଯୋଗ

# ଥାନାରେ ଲିଖିତ ଅଭିଯୋଗ, ତଦନ୍ତ ଆରମ୍ଭ

ଖୋର୍ଦ୍ଧା, ୧୨/୦୭(ଅକ୍ଷର ଓଡ଼ିଶା) : ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାରରେ ଜଣେ ନିୟମିତ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ସହ ନିୟୋଜିତ ସୁରକ୍ଷାକର୍ମୀ ଦୁର୍ବ୍ୟବହାର କରିଥିବା ଅଭିଯୋଗକୁ ନେଇ ଶନିବାର ଚର୍ଚ୍ଚା ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ସ୍ୱେଚ୍ଛାକୃତ ରକ୍ତଦାତା ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ, ଅଭିଯୁକ୍ତ ସୁରକ୍ଷାକର୍ମୀଙ୍କ ବିରୋଧରେ ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି ଉଠିଛି। ଅଭିଯୋଗ ଅନୁଯାୟୀ, ଖୋର୍ଦ୍ଧାର ନିୟମିତ ସ୍ୱେଚ୍ଛାକୃତ ରକ୍ତଦାତା ତଥା ସାମ୍ବାଦିକ ଦିଲ୍ଲୀପ କୁମାର ପଟ୍ଟନାୟକ ଜଣେ ପ୍ରସୂତୀଙ୍କ ପାଇଁ ଜରୁରୀ ରକ୍ତର ଆବଶ୍ୟକତା ଥିବା ଖବର ପାଇ ଶନିବାର ସ୍ୱଇଚ୍ଛାରେ ରକ୍ତଦାନ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ରକ୍ତଭଣ୍ଡାରକୁ ଯାଇଥିଲେ। ସେହି ସମୟରେ ତରବରିଆ ଭାବେ ଭିତରକୁ ପ୍ରବେଶ କରୁଥିବାବେଳେ ଅନ୍ୟମନସ୍କତା କାରଣରୁ ସେ ଜୋତା ଖୋଲିବାକୁ ଭୁଲିଯାଇଥିଲେ। ଏହାକୁ ନେଇ ସେଠାରେ ନିୟୋଜିତ ସୁରକ୍ଷାକର୍ମୀ ତାଙ୍କୁ ଅଟକାଇବା ସହ କଥିତ ଭାବେ ଅସଦାଚରଣ କରିଥିଲେ ଏବଂ ତାଙ୍କ ସହ ଅପମାନଜନକ ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ସ୍ୱଇଚ୍ଛାରେ ସହଯୋଗ କରିବାକୁ ଯାଇଥିବା ଜଣେ ରକ୍ତଦାତାଙ୍କ ସହ ଏଭଳି ବ୍ୟବହାର ଅତ୍ୟନ୍ତ ଦୁଃଖଦ ଏବଂ ନିନ୍ଦନୀୟ ବୋଲି ସେ ଅଭିଯୋଗ କରିଛନ୍ତି। ଏନେଇ ଶ୍ରୀ ପଟ୍ଟନାୟକ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବା ସହ ଖୋର୍ଦ୍ଧା ଆଦର୍ଶ ଥାନାରେ ମଧ୍ୟ ସେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୁଲିସ ସମ୍ପୃକ୍ତ ସୁରକ୍ଷାକର୍ମୀଙ୍କୁ ଥାନାକୁ ଆଣି ଘଟଣାର ତଦନ୍ତ ଆରମ୍ଭ କରିଛି। ପୁଲିସ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ଏହିଘଟଣା ପରେ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେମାନଙ୍କ ମତରେ, ରକ୍ତଭଣ୍ଡାରକୁ ପ୍ରତିଦିନ ଅନେକ ସ୍ୱେଚ୍ଛାକୃତ ରକ୍ତଦାତା ଜୀବନ ବଂଚାଇବାର ଉଦ୍ଦେଶ୍ୟରେ ଆସିଥାନ୍ତି। ଏପରି ସମୟରେ ସେମାନଙ୍କ ସହ ମର୍ଯ୍ୟାଦାପୂର୍ଣ୍ଣ, ସୌଜନ୍ୟମୂଳକ ଓ ମାନବିକ ବ୍ୟବହାର କରାଯିବା ଉଚିତ। ଯଦି କୌଣସି ନିୟମ ଉଲ୍ଲଂଘନ ହୁଏ, ତେବେ ତାହାକୁ ଭଦ୍ର ଓ ଶାଳୀନ ଭାବରେ ବୁଝାଇ କୁହାଯାଇପାରେ। କିନ୍ତୁ ଦୁର୍ବ୍ୟବହାର କିମ୍ବା ଅପମାନଜନକ ଆଚରଣ କେବଳ ଜଣେ ରକ୍ତଦାତାଙ୍କୁ ନୁହେଁ, ବରଂ ସମଗ୍ର ସ୍ୱେଚ୍ଛାକୃତ ରକ୍ତଦାନ ଆନ୍ଦୋଳନକୁ ନିରୁତ୍ସାହିତ କରିପାରେ । ସମ୍ପୃକ୍ତ ରକ୍ତଦାତା କହିଛନ୍ତି ଯେ, ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତି ନ ହୁଏ ଏବଂ ରକ୍ତଦାନ ପାଇଁ ଆସୁଥିବା ପ୍ରତ୍ୟେକ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ସମ୍ମାନ ଓ ସୌଜନ୍ୟର ସହ ବ୍ୟବହାର କରାଯାଏ, ସେଥିପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି ।

## କନ୍ଧ ନୂଆଗାଁରେ ଦେଶୀ ମଦର ଅବାଧ କାରବାରକୁ ନେଇ ଜନ ଅସନ୍ତୋଷ

ଖଣ୍ଡପଡ଼ା ୧୨।୭ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ବ୍ଲକର ସିଙ୍ଘାପଡା ପଞ୍ଚାୟତ ଅଧୀନ  କନ୍ଧ ନୂଆଗାଁରେ ଦେଶୀ ମଦ ପ୍ରସ୍ତୁତି ସହ ଅବାଧ ଚୋରା କାରବାରକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଦିର୍ଘ ମାସ ଧରି କନ୍ଧ ନୂଆଗାଁ ଗ୍ରାମର ଜଣେ ବ୍ୟକ୍ତି ବାସଗୃହ  ପଛ ପାଖରେ ଦେଶୀ ମଦ ପ୍ରସ୍ତୁତ କରି ଅବାଧରେ ବିକ୍ରୀ କରୁଥିବା ଅଭିଯୋଗ ହେଉଛି। ଖାଲି ସେତିକି ନୁହେଁ ଦୈନିକ ଉକ୍ତ ସ୍ଥାନରୁ ଶହଶହ ଲିଟର ଦେଶୀ ମଦ ଆଖପାଖ ଅଞ୍ଚଳକୁ ଚୋରାରେ ଚାଲାଣ ହେଉଥିବା ଅଭିଯୋଗ ହେଉଛି।ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ବ୍ୟକ୍ତି ଏହି ଚୋରା ଦେଶୀ ମଦ କାରବାରରେ ଲିପ୍ତ ଥିବା ବେଳେ ସମୟେ ସମୟେ ଏହି କାରବାରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବା ନିକଟସ୍ଥ ରୁପାପଲ୍ଲୀ ଓ କନ୍ଧ ନୂଆଗାଁ ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ଅବକାରୀ ବିଭାଗର ସ୍ଥାଣୁତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଦେଶୀ ମଦ ବେପାରୀମାନେ ବେଶ ସକ୍ରୀୟ ହୋଇ ଉଠିଥିବା ଜଣାଯାଇଛି।ଖଣ୍ଡପଡା ଥାନା ଓ ଅବକାରୀ କାର୍ଯ୍ୟାଳୟ ଠାରୁ ମାତ୍ର ୮ କିଲୋମିଟର ଦୁରରେ ଦେଶୀ ମଦ ରନ୍ଧା ଯାଇ ଆଖପାଖ ଅଞ୍ଚଳକୁ ଚୋରାରେ ଚାଲାଣ ହେଉଥିବା ବେଳେ ପୁଲିସ ଓ ଅବକାରୀ ବିଭାଗ କର୍ମଚାରୀମାନେ ଏ ସଂପର୍କରେ ଟେର ନ ପାଇବା ଆଶ୍ଚର୍ଯ୍ୟର ବିଷୟ ଅଟେ। ଦିର୍ଘ ଦିନ ତଳେ ସ୍ଥାନୀୟ ବାସିନ୍ଦା ଏ ସଂପର୍କରେ ଖଣ୍ଡପଡା ଅବକାରୀ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳଘର ଶୂନ ବୋଲି ଜଣାପଡିଛି।ସୂଚନାଯୋଗ୍ୟ କନ୍ଧ ନୂଆଗାଁ ଗ୍ରାମଟି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅବସ୍ଥିତ ହୋଇଥିବାରୁ ଦୀପ ତଳ ଅନ୍ଧାର ପରି ଅବକାରୀ ଓ ପୁଲିସ ବାବୁଙ୍କ ଦୃଷ୍ଟି ଆଢୁଆଳରେ ଏହି ଦେଶୀ ମଦ ପ୍ରସ୍ତୁତ ସ୍ଥାନଟି ରହି ଯାଇଥିବା ଜଣାପଡିଛି। ତେଣୁ ଏଥିପ୍ରତି ଖଣ୍ଡପଡା ପୁଲିସ ଓ ନୟାଗଡ ଅବକାରୀ ଅଧିକ୍ଷକ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ଗାଁ ଦାଣ୍ଡରେ ଯୁବକକୁ ନିର୍ମମ ହତ୍ୟା

# ଉତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ



ବନ୍ତଳା ୧୨/୦୭(ଅକ୍ଷର ଓଡ଼ିଶା) ଅନୁଗୋଳ ସଦର ଥାନା ଅନ୍ତର୍ଗତ ବାଲୁଅକଟା ଗ୍ରାମ ପଞ୍ଚାୟତ କୁମ୍ଭକର୍ଣ୍ଣ ସାହିରେ ଶନିବାର ରାତି ପ୍ରାୟ ସାଢେ ନଅଟା ବେଳେ ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରା ଯାଇଛି। ମୃତକ ଯୁବକ ଜଣଙ୍କ ହେଲେ ସେହି ଗ୍ରାମର ପର୍ଶୁ ବେହେରାଙ୍କ ପୁଅ ହେମନ୍ତ ବେହେରା (୪୦) ବୋଲି ସୂଚନା ମିଳିଛି। ଗ୍ରାମବାସୀଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ହେମନ୍ତ ବେହେରାଙ୍କ ଝିଆରୀକୁ ସରଧାପୁର ଅଞ୍ଚଳର ଜଣେ ବ୍ୟକ୍ତି ଭଲ ପାଉଥିଲେ। ଏନେଇ ବିବାହ କରିବା ପାଇଁ ଉକ୍ତ ଯୁବକ ଜଣଙ୍କ ଜିଦ୍ କରିଥିଲେ। ବିବାହ ନକରିବା ପାଇଁ ହେମନ୍ତ ବେହେରାଙ୍କ ପରିବାର କହିଥିଲେ। ଯାହା ଫଳରେ ଆଜି ରାତିରେ ଉକ୍ତ ବ୍ୟକ୍ତି ଜଣଙ୍କ ଆସି ହେମନ୍ତଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଥିଲେ। ପରେ ଦୁଇ ଜଣଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ହେମନ୍ତଙ୍କୁ ଉକ୍ତ ବ୍ୟକ୍ତି ଜଣକ ଅତି ନିର୍ମମ ଭାବରେ ଆକ୍ରମଣ କରି ହତ୍ୟା କରି ଫେରାର ହୋଇ ଯାଇଛନ୍ତି। ରାତିରେ ପୋଲିସ ଶବ ବ୍ୟବଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। କିନ୍ତୁ ଅପରାଧୀଙ୍କୁ ଧରିବା ପାଇଁ ଗ୍ରାମବାସୀ ବନ୍ତଳା ଅନୁଗୋଳ ରାସ୍ତାର ସରଧାପୁର ଗ୍ରାମ ନିକଟରେ ନିଆଁ ଲଗାଇ ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ପ୍ରାୟ ପାଞ୍ଚ ଘଣ୍ଟା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏପଟେ ହତ୍ୟାକାଣ୍ଡ ସ୍ଥଳକୁ ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ନେଇ ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ମିଳିଛି।

## ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ହେଲେ ଦେବ୍ ଖରା




ଲକ୍ଷ୍ମୀପୁର ୧୨/୦୭(ଅକ୍ଷର ଓଡିଶା )ଲକ୍ଷ୍ମୀପୁର ବ୍ଲକ୍ ବିଜେପି ଦଳର ଯୁବ ନେତା ଦେବ୍ କୁମାର ଖରାଙ୍କୁ ମିଳିଛି ବଡ଼ ଦାୟିତ୍ୱ।ଜିଲ୍ଲା ସଭାପତି ଶିବ ମୁଦୁଲିଙ୍କ ଅନୁମୋଦନ କ୍ରମେ ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା କୋରାପୁଟ ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଭାବେ ଦେବ୍ କୁମାର ଖରା ଙ୍କ ନାମ ଘୋଷଣା କରିଥିବା ବେଳେ ଲକ୍ଷ୍ମୀପୁର ବିଜେପି ଦଳରେ ଖୁସିର ଲହରୀ ଖେଳି ଯାଇଛି। ଏଥି ସହ ଯୁବ ମୋର୍ଚ୍ଚାର ସଭାପତି, ଉପ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି।ଏନେଇ ଆସନ୍ତା କାଲି କୋରାପୁଟ ରେ ଜିଲ୍ଲା ବିଜେପି ତରଫରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ କରାଯିବ ବୋଲି ସୂଚନା ମିଳିଛି।

# ରଥଯାତ୍ରାରେ ନିୟୋଜିତ ହେବେ ୧୫ କମ୍ପାନୀ ସେଣ୍ଟ୍ରାଲ ଫୋର୍ସ






ପୁରୀ ୧୨/୦୭(ଅକ୍ଷର ଓଡ଼ିଶା) ମହାପ୍ରଭୁଙ୍କ ଆଶିର୍ବାଦ ଓ ଜନସାଧାରଣଙ୍କ ସହଯୋଗରେ ଚଳିତ ବର୍ଷର ରଥଯାତ୍ରା ସୁଚାରୁରୂପେ ସମ୍ପାଦନ ହେବ ବୋଲି ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି। ଜଣେ ଦାୟିତ୍ୱବାନ ଅଧିକାରୀ ଅଥବା କର୍ମଚାରୀ ବୋଲି ମନେ କରି ରଥଯାତ୍ରାରେ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତିପରିଡା ପରାମର୍ଶ ଦେଇଛନ୍ତି।ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବାକୁ ପୁରୀରେ ପୋଲିସ ଡିଜିଙ୍କ ଅଧ୍ୟକ୍ଷତାରେ ଆଜି ଶେଷ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୌରସଦନ ଠାରେ ଅନୁଷ୍ଠିତ ଏହି ବୈଠକରେ ଆରଏଏଫ,ସିଆରଏଫ,ଏସ ଟିୟୁ,ଏସଡ୍ବ୍ଲୁ, ବିଏସଏଫ,ଏସ ଏସଏମଏସଭି ,ଆରପିଏଫ ଜିଆରପି ଅଧିକାରୀଙ୍କ ସମେତ ରଥଯାତ୍ରା ଦାୟିତ୍ୱରେ ଥିବା ୧୯ ଜଣ ବରିଷ୍ଠ ଆଇପିଏସ ଅଧିକାରୀ ଉପସ୍ଥିତଥିଲେ। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ପୋଲିସ ମହାନିର୍ଦ୍ଦେଶକ ଖୁରାନିଆ କହିଥିଲେ ଯେରଥଯାତ୍ରା ପାଇଁ ଓଡ଼ିଶା ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ। ରଥଯାତ୍ରା ପାଇଁ ୧୩ ହଜାର ପୋଲିସ ଅଧିକାରୀ,କର୍ମଚାରୀ ଓ ହୋମଗାର୍ଡ ମୁତୟନ ହେବେ। ୧୫ କମ୍ପାନୀ ସେଣ୍ଟ୍ରାଲ ଫୋର୍ସ ମୁତୟନ ହେବେ। ଏନ୍ ଏସଜିଙ୍କୁ ମଧ୍ୟ ନିୟୋଜିତ କରାଯିବ। କୋଷ୍ଟଗାର୍ଡ ଓ ନ୍ୟାଭି ତଟରକ୍ଷା ଦାୟିତ୍ୱରେ ରହିବେ। ରେଲୱେ ଷ୍ଟେସନରେ ଜିଆରପି ଓ ଆରପିଏଫ ସୁରକ୍ଷା ଦାୟିତ୍ୱରେ ରହିବେ ବୋଲି ପୋଲିସ ମହାନିର୍ଦ୍ଦେଶକ ଖୁରାନିଆ କହିଥିଲେ। ସେହିପରି ରଥଯାତ୍ରାରେ ନିୟୋଜିତ ସମସ୍ତ ଅଧିକାରୀ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବେ ବୋଲି ଅତିରିକ୍ତ ଡ଼ିଜି ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି।ସେ କହିଛନ୍ତି ଯେ ପୋଲିସ କର୍ମଚାରୀମାନେ ଶ୍ରଦ୍ଧାଳୁମାନଙ୍କ ସହିତ ଉତ୍ତମ ବ୍ୟବହାର କରିବେ। ଶ୍ରଦ୍ଧାଳୁମାନଙ୍କ ସହିତ ବନ୍ଧୁତା ରକ୍ଷା କରି ପୋଲିସ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିବା ଏଡିଜି ପ୍ରିୟଦର୍ଶୀ କହିଥିଲେ। ଅନ୍ୟପକ୍ଷରେ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯାଇଥିବା ପରିବହନ କମିଶନର ଦାୟିତ୍ୱରେ ଥିବା ଏଡିଜି ଅମିତାଭ ଠାକୁର କହିଛନ୍ତି। ୭ ଜଣ ଏସପି ପାହ୍ୟାର ଅଧିକାରୀ ଟ୍ରାଫିକ ସୁପରିଚାଳନା ଦାୟିତ୍ୱରେ ରହିବେ । ୨୭ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀଠାକୁର କହିଥିଲେ। ଟ୍ରାଫିକ ସୁପରିଚାଳନା ପାଇଁ ବିଭିନ୍ନ ସେକ୍ଟର ସହିତ ମୋବିଲିଟି ପ୍ଲାନ୍ କରାଯାଇଛି। ତାଳବଣିଆ,ସମଙ୍ଗ, ମାଳତୀପାଟପୁର ପାର୍କିଂ ଠାରୁ ଶ୍ରଦ୍ଧାଳୁମାନଙ୍କୁ ମାଗଣା ଅଟୋ ସେବା ପ୍ରଦାନ କରାଯିବ ବୋଲି ଶ୍ରୀଠାକୁର କହିଥିଲେ।

## ଇସ୍କନ ବିରୋଧରେ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ

ଭୁବନେଶ୍ୱର ୧୨/୦୭(ଅକ୍ଷର ଓଡ଼ିଶା) ଅଦିନିଆ ରଥଯାତ୍ରା ବନ୍ଦ କରିବା ପାଇଁ ଗଜପତି ମହାରାଜ ଦିବ୍ୟସିଂହ ଦେବ ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଥିଲେ । ମାତ୍ର ଇସ୍କନ ଅଧ୍ୟକ୍ଷ ମଧୁସେବିତ ଦାସ ଗଜପତିଙ୍କ ଚିଠି ଓ ଅନୁରୋଧକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି । ଏହା କୌଣସି ମତେ ଗ୍ରହଣୀୟ ନୁହେଁ, ଓ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଅଧ୍ୟକ୍ଷ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରିଛନ୍ତି । ପୌରାଣିକ ଶାସ୍ତ୍ର ଅନୁସାରେ ୧୨ଶ ଶତାବ୍ଦୀରୁ ରାଜା ଅନନ୍ତବର୍ମା ଚୋଡ଼ଗଙ୍ଗ ଦେବଙ୍କ ସମୟରୁ ରଥଯାତ୍ରା ପରମ୍ପରା ପ୍ରଚଳିତ । ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିଦିନ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ ।

# ସ୍କୁଲ ପରିଚାଳନା କମିଟି ଗଠନକୁ ବିରୋଧ



ହିଞ୍ଜିଳିକାଟୁ, ୧୧/୭(ଅବନି କାନ୍ତ ପଟ୍ଟନାୟକ)ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ନନ୍ଦିକ ଗ୍ରାମର ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍କୁଲ କମିଟି ବିବାଦ ଘଟଣା ଦେଖିବାକୁ ମିଳିଛି ଆଜି ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ନନ୍ଦିକର ସରକାରୀ ଉଚ୍ଚ ବିଦ୍ୟାଳୟରେ ନୂତନ କମିଟି ଗଠନ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା । ବିଦ୍ୟାଳୟ ପରିସରରେ ସମସ୍ତ ଛାତ୍ରଛାତ୍ରୀଙ୍କ ଅଭିଭାବକକୁ ନେଇ ସକାଳ ୮ଟାରେ କମିଟି ଗଠନ ପାଇଁ ଆରମ୍ଭ ହୋଇଥିଲା ବୈଠକ । ବୈଠକର କିଛି ସମୟ ପରେ ହଠାତ କିଛି ଅଭିଭାବକ କମିଟି ଗଠନକୁ ନେଇ ପକ୍ଷପାତ ଦର୍ଶାଇ ପାଟିତୁଣ୍ଡ ହୋ ହାଲ୍ଲା କରି ବିଦ୍ୟାଳୟରୁ ଚାଲିଯାଇଥିଲେ । ପରେ ଖବର ପାଇଁ ହିଞ୍ଜିଳି ପୋଲିସ ଘଟଣା ସ୍ଥଳରେ ପହଂଚି ବୁଝାସୁଜା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ପରେ ପୋଲିସ ଉପସ୍ଥିତିରେ ଉପସ୍ଥିତି ଥିବା ଅଭିଭାବକ ମଧ୍ୟରୁ ୧୫ ଜଣିଆ କମିଟି ଚୟନ କରାଯାଇଥିଲା ।

# ବିଭିନ୍ନ ରକମର ଚାରା ରୋପଣ



ଲକ୍ଷ୍ମୀପୁର ୧୨/୦୭(ଅକ୍ଷର ଓଡ଼ିଶା) କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଗ୍ରୀନ୍ ଇଣ୍ଡିଆ ତରଫରୁ ଆଜି ମାରବାଇଗୁଡ଼ା ଗ୍ରାମ ରାସ୍ତା କଡରେ ବିଭିନ୍ନ ରକମର ଚାରା ରୋପଣ କରାଯାଇଛି। ଅଁଳା,ନିମ୍ବ,ଆଶୋକା, ଅଗସ୍ତି,ଡାଲଚିନି ଓ ବାଦାମ ଭଳି ଚାରା ରୋପଣ କରା ଯାଇଥିବା ବେଳେ ସୁରକ୍ଷା ନିମନ୍ତେ ପ୍ଲାଷ୍ଟିକ ଜାଲି ମଧ୍ୟ ଲଗା ଯାଇଛି।ଏହି କାର୍ଯ୍ୟକ୍ରମରେ ଗ୍ରିନ ଇଣ୍ଡିଆ ଗ୍ରୁପର ମୁଖ୍ୟ ଗୋପେଶ୍ୱର ଗରଡ଼ା ମାରବାଇଗୁଡ଼ା ଗ୍ରାମ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ହେମନ୍ତ ମହାନନ୍ଦିଆ,ଗ୍ରାମବାସୀ ଗୋବିନ୍ଦ ଚନ୍ଦ୍ର ସାହୁ ଓ ଶରତ ଚନ୍ଦ୍ର ସାହୁଙ୍କ ସହିତ ନେଇ ଚାରା ରୋପଣ କରିବା ସହ ଚାରା ରୋପଣ ଦ୍ୱାରା ମନୁଷ୍ୟ ଜୀବନରେ କି ପ୍ରଭାବ ପଡେ ତାହା ଉପରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ।ଏଥିରେ ଟିଟି ଝଲା ଗ୍ରାମ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଜୟଦାନ ଖରା,ଗ୍ରୀନ ଇଣ୍ଡିଆ ଗ୍ରୁପ ର ସଦସ୍ୟ ସୁବାସ ମାଝୀ,ଅକ୍ଷୟ କୁମାର ତୁରୁକ ଓ ବେଣୁ ଧର ସୁଚେନ୍ ସବୁ କ୍ଷେତ୍ରରେ ସହଯୋଗ କରିଥିଲେ।

# ଲୀଳାକ୍ଷେତ୍ର କାଙ୍କଣଶିଖରୀ ପରିଦର୍ଶନରେ ଖୋର୍ଦ୍ଧା ଏସପି

ବାଲୁଗାଁ, ୧୨/୦୭(ଅକ୍ଷର ଓଡ଼ିଶା) କିଛି ଦିନ ପରେ ଜଗତର ନାଥ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା।ପ୍ରତ୍ୟେକ ସ୍ଥାନରେ ଚତୁର୍ଦ୍ଧା ମୂର୍ତ୍ତି ରଥରେ ବିଜେ କରି ସ୍ଥଳ ପଥରେ ଯାତ୍ରା କରୁଥିବାବେଳେ ଲୀଳାକ୍ଷେତ୍ର କାଙ୍କଣ ଶିଖରୀରେ ଏହା ସମ୍ପୂର୍ଣ୍ଣ ଭିନ୍ନ।ଏଠାରେ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ପାଇଁ ନୌକାକୁ ରଥ ଭାବେ ସୁସଜ୍ଜିତ କରି ଚିଲିକା ଅକାତ ଜଳରାଶିରେ ନୌବିହାର ମାଧ୍ୟମରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ।ଯାହାକି ଚିଲିକା ନୀଳ ଜଳରାଶିରେ ଯାତ୍ରା କରି ମହାପ୍ରଭୁ ନିଜର ଲୀଳାକୁ ଆହୁରି ଗାରିମାପୁର୍ଣ୍ଣ କରିଥାଅନ୍ତି।ଏନେଇ କିପରି ସେହିଦିନ ଆସୁଥିବା ସମସ୍ତଙ୍କୁ ଭକ୍ତଙ୍କ ସୁରକ୍ଷା ଓ ଶାନ୍ତିପୂର୍ଣ୍ଣ ଦର୍ଶନ ନିମିତ୍ତ ସମସ୍ତ ପ୍ରୟାସ ଜାରି ରଖିବା ମୂଳ ଲକ୍ଷ୍ୟ ରହିଥିବା ବେଳେ ଶନିବାର ପୂର୍ବାହ୍ନରେ ଖୋର୍ଦ୍ଧା ଏସପି ପରମାର ସ୍ମିତ ପରଷୋତ୍ତମ ଦାସ,ନାଚୁଣୀ ଥାନା ଭାରପ୍ରାପ୍ତ ଅଧିକାରୀ ବିଭୁତି ଭୂଷଣ ମହାପାତ୍ର ଲୀଳାକ୍ଷେତ୍ର କାଙ୍କଣ ଶିଖରୀ ପରିଭ୍ରମଣ କରିବା ସହିତ ସ୍ଥାନୀୟ ଲୋକଙ୍କ ସହିତ  ସବିଶେଷ ଆଲୋଚନା କରିଛନ୍ତି।ଉକ୍ତ କାର୍ଯ୍ୟକ୍ରମରେ ସଭାପତି ସୁଶାନ୍ତ କୁମାର ସାହୁ,କମିଟି ସଦସ୍ୟଙ୍କ ସମେତ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

## ଏଣ୍ତଲବାରେ ବୋମା ବିସ୍ଫୋରଣ

# ଘଟଣାସ୍ଥଳରେ ବୈଜ୍ଞାନିକ ଦଳ, ଆରମ୍ଭ ହେଲା ତଦନ୍ତ

ଧର୍ମଶାଳା ୧୨/୦୭(ଅକ୍ଷର ଓଡ଼ିଶା)ଏଣ୍ତଲବା ଅଞ୍ଚଳରେ ଘଟିଥିବା ଭୟାବହ ବୋମା ବିସ୍ଫୋରଣ ଘଟଣାରେ ଏବେ ତଦନ୍ତ ଜୋରଦାର ହୋଇଛି। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ରାଜ୍ୟ ସ୍ତରୀୟ ବୈଜ୍ଞାନିକ ତଦନ୍ତକାରୀ ଦଳ (ସାଇଣ୍ଟିଫିକ୍ ଟିମ୍) ଘଟଣାସ୍ଥଳରେ ପହଞ୍ଚିଛନ୍ତି। ବିସ୍ଫୋରଣର କାରଣ ଏବଂ ଏଥିରେ କିଭଳି ବିସ୍ଫୋରକ ବ୍ୟବହାର କରାଯାଇଛି, ତାହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ ଆରମ୍ଭ ହୋଇଛି। ସୂଚନା ମୁତାବକ ଏଣ୍ତଲବା ଗ୍ରାମ ର ରାମଚନ୍ଦ୍ର ମଳିକ ଙ୍କ ପୁଅ ବିପିନ ମଳିକ ବୟସ (୨୮) ସେ ଏକ ବିସ୍ଫୋରକ ପାଖରେ ଆଣି ରଖିଥିଲେ ଏବଂ ସେ ବିସ୍ଫୋରକ ଫୁଟିବ କି ନାହଁ ତାକୁ ଯାଞ୍ଚ କଲା ବେଳେ ସେ ତା ହାତରେ ଫୁଟିଥିଲା ଏବଂ ଘଟଣା ସ୍ଥଳରେ ରକ୍ତ ଖେଳି ଯାଇଥିଲା ତାକୁ ସାଙ୍ଗେ ସାଙ୍ଗେ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଧର୍ମଶାଳା ହସ୍ପିଟାଲ ନେଇଥିଲେ ଏବଂ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଥିବାରୁ ତାକୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା.ଘଟଣା ସ୍ଥଳରେ ଜେନାପୁର ପୋଲିସ ଏବଂ ବୈଜ୍ଞାନିକ ଦଳ ଆସି ଛାନ ବୀନ କରୁଛନ୍ତି ଏବଂ ସୂଚନା ମୁତାବକ ଆଉ ଏକ ବୋମା ସେଇ ଜାଗାରୁ ଜେନା ପୁର ପୋଲିସ କୁ ମିଳିଛି ।

## ବ୍ରହ୍ମପୁର ଏଲ.ଭି.ପ୍ରସାଦ ମେଡ଼ିକାଲ ତରଫରୁ ଅଟଳ ସେନା ଅନୁକୂଲ୍ୟରେ ମାଗଣା ଚକ୍ଷୁଚିକିତ୍ସା ଶିବିର ଅନୁଷ୍ଠିତ

ବ୍ରହ୍ମପୁର ୧୨/୦୭(ଅକ୍ଷର ଓଡ଼ିଶା) ବ୍ରହ୍ମପୁର ନିକଟସ୍ଥ ରଙ୍ଗିପୁର ଗ୍ରାମ ରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଏଲ.ଭି.ପ୍ରସାଦ ମେଡ଼ିକାଲ ତରଫରୁ ଅଟଳ ସେନା ର ଅନୁକୂଲ୍ୟ ରେ ଆୟୋଜିତ ହୋଇଯାଇଥିଲା । ଏଥି ନିମନ୍ତେ ଗ୍ରାମର ତଥା ଅନେକ ବୃଦ୍ଧ ଏବଂ ବୃଦ୍ଧା ବ୍ୟକ୍ତି ମାନେ ନିଜର ସ୍ୱଇଚ୍ଛା ରେ ଆସି ନିଜର ଆଖି ପରୀକ୍ଷା କରିବା ସହ ଡାକ୍ତର ମାନଙ୍କ ପରାମର୍ଶ ଅନୁସାରେ ମାଗଣା ରେ ଚିକିତ୍ସା କରିପାରିବେ ବୋଲି ମେଡ଼ିକାଲ କର୍ତୃପକ୍ଷଙ୍କ ତରଫରୁ ସେମାନଙ୍କୁ କୁହା ଯିବା ସହ ସେମାନଙ୍କୁ ନେବା ଆଣିବା ର ବ୍ୟବସ୍ଥା ସହ ତାଙ୍କର ରହିବ ଏବଂ ଖାଇବା ର ସଂପୂର୍ଣ୍ଣ ଭାର ମେଡ଼ିକାଲ ଦ୍ୱାରା ମାଗଣା ରେ ପ୍ରଦାନ କରାଯିବ ବୋଲି ମେଡ଼ିକାଲ ତରଫରୁ କୁହାଯାଇଥିଲା । ଅନେକ ବରିଷ୍ଠ ଏବଂ ସ୍ପେସାଲିଷ୍ଟି ଡାକ୍ତର ମାନଙ୍କ ଦ୍ୱାରା ଉନର୍ତ ମାନ ର ଚିକିତ୍ସା ପ୍ରଦାନ କରା ଯିବା ସହ ସମସ୍ତ ପ୍ରକାର ବନ୍ଦବ୍ୟସ୍ତ କରିବା ନେଇ ଶୁଣିବା ପରେ ଲୋକ ମାନେ ମଧ୍ୟ ଅତି ଆନନ୍ଦ ସହକା ରେ ନିଜ ଇଚ୍ଛା ରେ ଆସି ଚକ୍ଷୁ ପରୀକ୍ଷା କରିବାର ଦେଖିବାକୁ ମିଳିଥିଲା । ଏହି ଅବସରରେ ବିଜେପି ନେତା ଅକ୍ଷୟ କୁମାର ମିଶ୍ର , ସୁନୀଲ ପାତ୍ର ଯୋଗ ଦେଇଥିବା ବେଳେ



ସେଠାକାର ସ୍ଥାନୀୟ ନେତା ଗଣେଷ ପାତ୍ର ,ଗୁରୁନାଥ ଖୁଣ୍ଟିଆ , ଶମ୍ଭୁ ମିଶ୍ର , ବିଦେଶୀ ଙ୍କ ସମେତ ବହୁତ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ । ଏଥି ସହିତ ଅଟଳ ସେନା ଯୁବ ବାହିନୀ ର ସମସ୍ତ ସଦସ୍ୟ ମଧ୍ୟ ଯୋଗଦାନ କରି କାର୍ଯ୍ୟକ୍ରମ ଟି କୁ ସୁରୁଖୁରୁ ରେ ପରିଚାଳନା କରିବାର ଦେଖିବାକୁ ମିଳିଥିଲା ।

# ରାଧାନାଥ ନୋଡାଲ ବିଦ୍ୟାପୀଠ ପାଇଁ ୧୫ ଜଣିଆ କମିଟି ଗଠନ

ଆଠଗଡ଼, ୧୨/୭(ଅକ୍ଷର ଓଡ଼ିଶା)ଖୁଣ୍ଟୁଣୀ ରାଧାନାଥ ନୋଡାଲ ବିଦ୍ୟାପୀଠରେ ସରକାରଙ୍କ ତରଫରୁ ଅଭିଭାବକ ଓ ଶିକ୍ଷକ ମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମ୍ମିଳନୀରେ ସମସ୍ତ ଅଭିଭାବକ ଯୋଗ ଦେଇଥିଲେ।ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରଦ୍ଧାଞ୍ଜଳି ସାମଲଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପର୍ଯ୍ୟବେକ୍ଷକ ଭାବରେ ପଡୋଶୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ସାହୁ ଓ ସି.ଆର୍.ସି.ସି ନୃସିଂହ ଚରଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିଚାଳନା ପାଇଁ ଏକ ୧୫ ଜଣିଆ କମିଟି ଗଠନ କରାଯାଇଥିଲା।ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କ ସଭା ପତିତ୍ୱରେ ଉପସ୍ଥିତ ଶିକ୍ଷକ,ସି.ଆର.ସି.ସି ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ ଓ ସଭ୍ୟାଙ୍କ ଉପସ୍ଥିତିରେ ସଭାପତି ଭାବରେ ସଂଜୟ କୁମାର ବେହେରା ଓ ଉପ-ସଭାପତି ଭାବରେ ବସୁମତୀ ନାୟକଙ୍କୁ ନିର୍ବାଚିତ କରାଗଲା।କମିଟିର ଅନ୍ୟ ସଭ୍ୟ ଓ ସଭ୍ୟା ମାନେ ହେଲେ ହେମନ୍ତ ନାୟକ, ନିରାକାର ବିଶ୍ୱାଳ, ସୁମନ୍ତ ଦଳେଇ,ପ୍ରଭା ସାମଲ, ଗଗନ ଦେହୁରୀ, ତୁଳସୀ ସାହୁ, ସସ୍ମିତା ବେହେରା, ନମିତା ରାଉତ, ସ୍ୱପ୍ନା ମଜଂରୀ ପରିଡା, ରଶ୍ମିତା ସାହୁ, ଶୁଭଲକ୍ଷ୍ମୀ ମହାରଣା, ସରସ୍ୱତୀ ଦେହୁରୀ ନିର୍ବାଚିତ ହେଇଛନ୍ତି ।





# ୱିମ୍ବଲଡନ୍ ରୟାଲ୍ ବକ୍ସରେ ସଚିନ-ଗିଲ୍

ଲଣ୍ଡନ ୧୨/୦୭: ୱିମ୍ବଲଡନ୍ ଓପନ୍‌ର ପୁରୁଷ ଏକକ ସେମିଫାଇନାଲ୍‌ରେ ଭାରତୀୟ କ୍ରିକେଟ୍ କିଂବଦନ୍ତି ତାରକା ସଚିନ ତେନ୍ଦୁଲକର ଏବଂ ଯୁବ ଅଧିନାୟକ ଶୁଭମନ ଗିଲ୍ ରୟାଲ୍ ବକ୍ସରେ ବସି ମ୍ୟାଚ୍‌ର ଆନନ୍ଦ ଉଠାଉଥିବା ଦେଖିବାକୁ ମିଳିଛି। ଦୁହିଁଙ୍କ ମଝିରେ ସଚିନଙ୍କ ପତ୍ନୀ ଅଞ୍ଜଳି ମଧ୍ୟ ବସିଥିଲେ। ଏମାନଙ୍କ ଉପସ୍ଥିତି ସେଣ୍ଟର କୋର୍ଟରେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହି ମ୍ୟାଚ୍‌ରେ ଜର୍ମାନୀର ଆଲେକ୍‌ଜାଣ୍ଡାର ଭେରେଭ୍ ସିଧାସଳଖ ସେଟ୍‌ରେ ବ୍ରିଟେନର ଆର୍ଥର ଫେରିଙ୍କୁ ପରାସ୍ତ କରି ପ୍ରଥମ ଥର ପାଇଁ ୱିମ୍ବଲଡନ୍‌ର ଫାଇନାଲ୍‌ରେ ପ୍ରବେଶ କରିଥିଲେ। ସୂଚନାଯୋଗ୍ୟ ଯେ ସଚିନ ତେନ୍ଦୁଲକର ବର୍ଷବର୍ଷ ଧରି ୱିମ୍ବଲଡନ୍‌ର ନିୟମିତ ଅତିଥି ରହିଆସିଛନ୍ତି। ଟେନିସ୍ ପ୍ରତି ତାଙ୍କର ଗଭୀର ଭଲ ପାଇବା ଓ ଆଗ୍ରହ ଥିବାରୁ ଏକାଧିକ ଥର ସେ ଅଲ୍ ଇଂଲଣ୍ଡ କ୍ଲବ୍‌ରେ ଆୟୋଜିତ ଏହି ପ୍ରତିଷ୍ଠିତ ପ୍ରତିଯୋଗିତା ଦେଖିବାକୁ ଯାଉଛନ୍ତି। ଅନ୍ୟପକ୍ଷରେ, ଗିଲ୍ ପ୍ରଥମ ଥର ୱିମ୍ବଲଡନ୍‌ର ରୟାଲ୍ ବକ୍ସରୁ ମ୍ୟାଚ୍ ଦେଖିବାର ସୁଯୋଗ ପାଇଥିଲେ। ଇଂଲଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳା ପୂର୍ବରୁ ମିଳିଥିବା ସ୍ୱଳ୍ପ ବିରତିର ସଦ୍‌ବ୍ୟବହାର କରି ସେ ଏହି ବିଶ୍ୱପ୍ରସିଦ୍ଧ ଟେନିସ୍ ପ୍ରତିଯୋଗିତାର ରୋମାଞ୍ଚ ଉପଭୋଗ କରିଥିଲେ। ଉଭୟ ଏକାଠି ବସି ମ୍ୟାଚ୍ ଦେଖୁଥିବାର ଫଟୋ ଭାଇରାଲ୍ ହୋଇଛି।

# ଇଂଲଣ୍ଡ ଦିନିକିଆ ଦଳରୁ ହର୍ଷିତ ବାଦ୍

ମୁମ୍ବାଇ ୧୨/୦୭: ବିସିସିଆଇ ରବିବାର ଆଗାମୀ ଇଂଲଣ୍ଡ ଓ ଜିମ୍ବାୱେ ବିପକ୍ଷ ଭାରତୀୟ ଦଳରେ ୨ଟି ପରିବର୍ତ୍ତନ କରିଛି। ଆହତ ଜନିତ କାରଣ ପାଇଁ ହର୍ଷିତ ରାଣା ଓ ବରୁଣ ଚକ୍ରବର୍ତ୍ତୀ ଦଳରୁ ବାଦ୍ ପଡ଼ିଛନ୍ତି। ଇଂଲଣ୍ଡ ବିପକ୍ଷ ଦିନିକିଆ ଦଳରେ ହର୍ଷିତଙ୍କ ସ୍ଥାନରେ ଦ୍ରୁତ ବୋଲର ପ୍ରିନ୍ସ ଯାଦବଙ୍କୁ ସାମିଲ କରାଯାଇଛି। ଆଗାମୀ ଦିନରେ ଯୋଗ ଦେବେ ସେହିଭଳି ଜିମ୍ବାୱେ ଗସ୍ତ ଭାରତୀୟ ଦଳରେ ବରୁଣଙ୍କ ସ୍ଥାନରେ ରବି ବିଷ୍ଣୋଇଙ୍କୁ ସାମିଲ କରାଯାଇଛି। ଜିମ୍ବାୱେ ଗସ୍ତରେ ଭାରତ ଘରୋଇ ଦଳ ବିପକ୍ଷରେ ୩ ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳିବ।

# ସ୍ୱିଜରଲ୍ୟାଣ୍ଡକୁ ୩-୧ରେ ପରାସ୍ତ, ସେମିଫାଇନାଲରେ ଆର୍ଜେଣ୍ଟିନା



କାନସାସ ସିଟି ୧୨/୦୭: ଲିଓନେଲ ମେସିଙ୍କ କୌଣସି ଗୋଲ ବିନା ଏକ ରୋମାଞ୍ଚକର ମ୍ୟାଚରେ ସ୍ୱିଜରଲ୍ୟାଣ୍ଡକୁ ୩-୧ ଗୋଲରେ ପରାସ୍ତ କରି ଆର୍ଜେଣ୍ଟିନା ଫିଫା ବିଶ୍ୱକପ୍ ୨୦୨୬ର ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। କାନସାସ ସିଟିରେ ଖେଳାଯାଇଥିବା ମ୍ୟାଚ୍ ବିଶ୍ୱକପର ସବୁଠାରୁ ତୀବ୍ର ମ୍ୟାଚ୍ ମଧ୍ୟରୁ ଗୋଟିଏ ପ୍ରମାଣିତ ହୋଇଛି। ଉଭୟ ଦଳ ସମ୍ପୂର୍ଣ୍ଣ ୯୦ ମିନିଟ୍ ପାଇଁ ୧-୧ ଗୋଲରେ ବରାବର ଥିଲେ, ଯାହା ପରେ ମ୍ୟାଚ୍ ଅତିରିକ୍ତ ସମୟରେ ଯାଇଥିଲା। ଲାଲ କାର୍ଡ ଯୋଗୁଁ ସ୍ୱିଜରଲ୍ୟାଣ୍ଡ ପୂର୍ବରୁ ୧୦ ଖେଳାଳିଙ୍କ ସହିତ ଖେଳୁଥିଲା ଏବଂ ଜୁଲିଆନ୍ ଆଲଭାରେଜ ୧୧୨ ମିନିଟରେ ଗୋଲ ଦେଇ ଅଗ୍ରଣୀ ହାସଲ କରିଥିଲେ। ଶେଷରେ ଲୌଟାରୋ ମାର୍ଟିନେଜ୍ ୧୨୧ ମିନିଟରେ ବିଜୟୀ ଗୋଲ ସ୍କୋର କରିଥିଲେ। ଆର୍ଜେଣ୍ଟିନା ଏବେ ସେମିଫାଇନାଲରେ ଇଂଲଣ୍ଡ ସହିତ ମୁକାବିଲା କରିବ।୯୦ ମିନିଟ୍ ୧-୧ ଗୋଲରେ ଡ୍ର ଆର୍ଜେଣ୍ଟିନା ପୁଣି ଥରେ ପ୍ରମାଣିତ କଲା ଯେ ଦଳ ଆଉ କେବଳ ଜଣେ ଖେଳାଳିଙ୍କ ଉପରେ ନିର୍ଭରଶୀଳ ନୁହେଁ। ପ୍ରଥମ ମିନିଟ୍‌ରୁ ଦଳ ଆକ୍ରମଣାତ୍ମକ ଆଭିମୁଖ୍ୟ ଆରମ୍ଭ କରିଥିଲା ଏବଂ ୧୦ମ ମିନିଟ୍‌ରେ ଆଲେକ୍ସିସ୍ ମ୍ୟାକ୍ ଆଲିଷ୍ଟର ଏକ ଚମତ୍କାର ଗୋଲ ଦେଇ ଆର୍ଜେଣ୍ଟିନାକୁ ୧-୦ରେ ଆଗୁଆ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ସ୍ୱିଜରଲ୍ୟାଣ୍ଡ ଏକ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲା। ୬୭ତମ ମିନିଟ୍‌ରେ ଡାନ୍ ଣ୍ଡୋଏ ଏକ ଚମତ୍କାର ଗୋଲ ଦେଇ ସ୍କୋରକୁ ୧-୧ରେ ସମାନ କରିଥିଲେ।ଉଭୟ ଦଳ ବିଜୟ ପାଇଁ ଯଥାସମ୍ଭବ ଚେଷ୍ଟା କରିଥିଲେ। କିନ୍ତୁ ୭୨ତମ ମିନିଟ୍‌ରେ ବ୍ରିଲ୍ ଏମ୍ବୋଲୋଙ୍କୁ ଲାଲ କାର୍ଡ ଦେଖାଇବା ପରେ ସ୍ୱିଜରଲ୍ୟାଣ୍ଡ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତା'ପରେ ସ୍ୱିଜରଲ୍ୟାଣ୍ଡ ଦଳକୁ ୧୦ ଜଣ ଖେଳାଳିଙ୍କ ସହିତ ମ୍ୟାଚ୍ ଖେଳିବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ସ୍ୱିଜରଲ୍ୟାଣ୍ଡ ଦୃଢ଼ ଭାବରେ ସ୍ଥିର ରହିଥିଲା। ୯୦ ମିନିଟ୍‌ର ଖେଳ ପରେ ଦୁଇ ଦଳ ୧-୧ରେ ବରାବର ସ୍ଥିତିରେ ଥିଲେ।ଅତିରିକ୍ତ ସମୟରେ ଆର୍ଜେଣ୍ଟିନା ବିଜୟୀ ୧୧୨ତମ ମିନିଟ୍‌ରେ ଜୁଲିଆନ୍ ଆଲଭାରେଜ୍ ଏକ ଚମତ୍କାର ଶେଷ ସହିତ ଆର୍ଜେଣ୍ଟିନାକୁ ୨-୧ରେ ଆଗୁଆ କରିଥିଲେ। ଏହି ଗୋଲ ସ୍ୱିଜରଲ୍ୟାଣ୍ଡର ଆଶାକୁ ଏକ ବଡ଼ ଧକ୍କା ଦେଇଥିଲା। ସ୍ୱିଜରଲ୍ୟାଣ୍ଡ ଦଳ ସମାନ ପାଇଁ ଯିବା ପରେ, ଲୌଟାରୋ ମାର୍ଟିନେଜ୍ ଅତିରିକ୍ତ ସମୟରେ (୧୨୦+୧ ମିନିଟ୍) ତୃତୀୟ ଗୋଲ କରି ବିଜୟକୁ ସିଲ୍ କରିଥିଲେ। ମାର୍ଟିନେଜ୍ ବଲ୍ ନେଟରେ ପକାଇବା ବେଳକୁ ମାତ୍ର ଚାରି ମିନିଟ୍ ବାକି ଥିଲା। ସ୍ୱିଜରଲ୍ୟାଣ୍ଡ ଜିତିଗଲା।

## ମେସିଙ୍କ ନୂଆ ରେକର୍ଡ



କାନ୍‌ସାସ୍ ୧୨/୦୭: ଚଳିତ ଫିଫା ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସି ରବିବାର ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ୧୯୬୬ ପରେ ପ୍ରଥମ ଖେଳାଳି ବିଶ୍ୱକପ୍‌ରେ ୧୦ ଗୋଲ୍‌ରେ ସହଯୋଗ କରିଛନ୍ତି। ଏହା କରିବାରେ ସେ ନିଜ ଦେଶର ଡିଏଗୋ ମାରାଡୋନା (୮)ଙ୍କୁ ଟପିଛନ୍ତି। ସ୍ୱିଜରଲାଣ୍ଡ ବିପକ୍ଷ କ୍ୱାର୍ଟରଫାଇନାଲ୍ ମ୍ୟାଚ୍‌ରେ ସେ ଏହି ମାଇଲ୍‌ଖୁଣ୍ଟ ଛୁଇଁଥିଲେ। ଏହି ମ୍ୟାଚ୍‌ର ଦଶମ ମିନିଟ୍‌ର ତାଙ୍କ ଚମତ୍କାର କର୍ଣ୍ଣର ପାସ୍‌ରେ ଆଲେକ୍ସିସ୍ ମ୍ୟାକ୍ ଆଲିଷ୍ଟର ଗୋଲ୍ ଦେଇ ଆର୍ଜେଣ୍ଟିନାକୁ ପ୍ରାରମ୍ଭିକ ଅଗ୍ରଣୀ କରାଇଥିଲେ। ଏଥିସହ ଅତିରିକ୍ତ ସମୟରେ ଦଳ ଜିତି ଲଗାତାର ବିଶ୍ୱକପ୍ ଫାଇନାଲ୍‌ରେ ପହଞ୍ଚିଛି। ୩୯ ବର୍ଷୀୟ ମେସିଙ୍କ ଉଭୟ ଗୋଲ୍ କରିବା ଓ ସହାୟତା ଯୋଗୁଁ ଦଳ ଚତୁର୍ଥ ଏବଂ ଲଗାତାର ଟ୍ରଫି ଜିତିବାଠୁ ମାତ୍ର ୨ ବିଜୟ ଦୂରରେ ରହିଛି।

### ୨-୧ରେ ଇଂଲଣ୍ଡ ବିଜୟ

# ନରୱେର ବିଶ୍ୱକପ୍ ସ୍ୱପ୍ନ ଭାଙ୍ଗିଲା





ନୂଆଦିଲ୍ଲୀ ୧୨/୦୭: ଫିଫା ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ଇଂଲଣ୍ଡ ଏକ ରୋମାଞ୍ଚକର ମ୍ୟାଚ୍‌ରେ ନରୱେକୁ ୨-୧ ଗୋଲରେ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ଉଭୟ ଦଳ ସମ୍ପୂର୍ଣ୍ଣ ୯୦ ମିନିଟ୍ ପର୍ଯ୍ୟନ୍ତ ୧-୧ରେ ବରାବର ରହିଥିଲେ, ଯାହା ପରେ ମ୍ୟାଚ୍ ଅତିରିକ୍ତ ସମୟକୁ ଯାଇଥିଲା। ଜୁଡ୍ ବେଲିଂହାମ୍ ଇଂଲଣ୍ଡର ଦ୍ୱିତୀୟ ଗୋଲ କରି ଏକ ସ୍ମରଣୀୟ ବିଜୟ ହାସଲ କରିଥିଲେ। ନରୱେ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲା। ଏର୍ଲିଙ୍ଗ୍ ହାଲାଣ୍ଡ ସବୁଠାରୁ ପ୍ରଭାବଶାଳୀ ଷ୍ଟ୍ରାଇକରମାନଙ୍କ ମଧ୍ୟରୁ ଜଣେ ଥିଲେ, ସାତଟି ଗୋଲ ସ୍କୋର କରିଥିଲେ। କିନ୍ତୁ ଶେଷରେ ଇଂଲଣ୍ଡର ଅଭିଜ୍ଞତା ଏବଂ ଏହାର ବରିଷ୍ଠ ଖେଳାଳିଙ୍କ ପ୍ରଦର୍ଶନ ଅତ୍ୟଧିକ ପ୍ରମାଣିତ ହୋଇଥିଲା।ନରୱେ ପ୍ରଥମ ମିନିଟ୍‌ରେ ଇଂଲଣ୍ଡ ଉପରେ ନିରନ୍ତର ଚାପ ପ୍ରୟୋଗ କରିଥିଲା। ଏହା ୩୬ତମ ମିନିଟ୍‌ରେ ସଫଳ ହୋଇଥିଲା ଯେତେବେଳେ ଆଣ୍ଡ୍ରିଆସ୍ ସ୍କେଲ୍ଡରପ୍ ଏକ ଚମତ୍କାର ଫିନିସିଂ ସହିତ ଗୋଲ କରି ତାଙ୍କ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧରେ ନରୱେର ପ୍ରତିରକ୍ଷା ମଧ୍ୟ ଦୃଢ଼ ଦେଖାଯାଉଥିଲା। ଅନେକ ଇଂଲିଶ ଆକ୍ରମଣକୁ ପ୍ରତିହତ କରିଥିଲା। ତଥାପି, ପ୍ରଥମାର୍ଦ୍ଧ ପରେ ଅତିରିକ୍ତ ସମୟରେ ଇଂଲଣ୍ଡକୁ ସମାନ କରିବାର ସୁଯୋଗ ମିଳିଥିଲା। ୪୫ତମ ମିନିଟରେ ଜୁଡ୍ ବେଲିଂହାମ୍ ଆନ୍ଥୋନି ଗର୍ଡନଙ୍କଠାରୁ ପାସ୍ ପାଇଲେ, ଏବଂ ଜୁଡ୍ କୌଣସି ଭୁଲ କରି ସ୍କୋର ୧-୧ କରିଥିଲେ।ଅତିରିକ୍ତ ସମୟରେ ଇଂଲଣ୍ଡର ବିଜୟ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ବିଜୟୀ ଗୋଲ ସ୍କୋର କରିବାକୁ ବାରମ୍ବାର ଚେଷ୍ଟା କରିଥିଲେ। ଇଂଲଣ୍ଡ ଦଖଲ ବଜାୟ ରଖିଥିଲା। ନରୱେ ଦ୍ରୁତ ପ୍ରତିଆକ୍ରମଣ ମାଧ୍ୟମରେ ସୁଯୋଗ ସୃଷ୍ଟି କରିଥିଲେ କିନ୍ତୁ ବିଫଳ ହୋଇଥିଲେ। ଉଭୟ ଗୋଲକିପର ଅନେକ ଚମତ୍କାର ସେଭ୍ କରିଥିଲେ, ଯାହା ଫଳରେ ଉଭୟ ଦଳକୁ ୯୦ ମିନିଟ୍ ପର୍ଯ୍ୟନ୍ତ ଅଗ୍ରଣୀ ପାଇବାରୁ ରୋକିଥିଲା। ଏହାପରେ ମ୍ୟାଚ୍ ଅତିରିକ୍ତ ସମୟରେ ଯାଇଥିଲା। ଇଂଲଣ୍ଡ ଅତିରିକ୍ତ ସମୟରେ ସେମାନଙ୍କର ଅଭିଜ୍ଞତା ପ୍ରଦର୍ଶନ କରିଥିଲା। ୯୩ତମ ମିନିଟରେ, ଜୁଡ୍ ବେଲିଂହାମ୍ ପୁଣି ଥରେ ତାଙ୍କର ଶ୍ରେଣୀ ପ୍ରମାଣିତ କଲେ, ଏକ ଚମତ୍କାର ଗୋଲ ସ୍କୋର କଲେ ଯାହା ଶେଷରେ ନିର୍ଣ୍ଣାୟକ ପ୍ରମାଣିତ ହେଲା।

## ଜର୍ମାନୀରେ ଅନିମେଷଙ୍କ ଯାଦୁ

# ବିଦେଶ ମାଟିରେ ଦ୍ରୁତତମ ଭାରତୀୟ



ଭୁବନେଶ୍ୱର ୧୨/୦୭: ଓଡ଼ିଶାର ପ୍ରତିଷ୍ଠିତ ଧାବକ ଅନିମେଷ କୁଜୁର ବିଦେଶ ମାଟିରେ ନିଜ ଯାଦୁ ଦେଖାଇଛନ୍ତି। ପୁଣି ଥରେ ତାଙ୍କ ଦ୍ରୁତଗତିର ପ୍ରମାଣ ଦେଇ ଜର୍ମାନୀର ୱେଟ୍‌ଜର୍ଲାସ୍ଥିତ ଏନ୍‌ୱାଗ୍ ଷ୍ଟାଡିୟମରେ ଆୟୋଜିତ ପୁମା ଫାଷ୍ଟ ଆର୍ମସ୍ ଫାଷ୍ଟ ଲେଗ୍-୨୦୨୬ ଦେଡ଼କୁଦ ପ୍ରତିଯୋଗିତାର ପୁରୁଷ ୧୦୦ ମିଟର ଫାଇନାଲକୁ ୧୦.୧୪ ସେକେଣ୍ଡରେ ଶେଷ କରି ରୌପ୍ୟ ପଦକ ଜିତି ନେଇଛନ୍ତି। ତା' ସହିତ ବିଦେଶ ମାଟିରେ କୌଣସି ଭାରତୀୟଙ୍କ ଦ୍ୱାରା ସବୁଠୁ ଦ୍ରୁତ ୧୦୦ ମିଟର ଦୌଡ଼ିବାର ରେକର୍ଡ ସ୍ଥାପନ କରିଛନ୍ତି। ୧୦୦ ମିଟରରେ ଅନିମେଷଙ୍କ ୧୦.୧୪ ସେକେଣ୍ଡର ଟାଇମିଂ ମଧ୍ୟ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। ଏହା ଭାରତୀୟଙ୍କ ମଧ୍ୟରେ ସର୍ବକାଳୀନ ଦ୍ୱିତୀୟ ଦ୍ରୁତତମ ସମୟ। ସଂପ୍ରତି ସେ କେବଳ ଜାତୀୟ ରେକର୍ଡଧାରୀ ଗୁରିନ୍ଦରବୀର ସିଂହ (୧୦.୦୯ ସେକେଣ୍ଡ) ତାଙ୍କଠାରୁ ଆଗରେ ରହିଛନ୍ତି।ଫାଇନାଲ ପୂର୍ବରୁ ହିଟ୍‌ରେ ମଧ୍ୟ ଅନିମେଷ ଚମତ୍କାର ପ୍ରଦର୍ଶନ କରି ୧୦.୧୯ ସେକେଣ୍ଡରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପରେ ଫାଇନାଲରେ ସେ ନିଜର ପୂର୍ବ ବ୍ୟକ୍ତିଗତ ଶ୍ରେଷ୍ଠ ୧୦.୧୫ ସେକେଣ୍ଡକୁ ଅତିକ୍ରମ କରି ସଫଳତାର ନୂଆସ୍ତର ଛୁଇଁଥିଲେ। ୨୦୦ ମିଟରରେ ଭାରତୀୟ ଜାତୀୟ ରେକର୍ଡଧାରୀ ଅନିମେଷ ବର୍ତ୍ତମାନ ୧୦୦ ମିଟରରେ ମଧ୍ୟ ଦେଶର ଅନ୍ୟତମ ଶ୍ରେଷ୍ଠ ଧାବକ ଭାବେ ନିଜକୁ ପ୍ରତିଷ୍ଠିତ କରିଛନ୍ତି। ଭାରତୀୟମାନଙ୍କ ସର୍ବକାଳୀନ ପାଞ୍ଚଟି ଦ୍ରୁତତମ ୧୦୦ ମିଟର ସମୟ ମଧ୍ୟରୁ ତିନିଟି ଏବେ ତାଙ୍କ ନାମରେ ରହିଛି। ଏହି ସଫଳତା ପରେ ଅନିମେଷ କହିଛନ୍ତି ଯେ ସତ କହିବାକୁ ଗଲେ ମୁଁ ଏଠାକୁ ଭଲ ଟାଇମିଂ ପାଇବା ପାଇଁ ଆସିନଥିଲି। ମୋର ପ୍ରଥମ ଲକ୍ଷ୍ୟ ଥିଲା ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ମାନଦଣ୍ଡ ହାସଲ କରିବା। ସେହି ଲକ୍ଷ୍ୟ ଏବେ ପୂରଣ ହୋଇଯାଇଛି। ତେଣୁ ଏବେ ନିଜ ପ୍ରଦର୍ଶନରେ ଆହୁରି ଉନ୍ନତ କରିବା ଉପରେ ଧ୍ୟାନ ଦେବି।

# ଭାରତ ବିପକ୍ଷ ଶେଷ ଟ୍ୱେଣ୍ଟି-୨୦ରେ ଜୋସ୍ ବଟଲରଙ୍କ ରେକର୍ଡ

ନୂଆଦିଲ୍ଲୀ ୧୨/୦୭: ଇଂଲଣ୍ଡ ୱିକେଟ୍‌କିପର ଜୋସ୍ ବଟଲର ଶନିବାର ଭାରତ ବିପକ୍ଷ ଶେଷ ଟ୍ୱେଣ୍ଟି-୨୦ରେ ନୂଆ ରେକର୍ଡ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୱିକେଟ୍‌କିପର ଭାବେ ଛକା ମାରିବାରେ ମହେନ୍ଦ୍ର ସିଂହ ଧୋନିଙ୍କୁ ଟପିଛନ୍ତି।ଭାରତ ବିପକ୍ଷ ଏହି ମ୍ୟାଚ୍‌ରେ ୬୪ ବଲ୍‌ରୁ ୧୩୧ ରନ୍ କରିଥିବା ବଟଲର ୮ ଛକା ମାରିଥିଲେ। ଏଥିସହ ୩୫ ବର୍ଷୀୟ ନିଜ କା ସଂଖ୍ୟା ୩୬୬ରେ ପହଞ୍ଚାଇଥିଲେ। ଏଥିସହ ଧୋନିଙ୍କ ନାମରେଥିବା ଛକା ରେକର୍ଡ ୩୫୯କୁ ଟପିଥିଲେ।ୱିକେଟ୍‌କିପର ଭାବେ ସର୍ବାଧିକ ଅନ୍ତର୍ଜାତୀୟ ଛକାଖେଳାଳି ଜୋସ ବଟଲର (ଇଂଲଣ୍ଡ) ୩୬୬ ଛକାଏମ୍‌ଏସ୍ ଧୋନି (ଭାରତ) ୩୫୯ ଛକାକ୍ୱିଣ୍ଟନ ଡି'କକ୍ (ଦକ୍ଷିଣ ଆଫ୍ରିକା) ୩୦୦ ଛକାଆଦମ ଗିଲକ୍ରିଷ୍ଟ (ଅଷ୍ଟ୍ରେଲିଆ) ୨୫୯ ଛକାବ୍ରେଣ୍ଡନ ମ୍ୟାକଲମ (ନ୍ୟୁଜିଲାଣ୍ଡ) ୨୦୮ ଛକା ।

## ଲକ୍ଷ୍ମୀପ୍ରିୟା ପରିଡ଼ା ସ୍ଥାୟୀ ବିକାଶରେ ଉତ୍କର୍ଷ ସମ୍ମାନ-୨୦୨୬ରେ ସମ୍ମାନିତ

ଦାରିଙ୍ଗବାଡ଼ି, ୧୨/୭(ମୃତ୍ୟୁଞ୍ଜୟ ପ୍ରଧାନ) କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁର ଝିଅ ଲକ୍ଷ୍ମୀପ୍ରିୟା ପରିଡ଼ା ପୁଣିଥରେ ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମହିଳାମାନଙ୍କ ସାମାଜିକ ଓ ଅର୍ଥନୈତିକ ସଶକ୍ତିକରଣ,ଜୀବିକାର ବିକାଶ ଏବଂ ନିରନ୍ତର ସମାଜସେବା କ୍ଷେତ୍ରରେ ଦୀର୍ଘ ୨୮ ବର୍ଷର ଉଲ୍ଲେଖନୀୟ ଅବଦାନ ପାଇଁ ସେ 'ସଷ୍ଟେନେବିଲିଟି ଏକ୍ସଲେନ୍ସ ଆୱାର୍ଡ-୨୦୨୬' ଅଧୀନରେ 'ଦେଶୀ ଧାକଡ଼-ନୟୀ ପହେଚାନ ସମ୍ମାନରେ ଭୂଷିତ ହୋଇଛନ୍ତି। ଗତ ୧୦ ଜୁଲାଇ ୨୦୨୬ରେ ମୁମ୍ବାଇସ୍ଥିତ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ପରିସରରେ ଆୟୋଜିତ ଏକ ସମାରୋହରେ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଇଣ୍ଡିଆନ୍ ଗ୍ରାମୀଣ ସର୍ଭିସେସ୍‌ର ଚିଫ୍ ଅପରେଟିଂ ଅଫିସର ଡ.ସଞ୍ଜୀବ ଷଡ଼ଙ୍ଗୀ, ନେହାଲ ଦାସ ଏବଂ ମୟଙ୍କ ମଜୁମଦାର ଉପସ୍ଥିତ ରହି ଲକ୍ଷ୍ମୀପ୍ରିୟାଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଆହୁରି ବିକାଶମୂଳକ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଥିଲେ। ସେହିପରି ସମାରୋହରେ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ସିନିୟର ଆଡଭାଇଜର ଡ.ଭାସ୍କର ଚାଟାର୍ଜୀ ,ହେଡ୍ ଅଫ୍ ସଷ୍ଟେନେବିଲିଟି ଆଣ୍ଡ ଷ୍ଟ୍ରାଟେଜି ଡେଭଲପମେଣ୍ଟ ର ଡ.ହରିଶ ଆହୁଜା ଏବଂ ଜେନେରାଲ ମ୍ୟାନେଜର,ଚିଫ୍ କ୍ଲାଇମେଟ ଫାଇନାନ୍ସ ନାବାର୍ଡ ର ଡ.ସଞ୍ଜୀବ ରୋହିଲା ପ୍ରମୁଖ ଯୋଗଦେଇଥିଲେ। ସୂଚନା ଯେ ମୋଟ ୯୩ଟି ଆବେଦନ ମଧ୍ୟରୁ ୧୭ ଜଣଙ୍କୁ ବ୍ୟକ୍ତିଗତ ଓ ସଂସ୍ଥାଗତ ଭାବରେ ଏହି ସମ୍ମାନ ପାଇଁ ମନୋନୀତ କରାଯାଇଥିଲା। ଏହି ସଫଳତା ପରେ ଲକ୍ଷ୍ମୀପ୍ରିୟା ପରିଡ଼ା ଇଣ୍ଡିଆନ୍ ଗ୍ରାମୀଣ ସର୍ଭିସେସ୍ ଏବଂ ସିଆଇଆଇ ର ସହଯୋଗ ଓ ପ୍ରେରଣା ପାଇଁ କୃତଜ୍ଞତା ଜଣାଇଛନ୍ତି।



### ଖୋର୍ଦ୍ଧା ପ୍ରିମିୟର ଲିଗ ଉଦ୍‌ଘାଟିତ

# ଜଟଣୀ ଓ ଇଗଲ ଖୋର୍ଦ୍ଧା ବିଜୟୀ

ଖୋର୍ଦ୍ଧା, ୧୨/୦୭(ଅକ୍ଷର ଓଡ଼ିଶା): ଖୋର୍ଦ୍ଧା କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମଠାର ପ୍ରଥମ ଖୋର୍ଦ୍ଧା ପ୍ରିମିୟର ଲିଗ କ୍ରିକେଟ କାର୍ଣ୍ଣିଭାଲ ଆରମ୍ଭ ହୋଇଯାଇଛି। ପ୍ରଥମ ମ୍ୟାଚରେ ଜଟଣୀ ଆନ ଇଣ୍ଡିଆନ ଚ୍ୟାଲେଞ୍ଜର୍ସ ଖୋର୍ଦ୍ଧା କଳିଙ୍ଗସ କୁ ୧୯ ରନ ରେ ପରାସ୍ତ କରିଛି। ଜଟଣୀ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୩୭ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଆଇ ଏସଗିରି ସର୍ବାଧିକ ୪୨ ରନ ଓ ସତ୍ୟରଞ୍ଜନ ଲେଙ୍କା ୩୪ ରନ କରିଥିଲେ। ଖୋର୍ଦ୍ଧା ପକ୍ଷରୁ ବିଶ୍ୱଭୂଷଣ ବିହାରୀ ୩ ଟି ଓ ରୁଦ୍ର ମଲ୍ଲିକ ୨ ୱିକେଟ ନେଇଥିଲେ । ଜବାବରେ ନିର୍ଦ୍ଧାରିତ ୨୦ ଓଭର ରେ ୯ୱିକେଟ ହରାଇ ୧୧୮ ରନ ରେ ସୀମିତ ରହିଥିଲେ। ଖୋର୍ଦ୍ଧା ତରଫରୁ ରୁଦ୍ର ମଲ୍ଲିକ ସର୍ବାଧିକ ୩୮ ରନ କରିଥିବାବେଳେ ଜଟଣୀ ପକ୍ଷରୁ ସୁମିତ ମହାରଣା ସର୍ବାଧିକ ୬ଟି ୱିକେଟ ନେଇଥିଲେ ଓ ଶ୍ରେଷ୍ଠ ଖେଳାଳୀ ବିବେଚିତ ହୋଇଥିଲେ। ପ୍ରାରମ୍ଭରେ ଓଡିଶା ରଣଜି ଟ୍ରଫି ତଥା ଆଇପିଏଲ ଖେଳାଳୀ ଶୁଭ୍ରାଂଶୁ ସେନାପତି, ସ୍ୱସ୍ତିକ ସାମଲ, ଜିଲ୍ଲା କ୍ରିକେଟ ସଙ୍ଘ ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଓସିଏ ର କୋଷାଧକ୍ଷ ବିକାଶ ପ୍ରଧାନ, ନୟାଗଡ କ୍ରିକେଟ ସଙ୍ଘ ସମ୍ପାଦକ ସଂଗ୍ରାମ ଗୁମାନସିଂ, ସତ୍ୟଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଟୁର୍ଣ୍ଣାମେଂଟ ର ଶୁଭ ଉଦଘାଟନ କରିଥିଲେ । ଦ୍ୱିତୀୟ ମ୍ୟାଚ ରେ ଇଗଲ ଇନଭିନ୍ସିବଲ ଖୋର୍ଦ୍ଧା କ୍ଲବ ବିଏସଏ ଭାଲିଆବାଡି କୁ ୧୧ ରନ ରେ ପରାସ୍ତ କରିଛି। ଇଗଲ କ୍ଲବ ପ୍ରଥମେ ବ୍ୟାଟିଂ କରି ଜ୍ୟୋତିରଞ୍ଜନ ବେହେରାଙ୍କ ଧୂଆଁ ଧାର ଶତକ(୧୧୭ ରନ ) ଓ ରାକେଶ ପଟ୍ଟନାୟକ ଙ୍କ ୨୭ ରନ ସହାୟତା ରେ ୬ୱିକେଟ ହରାଇ ୧୮୨ ରନ କରିଥିଲେ।ଭାଲିଆବାଡି ପକ୍ଷରୁ ବିକାଶ ବେହେରା ୨ ୱିକେଟ ନେଇଥିଲେ। ପ୍ରତ୍ୟୁତରରେ ଭାଲିଆବାଡି ଦଳ ନିର୍ଦ୍ଧାରିତ ୨୦ ଓଭର ରୁ ୯ ୱିକେଟ ହରାଇ ୧୭୧ ରନ ରେ ସୀମିତ ରହିଥିଲା। ଦଳ ପକ୍ଷରୁ ଆର୍ଯ୍ୟଶ୍ରୀ ଦେବାଶିଷ ଭଟ୍ଟ ସର୍ବାଧିକ ୬୩ ରନ ଏବଂ ରୂପକ ଜେନା ୪୪ ରନ ସଂଗ୍ରହ କରିଥିଲେ। ଇଗଲ କ୍ଲବ୍ ଖୋର୍ଦ୍ଧା ତରଫରୁ ଦେବୀପ୍ରସାଦ ରାଉତ ଓ ରାକେଶ ଶର୍ମା ୩ ଟି ଲେଖାଏଁ ୱିକେଟ ନେଇଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଜ୍ୟୋତିରଞ୍ଜନ ବେହେରାଙ୍କୁ ଅତିଥି ଭାଲିଆବାଡି ଟିମ ଓନର ବିକାଶ ପ୍ରଧାନ ଟ୍ରଫିପ୍ରଦାନ କରିଥିବାବେଳେ ଓ ଶତକ ପାଇଁ ଅତିରିକ୍ତ ୫୦୦୦ ଟଙ୍କା ର ପୁରସ୍କାର ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ର ସଭାପତି ଅଭିଷେକ ସିଂ ସାମନ୍ତ ପ୍ରଦାନ କରିଥିଲେ। ଖେଳ କୁ ପ୍ରୀତିରଞ୍ଜନ ବିଜୟସିଂ ଓ ଅବଦୁଲ ରହିମ ଖାନ ପରିଚାଳନା କରିଥିବାବେଳେ ଅଭିଷେକ ମହାନ୍ତି ସ୍କୋରର ଥିଲେ।



## ବିଏଲଓଙ୍କୁ ଅନମେପିଙ୍ଗର ପରବର୍ତ୍ତୀ ଶୁଣାଣି ଉପରେ ପ୍ରଶିକ୍ଷଣ



ଆସିକା :-୧୨/୦୭/(ଅକ୍ଷର ଓଡିଶା )ଆସିକା ପଂଚାୟତ ସମିତି ସଭା ଗୃହରେ ବି ଏଲ ଓ ମାନଙ୍କୁ ସଂଘନ ସଂଶୋଧନ ଭୋଟର ତାଲିକାବେଳେ ହୋଇଥିବା ଅନମେପିଙ୍ଗ ଭୋଟର ମାନଙ୍କ ଅଭିଯୋଗ ଶୁଣାଣି ଉପରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଭଞ୍ଜନଗର ଅତିରିକ୍ତ ଉପଜିଲ୍ଲାପାଳ ପ୍ରଧାନ ଟୁଲୀ ଆମ୍ମା, ତହସିଲଦାର ସଂଗୀତା ସେନ, ଅତିରିକ୍ତ ତହସିଲଦାର ଅମରେଶ ସାବତ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବେହେରା, ପ୍ରମୁଖ ଉପସ୍ଥିତ ଥିଲେ । ଆସିକା ନିର୍ବାଚନ ମଣ୍ଡଳୀର ୨୭ ଗୋଟି ପଂଚାୟତ ଏବଂ ଆସିକା ପୌର ପରିଷଦ ର ସମସ୍ତ ବୁଥ ରେ ନିୟୋଜିତ ବିଏଲଓ ମାନେ ଉପସ୍ଥିତ ଥିଲେ ଓ ଚଳିତ ଏସ ଆଇ ଆର ବେଳେ ମୋଟ ୦୫ ହଜାର ରୁ ଉର୍ଦ୍ଧ ଭୋଟର ମାନଙ୍କ ନାମ ଅନ ମେପିଙ୍ଗ ହୋଇ ରହିଛି ଓ ଏମାନଙ୍କ ନାମ ୨୦୦୨ ମସିହାରେ ଅଂଚଳ ରେ ରହୁନଥିବାରୁ ଅନ ମେପିଙ୍ଗ ହୋଇ ରହିଛି ଓ ଏହି ଅନ ମେପିଙ୍ଗ ଭୋଟର ମାନଙ୍କୁ କିଭଳି ନୋଟିସ ବଣ୍ଟନ ହେବା ସହ ଜୁଲାଇ ୧୮ ଠାରୁ ଅଗଷ୍ଟ ୦୫ ତାରିଖ ମଧ୍ୟରେ ଆସିକା ଗୋଷ୍ଠି ଉନ୍ନୟନ ଅଧିକାରୀ,ତହସିଲଦାର, ଅତିରିକ୍ତ ତହସିଲଦାର, ଅତିରିକ୍ତ ବିଡ଼ିଓ ଙ୍କ ନିକଟରେ ବୁଥ ଅନୁସାରେ ଉପସ୍ଥିତ ଏବଂ ଆବଶ୍ୟକ କାଗଜ ପତ୍ର ଦେଖାଇ ନିଜର ପକ୍ଷ ରଖିବାକୁ ତାଲିମ ଦିଆଯାଇଛି । ଚଳିତ ଏସ ଆଇ ଆର ରେ ଆସିକା ବ୍ଲକ ଓ ଏନ ଏ ସି ର ବୂଥ ସଂଖ୍ୟା ୧୫୩ ରୁ ୧୯୫ ହୋଇଥିବା ବେଳେ ହେଲା ସୁପରଭାଇଜର ମାନଙ୍କ ସଂଖ୍ୟା ୧୪ ରୁ ବୃଦ୍ଧି ହୋଇ ୧୯ ରେ ପହଁଚିଛି ଓ ଆଜିର ଏହି କାର୍ଯ୍ୟକ୍ରମ ରେ ସୁପରଭାଇଜର ରାମ ନାଥ ପଟନାୟକ,ଶିବ ଶଙ୍କର ଜେନା, ଶୁଭେନ୍ଦୁ ଶେଖର ଜେନା,ଧୋବା ବେହେରା, ନିରଞ୍ଜନ ପରିଡା, ବିଦ୍ୟାଧର ସାହୁ, ମନୋରଞ୍ଜନ ପାଢ଼ୀ, ଜଗନ୍ନାଥ ଦାସ, ବଂଶୀଧର ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera